# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-196 ♦SUNDAY ♦11 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୯୬ ♦ରବିବାର ♦୧୧ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)





◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

# ହାଡ଼ଭଙ୍ଗା ଜାଡ଼; ଥରୁଛି ଓଡ଼ିଶା

■ ଭୁବନେଶ୍ୱର, ୧୦।୧ (ସମିସ): ଗତ କିଛିଦିନ ହେବ ହାଡ଼ଭଙ୍ଗା ଜାଡ଼ରେ ପୂରା ଓଡ଼ିଶା ଥରୁଛି । ବିଶେଷକରି ଶୁକ୍ରବାର ରାତିରେ ରାଜ୍ୟର ୨୮ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ପ୍ରବଳ ଶୀତ ଜାନୁଆରୀ ମାସରେ ଅନୁଭୂତ ହୋଇଥିବା କେଇ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି । ଶୁକ୍ରବାର ରାତିରେ ଝାରସୁଗୁଡ଼ାରେ ୪.୫ ଡିଗ୍ରୀ ରାତି ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ଜାନୁଆରୀ ମାସରେ ଗତ ୭୩ ବର୍ଷର ସବୁଠାରୁ ଥଣ୍ଡା ରାତି ବୋଲି ଜଣାପଡ଼ିଛି । ସେହିପରି ଭୁବନେସ୍ୱରରେ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ଗତ ୨୨ ବର୍ଷରେ ସବୁଠାରୁ ଥଣ୍ଡା ରାତି ବୋଲି ପାଣିପାଗ ବିଜ୍ଞାନୀଙ୍କ ସୂତ୍ରରୁ ଜଣାପଡ଼ିଛି । ସେହିପରି ଗତ ଗୁରବାର ରାତିରେ ରାଉରକେଲାରେ ରାତି ତାପମାତ୍ରା ୩.୬ ଡିଗ୍ରୀ ରହିଥିବା ▶ପୃଷ୍ଠା-୧୦

**୨୮ ସହରରେ ପାରଦ ୧୦ ଡିଗ୍ରୀ ତଳେ**

**୭୩ ବର୍ଷର ରେକର୍ଡ ଭାଙ୍ଗିଲା ଝାରସୁଗୁଡ଼ା**

**ଜାନୁଆରୀ ମାସରେ ସର୍ବନିମ୍ନ ୪.୫ ଡିଗ୍ରୀ ତାପମାତ୍ରା ରେକର୍ଡ**



**୩୬ରୁ ଅଧିକ ନିଖୋଜ**

# ଧସିଲା ଆବର୍ଜନା ପାହାଡ଼: ୪ ମୃତ

■ ମାନିଲା, ୧୦।୧ (ଏଜେନ୍ସି): ଫିଲିପାଇନ୍ସର ସେବୁ ସିଟିରେ ଲାଣ୍ଡଫିଲ ଅର୍ଥାତ ଆବର୍ଜନାର ପାହାଡ଼ ଧସିବା ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ହୋଇଛି । ୧୬ ମହଲା ଉଚ୍ଚର ଏହି ଆବର୍ଜନା ଗଦା ଅଚାନକ ଧସିବା ଫଳରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୬ରୁ ଅଧିକ ଲୋକ ତଳେ ଦବି ରହିଛନ୍ତି ବା ନିଖୋଜ ହୋଇଛନ୍ତି । ଫଳରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି । ଏବେ ସେଠାରେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ତଳେ ଦବି ରହିଥିବା ବ୍ୟକ୍ତିଙ୍କୁ ଖୋଜିବା ଓ ଉଦ୍ଧାର କାର୍ଯ୍ୟ ପାଇଁ ୩୦୦ଜଣ ଉଦ୍ଧାରକାରୀଙ୍କୁ ନିୟୋଜିତ କରାଯାଇଛି । ବିନଲିଭ ଗାଁସ୍ଥିତ ଏକ ୱେଷ୍ଟ ସେଗ୍ରେସନ ଫ୍ୟାସିଲିଟିରେ ଏହି ଦୁର୍ଘଟଣା ଘଟିଥିଲା । ସେତେବେଳେ ଆବର୍ଜନାକୁ ଅଲଗା କରିବାକୁ ଶ୍ରମିକମାନେ କାର୍ଯ୍ୟ କରୁଥିଲେ । ପୁଲିସ ଦେଇଥିବା ସୂଚନା ଅନୁସାରେ ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଜୀବିତ ଅବସ୍ଥାରେ ବାହାର କରାଯାଇଛି । ଏଠାରେ ୧୧୨ ଜଣ କର୍ମଚରରୀ କାର୍ଯ୍ୟରତ ଥିଲେ ।

## ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଧାନକିଣାରେ ମାଲମାଲ ଅବ୍ୟବସ୍ଥା

# ମିଲର୍ ଅଧା ଖୁସି; ଦହଗଞ୍ଜ ଚାଷୀ


■ ଭୁବନେଶ୍ୱର, ୧୦।୧ (ସମିସ): ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ଯାଏଁ, ରାଜ୍ୟର ସବୁଆଡ଼େ ଧାନକିଣାରେ ଚରମ ଅବ୍ୟବସ୍ଥା ଜଳଜଳ ଦିଶୁଛି । କେଉଁଠି ଚାଷୀ ଧାନ ଧରି ବସିଛି, ହେଲେ ସରକାର ଟୋକନ ଦେଉନାହାନ୍ତି । କେଉଁଠି ଚାଷୀଙ୍କୁ ଟୋକନ ଜାରି ହୋଇସାରିଛି; ମାତ୍ର ମଣ୍ଡି ଖୋଲୁନାହିଁ । ଏପରିକି ଅନେକ ସ୍ଥାନରେ ମିଲରମାନେ୍ ଧାନ ଉଠାଇବାକୁ ଯାଉନାହାନ୍ତି । ରାଜ୍ୟ ସରକାର ମଡେଲ ମଣ୍ଡିର ସ୍ୱପ୍ନ ଦେଖାଇଥିବା ବେଳେ ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀ ରାତି ରାତି ବିତାଉଛନ୍ତି । ପୁଳାପୁଳା ସମସ୍ୟାରେ ଜର୍ଜରିତ ଚାଷୀକୁଳ ବାଧହୋଇ ଦଲାଲ୍‌ଙ୍କୁ ଧାନ କ୍ୱିଣ୍ଟାଲ ପିଛା ୧୫୦୦ରୁ ୧୮୦୦ ଟଙ୍କାରେ ବିକ୍ରି କରିଦେଉଛନ୍ତି । ସବୁ ଦେଖି-ଶୁଣି ସରକାର ଚାଷୀଙ୍କ ସମସ୍ୟାକୁ ଏକପ୍ରକାର ନଜରଅନ୍ଦାଜ କରିଦେଇଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷର ନିଆଁ କୁହୁଳିଲାଣି । ସରକାରୀ ପ୍ରତିଶ୍ରୁତି ପାଇ ମିଲର୍‌ମାନେ ଖୁସି ଥିବାବେଳେ ଦହଗଞ୍ଜ ହେଉଛନ୍ତି ଚାଷୀ । ସରକାର ଧାନ ନ କିଣିବା ପାଇଁ ଏତେ ▶ପୃଷ୍ଠା-୧୦

- ଧାନ ଧରି ବସିଛନ୍ତି; ଟୋକନ ମିଳୁନି
- ଟୋକନ ମିଳିଥିଲେ ବି ମଣ୍ଡି ଖୋଲୁନି
- ଏବେ ବି ୫ କେଜି ଯାଏଁ କଟ୍‌ନୀଛଟ୍‌ନୀ
- ଦଲାଲ୍‌ଙ୍କୁ ୧୮୦୦ରେ ଧାନ ବିକୁଛି ଚାଷୀ
- ଘୋଷଣାରେ ସୀମିତ ରହିଛି ମଡେଲ ମଣ୍ଡି



**ନବୀନଙ୍କ ଉଦ୍‌ବେଗ**

## ରାଜ୍ୟରେ ଭୁଶୁଡ଼ିପଡ଼ିଛି ଧାନ ସଂଗ୍ରହ ବ୍ୟବସ୍ଥା



■ ଭୁବନେଶ୍ୱର, ୧୦।୧ (ସମିସ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଖୋଦ୍ ସରକାରଙ୍କ ଦ୍ୱାରା ଚାଷୀ ପ୍ରତାରିତ, ଅସହାୟ ଓ ହତାଶ ହୋଇପଡ଼ିଛନ୍ତି ବୋଲି କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । 'ଚାଷୀଙ୍କୁ ସମ୍ମାନ'ର ନାରା ଦେଉଥିବା ବିଜେପି ସରକାରର ସମସ୍ତ ଘୋଷଣା ମିଛ ପ୍ରତିଶ୍ରୁତିରେ ପରିଣତ ହୋଇଛି । ସମ୍ମାନ ବଦଳରେ ଏ ସରକାରରେ ଚାଷୀ ସବୁଠୁ ଅସମ୍ମାନିତ ଓ ପ୍ରତାରିତ ବୋଲି ବିଜେଡି ସୁପ୍ରିମୋ ନବୀନ କହିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଅସହ୍ୟ ଥଣ୍ଡା-କାକର, ▶ପୃଷ୍ଠା-୧୦

**ବିଜେପି ସରକାରର ସବୁ ଘୋଷଣା ଏବେ ମିଛ ପ୍ରତିଶ୍ରୁତିରେ ପରିଣତ**

**ଚାଷୀ ଆନ୍ଦୋଳନକୁ 'ନୌଟଙ୍କି' କହୁଛନ୍ତି**

**ଡବଲ୍ ଇଞ୍ଜିନ୍ ସରକାରର ଚାଷୀଙ୍କୁ ସମ୍ମାନ ଏମିତି**

**ଚାଷୀଙ୍କ ହକ୍ ପାଇଁ ସ୍ୱର ଶାଣିତ କରିବ ବିଜେଡି**

# କ୍ଷେତରେ ଖସିପଡ଼ିଲା ବିମାନ

**୨ ପାଇଲଟଙ୍କ ସମେତ ୬ ଗୁରୁତର**

■ ରାଉରକେଲା, ୧୦।୧ (ସମିସ): ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ଇଣ୍ଡିଆ-ୱାନ୍ ଏୟାର ସେସ୍ନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ଶନିବାର ଅପରାହ୍ଣରେ ରାଉରକେଲାର ଜଳଦା ଅନ୍ତର୍ଗତ କଂସର ନିକଟବର୍ତ୍ତୀ ଗାଡିଆଟୋଲା ଅଞ୍ଚଳରେ ଜରୁରୀକାଳୀନ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନରେ ଥିବା ୨ ପାଇଲଟ ଓ ୪ ଯାତ୍ରୀ ଆହତ ହୋଇଛନ୍ତି । କୋଲକାତା ଓ ରାଉରକେଲା ଏଟିସିରୁ ସୂଚନା ପାଇବା ପରେ ସ୍ଥାନୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରି ସୁରକ୍ଷା କଡ଼ାକଡ଼ି କରିଥିଲେ ।

ସୂଚନାନୁଯାୟୀ, ବିମାନଟି ଇଣ୍ଡିଆ-ୱାନ୍ ଏୟାର ସେବା ଅଧୀନରେ ଭୁବନେଶ୍ୱରରୁ ରାଉରକେଲାକୁ ନିୟମିତ ଉଡ଼ାଣ କରୁଥିଲା । ପ୍ରତିଦିନ ଭଳି ବିମାନଟି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନବନ୍ଦରରୁ ଶନିବାର ନିର୍ଦ୍ଧାରିତ ସମୟରେ ଉଡ଼ାଣ ଭରିଥିଲା । ମଝି ଆକାଶରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଅପରାହ୍ଣ ୧ଟା ୧୮ ମିନିଟରେ କୋଲକାତା ଏଟିସି ରାଡାର ଅସ୍ଥାୟୀ ଯୋଗାଯୋଗ ହରାଇଥିଲା । ପାଇଲଟ୍ ତୁରନ୍ତ ଏଟିସିକୁ ସୂଚନା ଦେବା ସହ ସତର୍କତାର ସହିତ ପ୍ରାୟ ୧ଟା ୪୦ ମିନିଟରେ ରାଉରକେଲାର ଜଳଦା ଅନ୍ତର୍ଗତ ▶ପୃଷ୍ଠା-୧୦



**ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା ୯ ସିଟ୍‌ର ବିମାନ**

**ଜରୁରୀ ଅବତରଣ ବେଳେ ଦୁର୍ଘଟଣାର ସମ୍ମୁଖୀନ**

**ସିଲିକନ୍‌ର ପୁଲିସ ନିଯୁକ୍ତି ପରୀକ୍ଷା ପରିଚାଳନା**

# 'ପ୍ରଥମେ କ୍ଲିନ୍‌ଚିଟ୍, ପରେ ମାଷ୍ଟରମାଇଣ୍ଡ'

■ ଭୁବନେଶ୍ୱର, ୧୦।୧ (ସମିସ): ପୁଲିସ ଏସ୍ଆଇ ଚାକିରି କେଳେଙ୍କାରୀ ଘଟଣାରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି । ଏହି ଘଟଣାରେ ଏବେ ଏକ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି । ଏସ୍ଆଇ ଚାକିରି ପରୀକ୍ଷା ପରିଚାଳନା ପାଇଁ ସିଲିକନ୍ ଟେକ୍ ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ କ୍ରାଇମ୍‌ବ୍ରାଞ୍ଚ କ୍ଲିନ୍‌ଚିଟ୍ ଦେଇଥିଲା ବୋଲି ଜଣାଯାଇଛି । ତେବେ କ୍ରାଇମବ୍ରାଞ୍ଚ ଭଳି ପାରିବାର ସଂସ୍ଥା କେଉଁ ଆଧାରରେ ସିଲିକନ୍‌କୁ କ୍ଲିନ୍‌ଚିଟ୍ ଦେଲା, ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନାନୁଯାୟୀ, ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ କୌଣସି ସଂସ୍ଥାକୁ ଦାୟିତ୍ୱ ଦେବା ପୂର୍ବରୁ ସରକାର ସଂପୃକ୍ତ ସଂସ୍ଥା ସଂପର୍କରେ ଆମୂଳଚୂଳ ତଥ୍ୟ ସଂଗ୍ରହ କରିଥା'ନ୍ତି । ଏସ୍ଆଇ ପରୀକ୍ଷା ପରିଚାଳନା ପାଇଁ ସିଲିକନ୍‌କୁ ବଛାଯିବା ପୂର୍ବରୁ ସଂସ୍ଥା ସଂପର୍କରେ ▶ପୃଷ୍ଠା-୧୦

**କ୍ରାଇମବ୍ରାଞ୍ଚର ଅନୁସନ୍ଧାନ**

**ଫୋନ୍ କଲ୍‌ରେ ତଥ୍ୟ ଯାଞ୍ଚ କରିଥିଲେ ତଦନ୍ତ ଅଧିକାରୀ**

**ଗୁଗଲ୍ ଓ ୨ ପୋର୍ଟାଲ ଦେଖି ଦିଆଯାଇଥିଲା କ୍ଲିନ୍‌ଚିଟ୍**

## 'ଆଇ-ପ୍ୟାକ୍'ରେ ଚଢ଼ଉକୁ ନେଇ ପଶ୍ଚିମବଙ୍ଗ ରାଜନୀତି ସରଗରମ

# ମମତାଙ୍କ ବିରୋଧରେ ସୁପ୍ରିମକୋର୍ଟ ଗଲା ଇଡି

■ କୋଲକାତା, ୧୦।୧ (ଏଜେନ୍ସି): ଆଇ-ପାକ୍ ଅଫିସରେ ଗତ ଗୁରୁବାର ଦିନ ଚଢ଼ଉ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ଉପୁଜାଇବାକୁ ବିରୋଧ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ସମ୍ବିଧାନର ଧାରା ୩୨ ଅନୁଯାୟୀ ଇଡି ସର୍ବୋଚ୍ଚ ଅଦାଲତରେ ଏକ ପିଟିସନ ଦାୟର କରି ମମତା ଓ ରାଜ୍ୟ ପ୍ରଶାସନ ବିରୋଧରେ ଅଭିଯୋଗ ଆଣିବା ସହିତ କୋଇଲା ଦୁର୍ନୀତିର ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ ଅନୁରୋଧ କରିଛି ।

ଅନ୍ୟପକ୍ଷରେ ଇଡିର ଆବେଦନକୁ ବିରୋଧ କରି ମମତା ଆଜି ସୁପ୍ରିମ୍‌କୋର୍ଟରେ କେଭିଏଟ୍ ପିଟିସନ୍ ଦାୟର କରିଛନ୍ତି । ସୁପ୍ରିମ୍‌କୋର୍ଟରେ କରିଥିବା ଆବେଦନରେ ଇଡି ଦର୍ଶାଇଛି ଯେ, କୋଇଲା ଦୁର୍ନୀତି ମାମଲାର ନିରପେକ୍ଷ ତଦନ୍ତ ଚାଲୁଥିଲେ ହେଁ ରାଜ୍ୟ ପ୍ରଶାସନ ଏଥିରେ ବାଧା ଦେଉଛି । ତେଣୁ ସିବିଆଇ ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯାଉ । ଏଥିରେ ଇଲେକଟ୍ରୋନିକ ଡିଭାଇସ ମଧ୍ୟ ଥିଲା ଏବଂ ଏଥିରେ ଦୁର୍ନୀତି ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରହିଥିବା ଇଡି ଆବେଦନରେ ଦର୍ଶାଇଛି ।

କଲିକତା ହାଇକୋର୍ଟରେ ଇଡି ଦର୍ଶାଯାଇଛି ଯେ ଏହି ମାମଲାରେ ଗତ ଗୁରୁବାର ଦିନ ଆଇ-ପାକ୍ ଅଫିସ୍ ଏବଂ ସଂସ୍ଥାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଚଢ଼ଉ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ଅଧିକାରୀଙ୍କ ସହ ସେଠାରେ ପହଞ୍ଚି ଇଡି ଅଧିକାରୀଙ୍କଠାରୁ ଫାଇଲ ଛଡ଼ାଇ ନେଇଥିଲେ । ଏହି ଫାଇଲ ସହିତ ପକ୍ଷରୁ ଏଭଳି ପିଟିସନ ଦାଖଲ କରାଯାଇଥିଲା ଏବଂ ମମତାଙ୍କ ବିରୋଧରେ ମାମଲା ଲାଗି ଅନୁମତି ଲୋଡ଼ାଯାଇଥିଲା । ମାତ୍ର ମାମଲାର ଶୁଣାଣି ବେଳେ କୋର୍ଟ ରୁମରେ ଅତ୍ୟଧିକ ଗହଳି ଯୋଗୁଁ ହାଇକୋର୍ଟ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଶୁଣାଣି ମୁଲତବୀ ରଖିଥିବାରୁ ▶ପୃଷ୍ଠା-୧୦

**କାଭିଏଟ୍ ପିଟିସନ ଦାଖଲ କଲେ ମମତା**


**ମମତାଙ୍କୁ ଶୁଭେନ୍ଦୁ ଅଧିକାରୀଙ୍କ ଓକିଲ ନୋଟିସ୍**

# ଖୋଲୁନି ଓଏସ୍‌ଏସ୍‌ସି ଓ ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍

**ଆବେଦନ ହେଉନି; ଆଶାୟୀ ନିରାଶ**

■ ଭୁବନେଶ୍ୱର, ୧୦।୧ (ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନୁରୂପ ଭାବେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୩୨୫୦ ପଦରେ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି । ମାତ୍ର ଆବେଦନ ଆରମ୍ଭରୁ ହିଁ ଆବେଦନ ପ୍ରକ୍ରିୟା ଝୁଣ୍ଟିଛି । ଉଭୟ ୱେବସାଇଟ୍ ଅନେକ ସମୟରେ ଖୋଲୁ ନଥିବା ବେଳେ ମାତ୍ରାଧିକ ସମୟ ଅତ୍ୟନ୍ତ ଧିମା ଚାଲୁଛି । ଫଳରେ ଆବେଦନ ପାଇଁ ଲକ୍ଷାଧିକ ଆଶାୟୀ ଅପେକ୍ଷା କରି ରହିଛନ୍ତି ।

ଓଏସ୍‌ଏସ୍‌ସି ପକ୍ଷରୁ ସିଜିଏଲ୍ ପାଇଁ ଆବେଦନ ପ୍ରକ୍ରିୟା ଗତ ୧୯ ତାରିଖରୁ ଆରମ୍ଭ ହୋଇଛି । ଆସନ୍ତା ୨୧ ତାରିଖ ଅର୍ଥାତ୍ ମାତ୍ର ୧୧ ଦିନ ପରେ ଆବେଦନ ଅବଧି ସରିବ । ମାତ୍ର ୱେବସାଇଟ୍ ମାତ୍ରାଧିକ ଧିମା ▶ପୃଷ୍ଠା-୧୦



## ପୁଞ୍ଜିବଜାରରେ ଟ୍ରେଡିଂ ଆଳରେ ଠକେଇ

# ୯୦ ଲକ୍ଷ ଟଙ୍କା ଥିବା ଆକାଉଣ୍ଟ ଅଚଳ; ୭ ଗିରଫ

■ କଟକ, ୧୦।୧ (ସମିସ): ମଧୁପାଟଣା ଥାନା ଅଞ୍ଚଳରେ ଚାଲିଥିବା ଏକ ଅନ୍ତଃରାଜ୍ୟ ସାଇବର ଲୁଟେରା ଗ୍ୟାଙ୍ଗ୍‌କୁ ପୁଲିସ କାବୁ କରିଛି । ଦୀର୍ଘ ଦିନ ହେବ ଏହି ସାଇବର ଲୁଟେରାମାନେ ସାଧାରଣ ଲୋକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସାଇବର୍ ଲୁଟେରାଙ୍କ ସମେତ ବେସରକାରୀ ବ୍ୟାଙ୍କ୍ କର୍ମଚାରୀ ସମ୍ପୃକ୍ତ ରହିଛନ୍ତି । ଅଭିଯୁକ୍ତମାନେ ହେଲେ, ବାଲିକୁଦା ଥାନା ଅନ୍ତର୍ଗତ ବବ୍‌ଲୁ ନାୟକ(୨୭), ମାହାଙ୍ଗା ଥାନା ଅନ୍ତର୍ଗତ ପନ୍ନାଗ ନାରାୟଣ ଦାସ(୨୫), ତିର୍ତ୍ତୋଲ ଥାନା ଅନ୍ତର୍ଗତ ରୁଦ୍ରମାଧବ ମହାପାତ୍ର(୨୩) । ଏହାଛଡ଼ା ଏହି ଘଟଣାରେ ଗିରଫ ହୋଇଥିବା ବେସରକାରୀ ବ୍ୟାଙ୍କ କର୍ମଚାରୀମାନେ ହେଲେ ଉତ୍କର୍ଷ ବ୍ୟାଙ୍କ୍‌ର ରିଲେସନ୍‌ସିପ୍ ମ୍ୟାନେଜର ହରେକୃଷ୍ଣ ସାହୁ(୩୦), ବନ୍ଧନ ବ୍ୟାଙ୍କ୍‌ର ଡେପୁଟି ମ୍ୟାନେଜର ଅଭିଷେକ ମହାନ୍ତି(୩୧), ଆକ୍ସିସ୍ ବ୍ୟାଙ୍କ୍‌ର ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ମଲ୍ଲିକ(୩୨) ଓ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ସହକାରୀ ପରିଚାଳକ ସ୍ୱରାଜ କୁମାର ସାମଲ(୩୨) । ଏମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ଏହି ଘଟଣାରେ ୬୯ଟି ମୋବାଇଲ୍ ଫୋନ୍, ୪ଟି ଲ୍ୟାପଟପ୍, ୩ଟି ଡେସ୍କଟପ୍, ୨୧୫ଟି ସିମ୍‌କାର୍ଡ, ୫୫୪ଟି ବ୍ୟାଙ୍କ୍ ପାସବୁକ୍, ୭୦୨ଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ, ଗୋଟିଏ କାର୍ ଓ ବାଇକ୍‌କୁ ଜବତ କରାଯାଇଛି । ୯୦ଲକ୍ଷ ଟଙ୍କା ଗଚ୍ଛିତ ଥିବା ଏକ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଅଚଳ କରି ଦିଆଯାଇଛି । ▶ପୃଷ୍ଠା-୧୦



**ନିବେଶ ଆଳରେ ଲୋକଙ୍କୁ ଭୁଆଁ ବୁଲାଉଥିଲେ**

**୬୯ଟି ମୋବାଇଲ୍, ୪ଟି ଲ୍ୟାପଟପ୍, ୨୧୫ଟି ସିମ୍‌କାର୍ଡ, ୫୫୪ଟି ବ୍ୟାଙ୍କ୍ ପାସବୁକ୍, କାର୍ ଓ ବାଇକ୍ ଜବତ**

# ଅଣାୟତ୍ତ ହେଉଛି ଇରାନ; ଗୁଳିରେ ୨୧୭ ମୃତ

ତେହରାନ, ୧୦।୧ (ଏଜେନ୍ସି): ଅହେତୁକ ଦରଦାମ ବୃଦ୍ଧି ଏବଂ ଟିକସ ବୋଝକୁ ବିରୋଧ କରି ଇରାନରେ ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ଭୟଙ୍କର ରୂପ ଧାରଣ କରିଛି। ଏହା ହିଂସ୍ରକ ହୋଇ ସାରା ଦେଶକୁ ବ୍ୟାପିଯାଇଛି। ମହଙ୍ଗା ମାଡ଼ରୁ ମୁକ୍ତି ପାଇଁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ କ୍ରମେ ରାଜନୈତିକ ରୂପ ନେଇଛି। ବିକ୍ଷୋଭକାରୀ ଦେଶରୁ ଇସଲାମିକ ଶାସନ ହଟାଇବା ପାଇଁ ଦାବି କରୁଥିବାବେଳେ ସରକାର ଦମନ ନୀତି ଚଳାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲାହ ଅଲ୍ ଖାମେନେଇ ଆନ୍ଦୋଳନକାରୀଙ୍କୁ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷାକର୍ମୀଙ୍କୁ ପଛଘୁଞ୍ଚା ନ ଦେବାକୁ କହିଛନ୍ତି। ଏପରି ସମୟରେ ରାତାରାତି ଇରାନର ସ୍ଥିତି ବଦଳି ଯାଇଛି। ଇରାନର ବିତାଡ଼ିତ ରାଜା ରେଜା ପହଲବି ସହର ପ୍ରମୁଖ କେନ୍ଦ୍ରଗୁଡ଼ିକୁ କବ୍‌ଜା ପାଇଁ ପ୍ରସ୍ତୁତ ରହିବାକୁ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଶନିବାର ଏବଂ ରବିବାର ପ୍ରମୁଖ ସ୍ଥଳକୁ ଲକ୍ଷ୍ୟ ରଖି ଆନ୍ଦୋଳନକୁ ଜୋରଦାର କରିବାକୁ କହିଛନ୍ତି। ସେ ତେହେରାନ ଫେରିବା ନେଇ ମଧ୍ୟ ସଙ୍କେତ ଦେଇଛନ୍ତି। ମାତ୍ର ଆନ୍ଦୋଳନକାରୀଙ୍କୁ ରୋକିବା ପାଇଁ ସୁରକ୍ଷାବାହିନୀ ସମସ୍ତ ପ୍ରକାରର ପ୍ରୟାସ କରୁଛି। ଗୁଳି ଚଳାଇ ଅନେକ ବିକ୍ଷୋଭକାରୀଙ୍କ ଜୀବନ ନେଇଛି। ଏ ପର୍ଯ୍ୟନ୍ତ ପୁଲିସ ଗୁଳିରେ ୨୧୭ ଜଣ ପ୍ରାଣ ହରାଇଲେଣି ବୋଲି ଦାବି କରାଯାଇଛି।

ବିଭିନ୍ନ ସ୍ଥାନରେ ସୁରକ୍ଷାବାହିନୀ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ତେଣୁ ମୃତ୍ୟୁସଂଖ୍ୟା ଅଧିକ ରହିଥିବା ଆଶଙ୍କା କରାଯାଉଛି। ତେହେରାନର ଏକ ଡାକ୍ତରଙ୍କ ଆଧାରରେ ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି ଯେ କେବଳ ରାଜଧାନୀର ୬ ଡାକ୍ତରଖାନାରେ ୨୧୭ ଜଣଙ୍କ ମୃତ୍ୟୁ ହୋଇଛି। ଗୁଳି ବାଜିବାରୁ ଅଧିକାଂଶ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଜୋରଦାର ବିକ୍ଷୋଭ ହୋଇଥିଲା। ଏହାକୁ ବନ୍ଦ କରିବା ପାଇଁ ପୁଲିସ ଗୁଳିମାଡ଼ କରିଥିଲା।



ଇରାନର ସର୍ବୋଚ୍ଚ ନେତା ଖାମେନେଇଙ୍କ ଫଟୋରେ ନିଆଁ ଲଗାଇ ସିଗାରେଟ ଟାଣୁଛନ୍ତି ବିକ୍ଷୋଭକାରୀ

- ୫୦ ବର୍ଷ ପରେ ଇରାନ ଫେରିବେ ପହଲଭି
- ଇରାନ ସରକାରରେ ମତଭେଦ

ଏହା ମଧ୍ୟରେ ରିଭୋଲ୍ୟୁସନାରୀ ଗାର୍ଡର ଜଣେ ଅଧିକାରୀ ସରକାରୀ ଟିଭି ଚ୍ୟାନେଲରେ ଲୋକଙ୍କୁ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନରୁ ଶିଶୁଙ୍କୁ ଦୂରେଇ ରଖିବା ପାଇଁ ମାତାପିତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ନ କଲେ ଶିଶୁଙ୍କ ଦେହରେ ଗୁଳି ବାଜିଲେ ଅଭିଯୋଗ ନ କରିବାକୁ କହିଛନ୍ତି। ରିପୋର୍ଟ ଅନୁଯାୟୀ, ପ୍ରଥମେ ବିକ୍ଷୋଭକୁ ନେଇ ସରକାର କି ନୀତି ଆପଣାଇବେ ତାହା ସ୍ପଷ୍ଟ ହୋଇ ନ ଥିଲା। ଆଣ୍ଟି-ରାଇଟ୍ସ ପୁଲିସର ଜଣେ ଅଧିକାରୀ କହିଥିଲେ ଯେ ଏବେ ସୁରକ୍ଷାବାହିନୀ ଭ୍ରମରେ ରହିଛି। ଆଗାମୀ ଦିନରେ କ'ଣ ହେବ ତାହା କେହି ଜାଣି ନାହାନ୍ତି। ମାତ୍ର ଶୁକ୍ରବାର ଆନ୍ଦୋଳନକୁ ଦମନ କରିବା ପାଇଁ ସମ୍ପୂର୍ଣ୍ଣ ଶକ୍ତି ପ୍ରୟୋଗ କରାଯିବ ବୋଲି ନିର୍ଦ୍ଦେଶ ଆସିଛି। ଏବେ ସାରା ଦେଶରେ ଇଣ୍ଟରନେଟ ଏବଂ ଫୋନ ସେବା ବନ୍ଦ ରହିଛି। ଏପରି ସମୟରେ ଇସଲାମିକ ଶାସନକୁ ବିରୋଧ ପାଇଁ ଯୁବ ପିଢି ନୂଆ ଧାରା ଆରମ୍ଭ କରିଛନ୍ତି। ସେମାନେ ସର୍ବୋଚ୍ଚ ନେତା ଏବଂ ୧୯୭୯ ରେ ଇସଲାମିକ କ୍ରାନ୍ତି ଆରମ୍ଭ କରିଥିବା ଅୟାତୁଲାହ ଅଲ ଖାମେନେଇଙ୍କ ଫଟୋ ଜାଳି ସେଥିରୁ ସିଗାରେଟ ଲଗାଇ ଫଟୋ ଛାଡୁଛନ୍ତି। କାରଣ ଇସଲାମିକ ଶାସନରେ ମହିଳାଙ୍କୁ ଅଧିକ ନିର୍ଯାତନା ଦିଆଯାଇଛି। ବୁର୍ଖା ନ ପିନ୍ଧିଲେ ଜେଲ୍‌ରେ ନେଇ ନିର୍ଯାତନା ଦିଆଯାଉଛି। ଏହି ନିର୍ଯାତନା ସହି ନ ପାରି ଅନେକ ମହିଳାଙ୍କ ଜୀବନ ମଧ୍ୟ ଯାଇଛି। ତେଣୁ ଲୋକେ ଇସଲାମିକ ଶାସନରୁ ମୁକ୍ତି ଚାହୁଁଛନ୍ତି। ମାତ୍ର ସରକାର ଦମନ ନୀତି ଆପଣାଉଥିବାରୁ ଆଗାମୀ ଦିନରେ ମୃତାହତଙ୍କ ସଂଖ୍ୟା ଅହେତୁକ ବଢ଼ିବ ବୋଲି କୁହାଯାଉଛି। ସେହିପରି ଇରାନ ନୋବେଲ ଶାନ୍ତି ପୁରସ୍କାର ବିଜେତା ଅଭିଯୋଗ କରିଛନ୍ତି ସରକାର ଯୋଗାଯୋଗ ବ୍ୟବସ୍ଥାକୁ ବନ୍ଦ କରି ସାମୂହିକ ହତ୍ୟାକାଣ୍ଡ ଚଳାଇଛନ୍ତି।

ପୂର୍ବରୁ ଇସ୍ରାଏଲ ସହ ସଂଘର୍ଷ, ଅନ୍ତର୍ଜାତୀୟ କଟକଣା, ବିପର୍ଯ୍ୟସ୍ତ ଅର୍ଥ ବ୍ୟବସ୍ଥା, ବିଦ୍ୟୁତ ଏବଂ ପାଣି ସଙ୍କଟର ଭଳି ସମସ୍ୟାର ଇରାନ ଜର୍ଜରିତ ହେଉଛି। ସରକାରଙ୍କ ଭିତରେ ମଧ୍ୟ ମତଭେଦ ରହିଛି। ରାଷ୍ଟ୍ରପତି ମାସୁଦ ପେଜସକିଆନ ନରମ ଆଭିମୁଖ୍ୟ ଗ୍ରହଣ କରୁଥିବାବେଳେ ତାଙ୍କର ଅନେକ ମନ୍ତ୍ରୀ କଠୋର କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଅଛନ୍ତି।

## ଭାରତରେ ତାଲିବାନ ରାଷ୍ଟ୍ରଦୂତ ନୁର୍ ଅହମ୍ମଦ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ସରକାର ନୁର ମହମ୍ମଦ ନୁରଙ୍କୁ ନୂଆଦିଲ୍ଲୀ।ରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଦେଇଛି। ନୁରଙ୍କ ପୂର୍ବରୁ ଫରିଦ ମାମୁଣ୍ଡେଜ ଭାରତରେ ଆଫଗାନିସ୍ତାନର ରାଷ୍ଟ୍ରଦୂତ ଥିଲେ। ସେ ଆସରଫ ଘନିଙ୍କ ସରକାର ସମୟରେ ଭାରତରେ ଆଫଗାନ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ତାଙ୍କ ସ୍ଥିତି ଦୁର୍ବଳ ହୋଇଯାଇଥିଲା ଓ ଦୂତାବାସର କାର୍ଯ୍ୟ ପ୍ରାୟତଃ ବନ୍ଦ ହୋଇ ଯାଇଥିଲା। ଏହାପରେ ଦୀର୍ଘ ସମୟ ପର୍ଯ୍ୟନ୍ତ, ଆଫଗାନିସ୍ତାନରୁ ଭାରତକୁ କୌଣସି ନୂଆ କୂଟନୀତିଜ୍ଞ ଆନୁଷ୍ଠାନିକ ଭାବେ ପଠାଯାଇ ନଥିଲା। ତେଣୁ ନୁରଙ୍କ ନିଯୁକ୍ତି ଭାରତ- ଆଫଗାନିସ୍ତାନ ସମ୍ପର୍କରେ ଏକ ନୂଆ ପ୍ରାରମ୍ଭ ଭାବେ ଦେଖାଯାଉଛି। ତାଲିବାନ କ୍ଷମତାକୁ ଆସିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୀମିତ ଥିଲା। ଏବେ ଭାରତ ସହିତ ଆଫଗାନିସ୍ତାନ ସିଧାସଳଖ ଯୋଗାଯୋଗ ରକ୍ଷା କରିବାକୁ ଚାହୁଁଛି।

## ହମାସ୍ ଏକ ଆତଙ୍କବାଦୀ ସଂଗଠନ: ମମଦାନୀ

ନ୍ୟୁୟର୍କ, ୧୦।୧(ଏଜେନ୍ସି): ନ୍ୟୁୟର୍କ ସିଟି ମେୟର ଜୋହରାନ ମମ୍‌ଦାନୀ ଶେଷରେ ହମାସକୁ ନେଇ ନିଜର ମତ ରଖିଛନ୍ତି। ସେ ହମାସକୁ ଏକ ଆତଙ୍କବାଦୀ ସଂଗଠନ ବୋଲି କହିଛନ୍ତି। ଗୁରୁବାର ରାତିରେ କୁଇନ୍ସର ସିନାଗଗ୍‌ରେ ଆୟୋଜିତ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ହମାସ ସମର୍ଥନରେ ଦିଆଯାଇଥିବା ସ୍ଲୋଗାନକୁ ସେ ନିନ୍ଦା କରି ଏହି କଥା କହିଛନ୍ତି। ପାଲେଷ୍ଟାଇନ୍ ଆସେମ୍ବ୍ଲି ଫର ଲିବରେସନ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା। କିନ୍ତୁ ଏହି ପ୍ରଦର୍ଶନ ବେଳେ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ବିକ୍ଷୋଭକାରୀମାନେ ହମାସକୁ ସମର୍ଥନ କରି ସ୍ଲୋଗାନମାନ ଦେଇଥିଲେ। ବିକ୍ଷୋଭକାରୀଙ୍କ ଏଭଳି ଆଚରଣକୁ ମମ୍‌ଦାନୀ ନିନ୍ଦା କରିଛନ୍ତି। ନ୍ୟୁୟର୍କ ସିଟିରେ ଏଭଳି କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ନ୍ୟୁୟର୍କର ଅନ୍ୟ ନେତାମାନେ ମଧ୍ୟ ଏଭଳି ବିକ୍ଷୋଭକୁ ନିନ୍ଦା କରିଛନ୍ତି।

## ୧୭ରୁ 'ବନ୍ଦେ ଭାରତ' ସ୍ଲିପର ଟ୍ରେନ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): କୋଲକାତାରୁ ଗୌହାଟି ମଧ୍ୟରେ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଜାନୁଆରୀ ୧୭ରୁ ଚାଲିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ମାଲଦା ଟାଉନ୍‌ରେ ଏହାର ଉଦ୍‌ଘାଟନ କରିବେ। ଏହି ୬ ଦିନ କାମାକ୍ଷା ଓ ହାଓଡା ଜଙ୍କସନ୍‌ରେ ଚାଲିବ। ସେହିପରି ୬ଟି ନୂଆ ଅମୃତ ଭାରତ ଏକ୍ସପ୍ରେସ ମଧ୍ୟ ଲଞ୍ଚ୍ କରାଯିବ ବୋଲି ସେ କହିଛନ୍ତି। ଜାନୁଆରୀ ୧୭ ଓ ୧୮ ରେ ଏହି ଟ୍ରେନ୍‌ଗୁଡିକର ସେବା ଉପଲବ୍ଧ ହେବ। ଦିଲ୍ଲୀରେ ଅତି ବିଶିଷ୍ଟ ରେଳ ସେବା ପୁରସ୍କାର ସମାରୋହରେ ଯୋଗ ଦେଇ ବୈଷ୍ଣବ ଏହି ଘୋଷଣା କରିଛନ୍ତି। ।ବନ୍ଦେ ଭାରତ ସ୍ଲିପରର ପ୍ରାରମ୍ଭିକ ଭଡ଼ା ୨, ୩୦୦ ଟଙ୍କା ରଖାଯାଇଛି। ଟ୍ରେନର ତୃତୀୟ ଏସି ଭଡ଼ା ୨, ୩୦୦, ଦ୍ୱିତୀୟ ଏସି ଭଡ଼ା ୩, ୦୦୦, ପ୍ରଥମ ଏସି ଭଡ଼ା ୩, ୬୦୦ ଟଙ୍କା ରଖାଯାଇଛି। ସ୍ଲିପର ଟ୍ରେନ୍‌କୁ ୧୦୦୦ କିମିରୁ ଅଧିକ ଦୂରତା ପାଇଁ ଡିଜାଇନ୍ କରାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ୧୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ ପ୍ରସ୍ତୁତ ହେବ।

## ନାବାଳିକାଙ୍କୁ ଅପହରଣ ପରେ ଗଣଦୁଷ୍କର୍ମ; ୮ ଅଭିଯୁକ୍ତ ଗିରଫ

ସୁରତ, ୧୦।୧(ଏଜେନ୍ସି): ଗୁଜରାଟର ନବସାରୀ ଜିଲ୍ଲାର ଭାନସଦା ଟାଉନ୍‌ର ୨୦କିମି ଦୂରରେ ଏକ ଗାଁରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇ ଗଣଦୁଷ୍କର୍ମ କରାଯାଇଛି। ୮ ଜଣ ଏହି କାଣ୍ଡ ଘଟାଇଛନ୍ତି। ଅଭିଯୁକ୍ତଙ୍କ ବୟସ ୧୬ରୁ ୨୧ ବର୍ଷ ବୋଲି କୁହାଯାଇଛି। ସବୁ ୮ ଜଣ ଅଭିଯୁକ୍ତଙ୍କୁ ନବସାରୀ ସ୍ଥାନୀୟ କ୍ରାଇମ ବ୍ରାଞ୍ଚ୍ ଗିରଫ କରିଛି। ପୀଡିତାଙ୍କ ଘର ପାଖରେ ଅଭିଯୁକ୍ତମାନେ ରୁହନ୍ତି। ଝିଅ ଘରୁ ବାହାରକୁ ଯାଇଥିବା ବେଳେ ୩ ଜଣ ଅଭିଯୁକ୍ତ ଅପହରଣ କରି ୩ କିମି ଦୂରରେ ଥିବା ଏକ ଗାଁକୁ ନେଇଯାଇଥିଲେ। ଅନ୍ୟ ୫ଜଣ ସେଠାରେ ପହଞ୍ଚି ନାବାଳିକାଙ୍କୁ ଏକ କୋଠରୀକୁ ନେଇଯାଇ ଦୁଷ୍କର୍ମ କରିଥିଲେ। ଝିଅକୁ ନ ପାଇ ପରିବାର ଲୋକେ ତାକୁ ଖୋଜିଥିଲେ। କିନ୍ତୁ ପରଦିନ ସକାଳେ ସେମାନେ ନାବାଳିକାଙ୍କୁ ଘର ବାହାରେ ଏକ ଚାରି ଚକିଆ ଗାଡ଼ିରେ ପାଇଥିଲେ। ସବୁ ଅଭିଯୁକ୍ତ ନାବାଳିକାଙ୍କ ପରିଚତ ବୋଲି ପୁଲିସ କହିଛରେ

## ଅଯୋଧ୍ୟା ରାମ ମନ୍ଦିରରେ ନମାଜ ପଢ଼ିବାକୁ ଉଦ୍ୟମ; ୩ ଅଟକ


ଅଯୋଧ୍ୟା, ୧୦।୧(ଏଜେନ୍ସି): ଅଯୋଧର ରାମ ମନ୍ଦିରରେ ଦୁଇଜଣ ପୁରୁଷ ଓ ଜଣେ ଝିଅ ଶନିବାର ସକାଳେ ପ୍ରବେଶ କରି ନମାଜ ପଢ଼ିବାକୁ ଉଦ୍ୟମ କରିଥିଲେ। ସୁରକ୍ଷାକର୍ମୀମାନେ ସେମାନଙ୍କୁ ତୁରନ୍ତ ଅଟକାଇଥିଲେ। ଏହି ୩ଜଣ ନିଜକୁ କାଶ୍ମୀରର ବାସିନ୍ଦା ବୋଲି ପରିଚୟ ଦେଇଛନ୍ତି। । ଏମାନେ ଅଯୋଧ୍ୟା କାହିଁକି ଆସିଲେ ସେ ନେଇ ପଚରାଉଚରା କରାଯାଉଛି। ଡି-୧ ଦ୍ୱାର ଦେଇ ଦୁଇଜଣ ଯୁବକ ଓ ଜଣେ ଝିଅ ରାମ ମନ୍ଦିରରେ ପ୍ରବେଶ କରିଥିଲେ। ଏମାନ କାଶ୍ମୀରି ପୋଷାକ ପରିଧାନ କରିଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ଅଟକାଇବା ବେଳେ ସେମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ।

## ନୀତୀଶଙ୍କୁ 'ଭାରତ ରତ୍ନ' ଦାବି

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାରଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ସହ ସମ୍ମାନିତ କରିବାକୁ ଦାବି ହୋଇଛି। ଏହି ଦାବି କରିଛନ୍ତି କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ତଥା ହିନ୍ଦୁସ୍ଥାନ ଆବାମୀ ମୋର୍ଚ୍ଚା (ଏଚ୍‌ଏଏମ୍) ନେତା ଜିତନ ରାମ ମାନ୍‌ଝୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ନୀତୀଶଙ୍କୁ ଏହି ସମ୍ମାନ ଦେବାକୁ ସେ ଦାବି କରିଛନ୍ତି। ଏହା ପୂର୍ବରୁ ଜେଡିୟୁ ନେତା କେସି ତ୍ୟାଗୀ ମଧ୍ୟ ନୀତୀଶଙ୍କୁ ଦେଶର ଏହି ସର୍ବୋଚ୍ଚ ସମ୍ମାନ ଦେବା ପାଇଁ ଦାବି କରିଥିଲେ। ଏବେ ଏହି ଦାବିକୁ ମାନ୍‌ଝୀ ସମର୍ଥନ କରିଛନ୍ତି।

# ପୁତିନଙ୍କୁ ଅପହରଣ କରିବେ ଟ୍ରମ୍ପ?

ୱାସିଂଟନ, ୧୦।୧: ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଆମେରିକା ଆକ୍ରମଣ କରି



ଅପହରଣ କରିବ କି? ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏମିତି ଦାବି କରିଛନ୍ତି। ଏସଂପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଲେ, 'ଏନେଇ ମୁଁ ଜେଲେନସ୍କି ସହ ଏକମତ ନୁହେଁ'। ସେ କହିଲେ ଯେ ଏହାର କୌଣସି ଆବଶ୍ୟକତା ନାହିଁ। ତେବେ ୟୁକ୍ରେନ ଯୁଦ୍ଧରେ ରାଷ୍ଟ୍ରପତି ପୁତିନଙ୍କ ଆଭିମୁଖ୍ୟ ନେଇ ସେ ଖୁସି ନୁହନ୍ତି ବୋଲି କହିଛନ୍ତି।

### ମାଦୁରୋଙ୍କ ଭଳି ଆମେରିକା ନେତାନ୍ୟାହୁଙ୍କୁ ମଧ୍ୟ ଅପହରଣ କରୁ: ପାକିସ୍ତାନ

**ଇସଲାମାବାଦ:** ପାକିସ୍ତାନ ପୁଣିଥରେ ଇସ୍ରାଏଲ ବିରୋଧୀ ଆଭିମୁଖ୍ୟ ପୋଷଣ କରି ମନ୍ତବ୍ୟ ଦେଇଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଅପହରଣ କରିବାକୁ ଦାବି କରିଛନ୍ତି। ଏକ ଟିଭି ଚ୍ୟାନେଲକୁ ସାକ୍ଷାତାକାର ଦେଇ ସେ କହିଛନ୍ତି ଯେ, ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଯେଉଁଭଳି ଭାବେ ଅପହରଣ କରାଗଲା, ଠିକ୍ ସେହିପରି ନେତ୍ୟାନାହୁଙ୍କୁ ମଧ୍ୟ ଆମେରିକା ଅପହରଣ କରୁ। ତୁର୍କୀ ମଧ୍ୟ ଏହି କାର୍ଯ୍ୟ କରିପାରିବ ଓ ଏଥିପାଇଁ ପାକିସ୍ତାନ ପ୍ରାର୍ଥନା କରୁଛି ବୋଲି ସେ କହିଛନ୍ତି। ସେ ନେତାନ୍ୟାହୁଙ୍କୁ ମାନବିକତାର ସବୁଠାରୁ ବଡ଼ ଶତ୍ରୁ ବୋଲି ଅବିହିତ କରିଛନ୍ତି। ଗାଜାରେ ପାଲେଷ୍ଟାଇନ ନାଗରିକଙ୍କ ଉପରେ ଯେଉଁଭଳି ଅତ୍ୟାଚାର ହେଉଛି, ତାହା ଇତିହାସରେ କେବେବି ଦେଖାଯାଇନାହିଁ। ଗତ ୪୦୦୦ କିମ୍ବା ୫୦୦୦ ବର୍ଷ ମଧ୍ୟରେ କେହି ପାଲେଷ୍ଟାଇନ୍ ନାଗରିକ ଉପରେ ଏଭଳି ଅତ୍ୟାଚାର କରିନାହାନ୍ତି ବୋଲି ସେ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ ସାମାଜିକ ଗଣାମାଧ୍ୟମରେ ଭାଇରାଲ ହୋଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ବେଳେ ଆରମ୍ଭରୁ ଇସ୍ରାଏଲ ବିରୋଧ କରିଆସିଛି।

## ଦୁଇ ରୁଷ ନାଗରିକଙ୍କୁ ଛାଡ଼ିଲା ଆମେରିକା

ୱାସିଂଟନ, ୧୦।୧(ଏଜେନ୍ସି): ଆମେରିକା ଜବତ କରିଥିବା ରୁଷ ତୈଳ ଟ୍ୟାଙ୍କର 'ମାରିନାରା'ରୁ ଦୁଇଜଣ ରୁଷୀୟ ନାଗରିକଙ୍କୁ ମୁକ୍ତ କରିଛି। ଏହି ଦୁଇଜଣଙ୍କୁ ମୁକ୍ତ କରିବାକୁ ରୁଷ ଆମେରିକା ଉପରେ ଚାପ ପକାଇଥିଲା। ରୁଷୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭ ଏ ନେଇ ସୂଚନା ଦେଇଛନ୍ତି। ରୁଷର ଅନୁରୋଧକ୍ରମେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁଇ ନାଗରିକଙ୍କୁ ମୁକ୍ତି କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ସେ କହିଛନ୍ତି। ଏହି ଜାହଜଟି ଜାନୁଆରୀ ୭ରେ ଉତ୍ତର ଆଟଲାଣ୍ଟିକ ମହାସାଗରରେ ଆମେରିକା ଦ୍ୱାରା ଜବତ କରାଯାଇଥିଲା। ଏହି ଟ୍ୟାଙ୍କର ତଥା ଜାହଜରେ ଥିବା ୩ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ଏପର୍ଯ୍ୟନ୍ତ ମୁକ୍ତ କରାଯାଇନାହିଁ। ରିପୋର୍ଟ ଅନୁଯାୟୀ, ମାରିନାରାରେ ମୋଟ ୨୮ ଜଣଥିଲେ। ଏଥିରେ ୟୁକ୍ରେନର ୧୭ଜଣ, ଜର୍ଜିଆର ୬ ଜଣ, ଭାରତର ୩ ଜଣ ଓ ରୁଷିଆର ୨ ଜଣ ନାଗରିକ ଥିଲେ। ସେପଟେ ଆମେରିକା କ୍ୟାରିବିୟାନ ସାଗରରେ 'ଓଲିନା' ନାମକ ଆଉ ଏକ ତୈଳ ଟ୍ୟାଙ୍କର ଜବତ କରିଛି ଓ କ୍ରୁ ସଦସ୍ୟଙ୍କୁ ଗିରଫ କରିଛି। ଗତ ୩ ଦିନ ମଧ୍ୟରେ ଆମେରିକା ୫ମ ଏଭଳି ତୈଳ ଟ୍ୟାଙ୍କର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରତିବନ୍ଧର ଉଲ୍ଲଂଘନ ଅଭିଯୋଗରେ ତୈଳ ଟ୍ୟାଙ୍କରଗୁଡିକ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଆମେରିକାର ଏହି ପ୍ରତିବନ୍ଧ କାରଣରୁ ବିଭିନ୍ନ ଦେଶ ଏବେ ତୈଳ କ୍ରୟ କରିପାରୁନାହାନ୍ତି।

## ଗ୍ରୀନ୍‌ଲାଣ୍ଡ ଉପରେ ଚୀନ, ରୁଷିଆର ଆଖି: ଆମେରିକା

ୱାସିଂଟନ, ୧୦।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡ ଆମେରିକା ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ସେ ନେଇ ବୁଝାଇବାକୁ ପ୍ରୟାସ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ତୈଳ ଓ ଗ୍ୟାସ କମ୍ପାନୀର ଶୀର୍ଷ ଅଧିକାରୀମାନଙ୍କ ବୈଠକରେ ଯୋଗ ଦେଇ ସେ କହିଥିଲେ ଯେ, ଯଦି ଆମେରିକା ଗ୍ରୀନ୍‌ଲାଣ୍ଡକୁ ଦଖଲ ନକରେ, ତେବେ ଚୀନ୍ ଓ ରୁଷ ଏହାକୁ ଦଖଲ କରିନେବେ। ଗ୍ରୀନଲାଣ୍ଡକୁ ହାସଲ କରିବା କେବଳ ମାତ୍ର ଜମି କିଣିବା ମାମଲା ନୁହେଁ। ଏହା ଚୀନ ଓ ରୁଷ ଭଳି ଦେଶଗୁଡିକୁ ଦୂରେଇ ରଖିବା ମଧ୍ୟ। ଆମେ ଏଭଳି ଦେଶଗୁଡିକୁ ଆମର ପଡୋଶୀ ଭାବେ ଦେଖିବାକୁ ଚାହୁଁନାହୁଁ। ଆମେ ଗ୍ରୀନ୍‌ଲାଣ୍ଡକୁ ସହଜ ଉପାୟରେ ହାସଲ କରିବାକୁ ଚାହୁଁଛୁ। ଯଦି ଏପରି ନହୁଏ, ତେବେ ଆମକୁ କଠୋର ଉପାୟ ଅବଲମ୍ବନ କରିବାକୁ ହେବ। ସେମାନଙ୍କର ପସନ୍ଦ ହେଉ କି ନ ହେଉ ଆମକୁ ଗ୍ରୀନ୍‌ଲାଣ୍ଡ ବିଷୟରେ ଆମକୁ କିଛି ନା କିଛି କରିବାକୁ ହେବ ବୋଲି ସେ କହିଛନ୍ତି। ତେବେ ସେ ଡେନମାର୍କ ବିଷୟରେ ସକାରାତ୍ମକ କଥା କହିଛନ୍ତି। ମୁଁ ଡେନମାର୍କୁ ପସନ୍ଦ କରିଥାଏ ଓ ଏହି ସ୍କାଣ୍ଡିନାଭିଆନ ଦେଶର ମୁଁ ଜଣେ ବଡ଼ ପ୍ରଶଂସକ। ଡେନମାର୍କ ସହିତ ଆମର ବହୁତ ଭଲ ସମ୍ପର୍କ ରହିଛି। ତେବେ ଗ୍ରୀନ୍‌ଲାଣ୍ଡକୁ ସେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ସହିତ ଯୋଡିବାକୁ ପ୍ରୟାସ କରିଛନ୍ତି। ଗ୍ରୀନ୍‌ଲାଣ୍ଡ ନିକଟରେ ଚୀନ୍ ଓ ରୁଷିଆ ଜାହାଜଗୁଡିକର ଗତିବିଧି ବୃଦ୍ଧି ପାଉଥିବା କଥା ସେ କହିଛନ୍ତି। ଗ୍ରୀନଲାଣ୍ଡକୁ ନେଇ ଟ୍ରମ୍ପଙ୍କ ଏହି ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଡେନମାର୍କ ସମାଲୋଚନା କରିଛି। ଯଦି ଆମେରିକା ଏଭଳି ଦୁଃସାହସ କରେ ତେବେ ଆମେ ଗୁଳିରେ ହିଁ ଜବାବ ଦେବୁ ବୋଲି ଡେନମାର୍କ କଡ଼ା ଜବାବ ଦେଇ କହିଛି। ସୂଚନାଯୋଗ୍ୟ ଯେ, ଗ୍ରୀନଲାଣ୍ଡ ହେଉଛି ଡେନମାର୍କର ଏକ ସ୍ୱୟଂଶାସିତ ଅଞ୍ଚଳ।

## ୪.୬ ଡିଗ୍ରୀରେ ଥରୁଛି ଦିଲ୍ଲୀ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ସକାଳେ ଚଳିତ ଶୀତଋତୁର ସବୁଠାରୁ ଥଣ୍ଡା ସକାଳ ଅନୁଭୂତ ହୋଇଛି। ତାପମାତ୍ରା ୪.୨ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଘନ କୁହୁଡି ସହିତ ଶୀତ ଦୈନନ୍ଦିନ ଜୀବନକୁ ଅସ୍ତବ୍ୟସ୍ତ କରିଛି। ଏଥିସହ ବିମାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ଅସ୍ୱାଭାବିକ ବର୍ଷା ପରେ ରାଜଧାନୀ ଓ ଆଖପାଖ ଅଞ୍ଚଳରେ ତାପମାତ୍ର ହ୍ରାସ ହୋଇଥିଲା। ଦିଲ୍ଲୀ- ଏନ୍‌ସିଆରରେ ଥଣ୍ଡାର ପ୍ରକୋପ ଜାରି ରହିବା ସମ୍ଭାବନା ରହିଛି। ପୁଣି ସକାଳ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘନ କୁହୁଡି ଜାରି ରହିବ ବୋଲି କୁହାଯାଇଛି। ଶୁକ୍ରବାର ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୧୯.୭ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରେକର୍ଡ କରାଯାଇଛି ଓ ଏହା ହାରାହାରିଠାରୁ ୨.୩ ଡିଗ୍ରୀ କମ୍ ଥିଲା। ଆଗାମୀ ଦିନରେ ଉତ୍ତର ଓ ଉତ୍ତର-ପଶ୍ଚିମ ଭାରତରେ ଶୀତ ଲହରି ଜାରି ରହିବ ବୋଲି କୁହାଯାଉଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ତୀବ୍ର ଶୀତ ଲହରୀ ପୂର୍ବାନୁମାନ କରାଯାଇନାହିଁ। ପଞ୍ଜାବ, ହରିୟାଣା, ରାଜସ୍ଥାନ, ବିହାର ଓ ମଧ୍ୟ ପ୍ରଦେଶରେ ଥଣ୍ଡା ପୂର୍ବପରି ଜାରି ରହିଛି। ହିମାଚଳ, ଉତ୍ତରାଖଣ୍ଡରେ ତୁଷାରପାତ ସହ ପ୍ରବଳ ଶୀତ ଅନୁଭୂତ ହୋଇଛି। ସେହିପରି ତାମିଲନାଡୁ, ପୁଡୁଚେରୀ ଭଳି ଦକ୍ଷିଣ ରାଜ୍ୟରେ ପ୍ରବଳ ବର୍ଷା ସତର୍କତା ଜାରି କରାଯାଇଛି।

## 'ଜି-ରାମ-ଜି' ବିରୋଧରେ ଦେଶବ୍ୟାପୀ କଂଗ୍ରେସ ଆନ୍ଦୋଳନ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ମନରେଗା) ରେ ସାମ୍ପ୍ରତିକ ପରିବର୍ତ୍ତନକୁ ବିରୋଧ କରି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଶନିବାରଠାରୁ ୪୫ ଦିନବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଛି। ଦେଶର ୬ଟି ରାଜ୍ୟ ଏହି ଏହାକୁ ବିରୋଧ କରିଛନ୍ତି। କର୍ଣ୍ଣାଟକ, ତେଲଙ୍ଗାନା ଓ ପଞ୍ଜାବ ଆନୁଷ୍ଠାନିକ ଭାବେ ନୂତନ ଆଇନ୍‌କୁ ବିରୋଧ କରି ପ୍ରସ୍ତାବ ପାରିତ କରିଛନ୍ତି। ସେହିପରି ତାମିଲନାଡୁ, କେରଳ ଓ ପଶ୍ଚିମବଙ୍ଗ ମଧ୍ୟ ଦୃଢ ଆପତ୍ତି ପ୍ରକାଶ କରିଛନ୍ତି। ଭିବି- ଜି ରାମ ଜି ଆଇନକୁ ବିରୋଧ କରିବା ସହ ଏହି ରାଜ୍ୟଗୁଡିକ ଚିନ୍ତା ପ୍ରକଟ କରିଛନ୍ତି। ଏହି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା, ଚାହିଦା-ଚାଳିତରୁ ଯୋଗାଣ- ଚଳିତ ଢାଞ୍ଚାକୁ ସ୍ଥାନାନ୍ତର, ରାଜ୍ୟଗୁଡିକ ଉପରେ ଆର୍ଥିକ ବୋଝ ବୃଦ୍ଧି କରିବା ସହ ପୂର୍ଣ୍ଣ କେନ୍ଦ୍ରୀୟ ନିୟନ୍ତ୍ରଣ ଲାଗୁ କରିବାକୁ ବିରୋଧ କରାଯାଇଛି। ବିରୋଧୀ ଦଳଗୁଡିକ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ପରିବର୍ତ୍ତନଗୁଡିକ ରାଜ୍ୟ ସ୍ୱାୟତ୍ତତାକୁ ଦୁର୍ବଳ କରିବ ଓ ଗ୍ରାମୀଣ ନିଯୁକ୍ତି ଅଧିକାରକୁ ବିପଦରେ ପକାଇବ। କର୍ଣ୍ଣାଟକ ମନ୍ତ୍ରୀ ପ୍ରିୟଙ୍କା ଖଡ଼ଗେ କହିଛନ୍ତି ଯେ, ଏହି ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟକୁ ଆଗାମୀ ୫ ବର୍ଷ ମଧ୍ୟରେ ପାଖାପାଖି ୨୦, ୦୦୦ କୋଟି ଟଙ୍କା ଆବଶ୍ୟକ ହେବ। ଏହାକୁ ବିରୋଧ କରି କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ସେ ଘୋଷଣା କରିଛନ୍ତି। କିନ୍ତୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଅନୁସାରେ ଭିବି ଜି ରାମ ଜି ଆଇନ କାର୍ଯ୍ୟକାରୀ ହେଲେ ରାଜ୍ୟଗୁଡିକ ୧୭, ୦୦୦ କୋଟି ଟଙ୍କା ଲାଭ ପାଇବେ ବୋଲି ଆକଳନ କରାଯାଇଛି।

## ଏସ୍‌ଆଇଆର୍‌ରେ ୧୨ଟି ରାଜ୍ୟରେ କଟିଲେଣି ୬.୫ କୋଟି ଭୋଟର

ନୂଆଦିଲ୍ଲୀ, ୧୦।୧: ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ୬ କୋଟି ୫୦ ଲକ୍ଷ ଭୋଟରଙ୍କ ନାମ କଟିଲାଣି। ଉତ୍ତର ପ୍ରଦେଶରେ ସର୍ବାଧିକ ପ୍ରାୟ ୩ କୋଟି ଭୋଟରଙ୍କ ନାମ କଟିଥିବା ବେଳେ ତାମିଲନାଡୁରେ ୯୭ ଲକ୍ଷ, ଗୁଜରାଟରେ ୭୩ ଲକ୍ଷ ଏବଂ ପଶ୍ଚିମ ବଙ୍ଗରେ ସାଢ଼େ ୫୩ ଲକ୍ଷ ଭୋଟରଙ୍କ ନାମ କଟିଛି। ଏତେ ସଂଖ୍ୟକ ଭୋଟରଙ୍କ ନାମ କଟିଯାଇଥିବାରୁ ସଂପୃକ୍ତ ରାଜ୍ୟରେ କ୍ଷମତାସୀନ ଥିବା ଦଳମାନେ ଚିନ୍ତିତ ହୋଇପଡ଼ିଛନ୍ତି। କଟିଯାଇଥିବା ଭୋଟରମାନଙ୍କ ମଧ୍ୟରୁ କିପରି ଅଧିକାଂଶ ନାମ ଯୋଡ଼ାହେବ, ସେଥିଲାଗି ଏହି ଦଳଗୁଡ଼ିକ ଉଦ୍ୟମ ଚଳାଇଛନ୍ତି।

ଏସ୍‌ଆଇଆର୍ ପୂର୍ବରୁ (ଅକଟୋବର) ଏହି ୧୨ଟି ରାଜ୍ୟରେ ଭୋଟର ସଂଖ୍ୟା ୫୦ କୋଟି ୯୦ ଲକ୍ଷ ଥିବା ବେଳେ ଭୋଟର ଚିଠା ପ୍ରକାଶ ପାଇବା ପରେ ଏହି ସଂଖ୍ୟା ୪୪ କୋଟି ୪୦ ଲକ୍ଷକୁ ଖସିଆସିଛି। ଏସଂପର୍କରେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଯେଉଁମାନଙ୍କ ନାମ କଟିଛି ସେମାନଙ୍କମଧ୍ୟରେ ଅଧିକାଂଶ ହେଉଛନ୍ତି ଅନୁପସ୍ଥିତ, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର, ମୃତ୍ୟୁ ଏବଂ ଡୁପ୍ଲିକେଟ୍ ଭୋଟର। ତେବେ କିଛି ଭୋଟରଙ୍କୁ ସନ୍ଦିଗ୍ଧ ତାଲିକାରେ ମଧ୍ୟ ରଖାଯାଇଛି। ।ସେ କହିଲେ ଯେ ଗ୍ରାମାଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଭୋଟର ତାଲିକାକୁ ନେଇ ଉତ୍ସାହ ଥିବା ବେଳେ ସହରାଞ୍ଚଳରେ ଏନୁମେରେସନ ଫର୍ମ ସଂଗ୍ରହ ସଂଖ୍ୟା କମ୍ ରହିଛି। ଉତ୍ତର ପ୍ରଦେଶର ଉଦାହରଣ ଦେଇ ସେ କହିଛନ୍ତି ଯେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ଭୋଟରଙ୍କ ନାମ କଟିଛି। ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ଏହି ପ୍ରକିୟାରେ ୨ କୋଟି ୮୯ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି। ଏହାସହିତ ରାଜ୍ୟର ଭୋଟର ସଂଖ୍ୟା ୧୨ କୋଟି ୫୫ ଲକ୍ଷକୁ ହ୍ରାସ ପାଇଛି। ଏହା ହେଉଛି ମୋଟ ଭୋଟର ସଂଖ୍ୟାର ୧୮.୭୦ ପ୍ରତିଶତ। ଏଥିମଧ୍ୟରୁ ସହରାଞ୍ଚଳରେ ଭୋଟରଙ୍କ ସଂଖ୍ୟା ସର୍ବାଧିକ କଟିଛି। ଏଥିରେ ରହିଛି ରାଜଧାନୀ ଲକ୍ଷ୍ନୌ ଏବଂ ଗାଜିଆବାଦ। ଲକ୍ଷ୍ନୌରେ ୩୦ ଭାଗ ଭୋଟର କଟିଥିବା ବେଳେ ଗାଜିଆବାଦରେ ୨୮ ପ୍ରତିଶତ ଭୋଟର ବାଦ୍ ପଡ଼ିଛନ୍ତି। ବଳରାମପୁର, କାନପୁର, ପ୍ରୟାଗରାଜ, ମିରଟ, ଗୌତମ ବୁଦ୍ଧ ନଗର, ହାପୁର, ସହାରନପୁର ଏବଂ ଆଗ୍ରାରେ ଏଭଳି ପରିସ୍ଥିତି ଦେଖାଦେଇଛି।

ଏହାକୁ ନେଇ ରାଜ୍ୟ ବିଜେପି ଚିନ୍ତାରେ ପଡ଼ିଯାଇଛି। ଗତ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀମାନେ ଯେଉଁଠାରେ ୫ ହଜାରରୁ ୨୦ ହଜାର ଭୋଟ ବ୍ୟବଧାନରେ ଜିତିଥିଲେ, ସେଠାରେ ଦଳ ୧ ଲକ୍ଷରୁ ଅଧିକ ଭୋଟର ହରାଇଥିବା କୁହାଯାଉଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପୂର୍ବରୁ କିପରି ଅଧିକରୁ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ପୁଣି ସ୍ଥାନ ପାଇବ ତାହାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟ ବିଜେପି ସଭାପତିଙ୍କ ସହିତ ବୈଠକ କରି ରଣନୀତି ପ୍ରସ୍ତୁତ କରିଛନ୍ତି। ।ସେହିଭଳି ପଶ୍ଚିମ ବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ ମଧ୍ୟ ଚିନ୍ତାରେ। ରାଜ୍ୟରେ ୫୩ ଲକ୍ଷ ଭୋଟରଙ୍କ ନାମ କଟିଛି। ଏଥିରେ ଅଧିକାଂଶ ଅଞ୍ଚଳ ମମତାଙ୍କ ତୃଣମୂଳର ଭୋଟ ବ୍ୟାଙ୍କ ବୋଲି କୁହାଯାଉଛି। ଏହାକୁ ନେଇ ଚିନ୍ତାରେ ଥିବା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ସୁପ୍ରିମ କୋର୍ଟ ଯାଇଛନ୍ତି।



ଶନିବାର ଶ୍ରୀମନ୍ଦିର ଆଗରେ ଭକ୍ତଙ୍କ ଭିଡ଼

**ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍**

## ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

ପୁରୀ,୧୦।୧(ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ, କ୍ୟାମେରା ନେବା ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲେ ହେଁ ଏହି କଟକଣାକୁ ଅନେକ ନାଲିଆଖି ଦେଖାଉଛନ୍ତି। ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରର ସମ୍ବେଦନଶୀଳ ଫଟୋ ବାହାରେ ବୁଲୁଛି। ଗତମାସ ୧୭ ତାରିଖରେ ଶ୍ରୀମନ୍ଦିର ଗର୍ଭଗୃହ ଏବଂ ରତ୍ନସିଂହାସନରେ ମହାପ୍ରଭୁଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ୨୨ ଦିନ ପରେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିରକୁ ନେଇ କୌଣସି କଟକଣା ହେଲେ କିଛିଦିନ ଧରପଗଡ଼ ହୋଇଥାଏ। ଧୀରେ ଧୀରେ ତା' ଉପରୁ ନଜର ହଟିବା ପରେ ପୁଣି ପୂର୍ବାବସ୍ଥାକୁ ସ୍ଥିତି ଫେରିଆସେ। ମୋବାଇଲ କଟକଣା ବର୍ତ୍ତମାନ ସେହିଭଳି ସ୍ଥିତିରେ ରହିଥିବା ଚର୍ଚ୍ଚା ହେଉଥିବାବେଳେ ବଡ଼ ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ସମ୍ଭାବ୍ୟ ଆଶଙ୍କା କରି ଗତ କିଛିବର୍ଷ ହେବ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସଜି) ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ଯେ ବଡଦେଉଳର ସୁରକ୍ଷା ବ୍ୟବସ୍ଥା ଧର୍ମକୁ ଆଖିଠାର ତାହା ମୋବାଇଲ କଟକଣାକୁ ଦେଖିଲେ ଜଣାପଡୁଛି। କାରଣ ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ମୋହିତ ନାମକ ଜଣେ ଯୁବକ ତାଙ୍କ ଇନଷ୍ଟାଗ୍ରାମ ଆଇଡିରେ ଅପ୍‌ଲୋଡ଼ କରିଛନ୍ତି ଶ୍ରୀମନ୍ଦିର ଭିତର ଫଟୋ। ଆନନ୍ଦ ବଜାରରେ ଫଟୋ ଉଠାଇଥିବା ଜଣାପଡୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚାରିଦ୍ୱାରରେ ମାଳ ମାଳ ସୁରକ୍ଷାକର୍ମୀ ଯାଞ୍ଚ କରୁଥିବାବେଳେ କିଭଳି ମୋବାଇଲ ମନ୍ଦିର ଭିତରକୁ ଯାଉଛି ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଭକ୍ତ। ଅନ୍ୟପଟେ ଶ୍ରୀମନ୍ଦିରର ପ୍ରଚଳିତ ଆଇନରେ ସଂଶୋଧନ ସହିତ ଶ୍ରୀମନ୍ଦିର ଚାରି ଦ୍ୱାରରେ ଅତ୍ୟାଧୁନିକ ସ୍କାନିଙ୍ଗ ମେସିନ୍ ଲଗାଇବା ପାଇଁ ଦାବି କରାଯାଉଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଗୋଟେ ଇନ୍‌ଷ୍ଟାଗ୍ରାମ ଆଇଡିରେ ଫଟୋ ଅପ୍‌ଲୋଡ଼ ହୋଇଥିବା ଦେଖିବାକୁ ମିଳିଛି। ଏହି ଫଟୋ କିଏ ଅପ୍‌ଲୋଡ଼ କରିଛି, ଏହା ପଛରେ କ'ଣ ସତ୍ୟତା ରହିଛି ସବୁ ଯାଞ୍ଚ କରାଯିବ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ବିଫଳ ପ୍ରେମିକର ବର୍ବର କାଣ୍ଡ**

## ଅନ୍ୟତ୍ର ବିବାହ ଠିକ୍ ହେବାରୁ ପ୍ରେମିକାକୁ ଛୁରି ଭୁସି ହତ୍ୟା

ରାଉରକେଲା, ୧୦।୧(ସମିସ): ଅନ୍ୟତ୍ର ବିବାହ ଠିକ୍ ହେବାରୁ ପ୍ରତିଶୋଧପରାୟଣ ହୋଇ ପ୍ରେମିକାକୁ ଛୁରି ଭୁସି ହତ୍ୟା କରିଛି ପ୍ରେମିକ। ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ଅଞ୍ଚଳର ଏହି ଘଟଣା ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ବୀରମିତ୍ରପୁର ପୁଲିସ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି।



ସୂଚନାନୁସାରେ, ଝିରପାଣି ଜେନା ବସ୍ତି ଅଞ୍ଚଳର ମୁକେଶ କୁଲୁ (୩୯)ଙ୍କର କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଗୋବିରା ନିକଟସ୍ଥ ଖଡ଼ିଆଟୋଲି ଅଞ୍ଚଳର ଶିଖା ସ୍ୱପ୍ନା କୁଲୁ (୩୬)ଙ୍କ ସହ ପ୍ରେମସମ୍ପର୍କ ଥିଲା। ୨୦୧୨ରୁ ଦୁହେଁ ସଂପର୍କରେ ଥିଲେ। ୨୦୨୦ରେ ମୁକେଶ କୁଲୁର ବିବାହ ହୋଇଯାଇଥିଲା। ହେଲେ ମୁକେଶ ଓ ଶିଖା ସ୍ୱପ୍ନା ମଧ୍ୟରେ ପୂର୍ବପରି ସମ୍ପର୍କ କାଏମ ରହିଥିଲା। ମୁକେଶ ଝିରପାଣିରୁ ଗୋବିରାକୁ ଯାଆ ଆସ କରିବା ସହ ଶିଖା ସହ ସମ୍ପର୍କ ରଖୁଥିଲା। ମାତ୍ର ଶିଖାର ପରିବାରଲୋକେ ତାଙ୍କର ଅନ୍ୟତ୍ର ବିବାହ ଠିକ କରିଦେଇଥିଲେ। ଆସନ୍ତା ୧୨ ତାରିଖରେ ଶିଖାର ବିବାହ ହୋଇଥା'ନ୍ତା। ନିମନ୍ତ୍ରଣକାର୍ଡ ବଣ୍ଟା ସରିବା ସହ ବିବାହ ଓ ଭୋଜି ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ପ୍ରେମିକ ମୁକେଶ ଏଥିରେ ବ୍ୟତିବ୍ୟସ୍ତ ହୋଇ ବିବାହ ବନ୍ଦ କରିବାକୁ ଶିଖାକୁ ବାଧ୍ୟ କରିଥିଲା। ମାତ୍ର ଶିଖା ରାଜି ନ ହେବାରୁ ଶୁକ୍ରବାର ରାତିରେ ମୁକେଶ ଗୋବିରା ଯାଇ ଶିଖାକୁ ଶେଷଥର କଥା ହେବା ପାଇଁ ଖଡିଆଟୋଲିରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ର ନିକଟକୁ ଡାକିଥିଲା। ଶିଖା ସେଠାକୁ ଆସିବା ପରେ ମୁକେଶ ପୁନର୍ବାର ବିବାହ ବନ୍ଦ କରିବାକୁ ତାକୁ କହିଥିଲା। ହେଲେ ଶିଖା ରାଜି ନ ହେବାରୁ ପ୍ରତିଶୋଧ ପରାୟଣ ହୋଇ ମୁକେଶ ଶିଖାର ପେଟରେ ଛୁରି ଭୁସି ଫେରାର୍ ହୋଇଯାଇଥିଲା। ଗାଁଲୋକେ ଶିଖାକୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଆଜି ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବୀରମିତ୍ରପୁର ଥାନାଧିକାରୀ ରାମ ପ୍ରସାଦ ନାଗ ଘଟଣାର ତଦନ୍ତ କରିବା ସହ ହତ୍ୟାକାରୀ ମୁକେଶ କୁଲୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗୋରୁ ବୋଝେଇ କଣ୍ଟେନର ଓଲଟି ୩ ମୃତ

**୩୨ ଗୋରୁ ମୃତ, ୮ ଗୁରୁତର**

ରେଢ଼ାଖୋଲ,୧୦।୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଦେଇ ଯାଇଥିବା ୧୫୩-ବି ଜାତୀୟ ରାଜପଥ ଅନ୍ତର୍ଗତ ରେଢ଼ାଖୋଲ-ବୌଦ୍ଧ ରାସ୍ତାର ପଣ୍ଡେଇ ନିକଟ ବୁଲାଣିରେ ଏକ ଗୋରୁ ବୋଝେଇ କଣ୍ଟେନର୍ ଓଲଟି ପଡ଼ିବାରୁ ୩ ଚାଲାଣକାରୀଙ୍କ ସମେତ ୩୨ଗୋରୁଙ୍କ ମୃତ୍ୟୁ ହୋଇଛି। କଣ୍ଟେନର୍‌ଟି ବୌଦ୍ଧ ଅଞ୍ଚଳରୁ ରେଢ଼ାଖୋଲ ଅଭିମୁଖେ ଆସୁଥିଲା ବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି। ଅନୁଗୋଳ ଜିଲ୍ଲା କିଆକଟା ପୁଲିସ ଓ ବୌଦ୍ଧ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। କଣ୍ଟେନର୍ ଭିତରୁ ୩୨ ମୃତ ଓ ଗୁରୁତର ଅବସ୍ଥାରେ ୮ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ୨୦ରୁ ୨୫ ଗୋରୁ ଗାଡ଼ି ଭିତରେ ଫସି ରହିଥିବା ଅନୁମାନ କରାଯାଉଛି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଗୁଳି

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି**

ରାଉରକେଲା, ୧୦।୧(ସମିସ): ସୁନ୍ଦରଗଡ଼ ସଦର ଥାନା ଅଧୀନ କରମଡ଼ିହଠାରେ ଏକ ଗ୍ୟାସ୍ ଗୋଦାମ ମାଲିକଙ୍କ ଉପରକୁ ଆଜି ୨ଜଣ ଦୁର୍ବୃତ୍ତ ଦୁଇ ରାଉଣ୍ଡ ଗୁଳି ଚାଳନା କରି ଫେରାର୍ ହୋଇଯାଇଛନ୍ତି। ଗୋଦାମ ମାଲିକଙ୍କ ପେଟରେ ଗୋଟିଏ ଗୁଳି ବାଜିଥିବା ବେଳେ ଅନ୍ୟ ଗୁଳିଟି ତାଙ୍କ ଛାତି ହୋଇ ଖସି ଯାଇଥିଲା। ଗୋଦାମ ମାଲିକ ହେଉଛନ୍ତି ଅରୁଣ କୁମାର ନାୟକ। ସେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ଅବସର ପରେ ସେ ସୁନ୍ଦରଗଡ଼ର କରମଡିହ ନିକଟରେ ଏକ ରୋଷେଇ ଗ୍ୟାସ୍ ଡିଲରସିପ୍ ନେଇ ଦୋକାନ କରିଥିଲେ। ଆଜି ରାତିରେ ଅରୁଣ ତାଙ୍କର ଗ୍ୟାସ ଗୋଦାମ ବନ୍ଦ କରୁଥିବା ବେଳେ ୨ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଗୋଟିଏ ଗୁଳି ତାଙ୍କ ପେଟରେ ବାଜିବାରୁ ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ପରେ ତାଙ୍କୁ ପ୍ରଥମେ ସୁନ୍ଦରଗଡ଼ ଜିଲ୍ଲା ସଦର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

ଖବର ପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶରେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଛାନଭିନ ଆରମ୍ଭ କରିଥିଲେ। ତେବେ ଗୁଳିକାଣ୍ଡ କାହିଁକି ଘଟିଲା, ଗୁଳିକାଣ୍ଡ ପଛର କାରଣ କ'ଣ ସେ ବିଷୟରେ କିଛି ସ୍ପଷ୍ଟ ସୂଚନା ମିଳିପାରିନି।

## ଓଡ଼ିଶାର ବିକାଶ ଯାତ୍ରାରେ ସମ୍ବଲପୁର ନୂଆ ଅଧ୍ୟାୟ ଯୋଡ଼ିବ: ମୁଖ୍ୟମନ୍ତ୍ରୀ



**୯୪୮ କୋଟି ଟଙ୍କାର ୨୫ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

ସମ୍ବଲପୁର, ୧୦।୧ (ସମିସ): ସମ୍ବଲପୁରକୁ ଦୁଇଦିନିଆ ଗସ୍ତରେ ଆସି ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁର୍ଲା ପିଏମଶ୍ରୀ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୯୪୮ କୋଟି ଟଙ୍କାର ୨୫ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତନ୍ମଧ୍ୟରେ ୫୭ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୧୪ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୮୯୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୧୧ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ସଡ଼କ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗୋଦାମ ଗୃହ, ଅଟଳ ବସ୍‌ଷ୍ଟାଣ୍ଡ, ଛାତ୍ରୀନିବାସ, ପର୍ଯ୍ୟଟନ ବିକାଶ, ପାନୀୟ ଜଳ ଭଳି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସାମିଲ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଯେ ସମ୍ବଲପୁର ଜିଲ୍ଲାର ବିକାଶ ଯାତ୍ରାରେ ଏସବୁ ପ୍ରକଳ୍ପଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଏହି ସମସ୍ତ ପ୍ରକଳ୍ପ ସମ୍ବଲପୁର ଜିଲ୍ଲାରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ୨୫ଟି ଇ-ବସ୍ ସେବାର ଆରମ୍ଭ କରିଥିଲେ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଧବ, ପୁଲିସ ଆଇଜି ହିମାଂଶୁ ଲାଲ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ମହଙ୍ଗା ପଡ଼ିଲା 'ନୌଟଙ୍କି' ମନ୍ତବ୍ୟ**

## ଉପମୁଖ୍ୟମନ୍ତ୍ରୀଙ୍କୁ ଜୋରଦାର ବିରୋଧ

ଭୁବନେଶ୍ୱର/ମନମୁଣ୍ଡା, ୧୦।୧ (ସମିସ): ସୁବର୍ଣ୍ଣପୁର ଗସ୍ତରେ ଯାଇଥିବା ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଆଜି ହଟହଟା ହେବାକୁ ପଡ଼ିଛି। ତାଙ୍କର 'ନୌଟଙ୍କି' ମନ୍ତବ୍ୟ ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ବିରୋଧ ପ୍ରଦର୍ଶନ କରିଛି। ସୁବର୍ଣ୍ଣପୁର ଲୋକ ମହୋତ୍ସବ 'ମହିମା'ର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ ମଞ୍ଚରେ ଭାଷଣ ଦେଉଥିବା ବେଳେ ସଙ୍ଗଠନର କର୍ମକର୍ତ୍ତାମାନେ ଜୋରଦାର୍ ବିରୋଧ କରିଥିଲେ। ମଞ୍ଚ ତଳେ ବିକ୍ଷୋଭକାରୀମାନେ ପୋଷ୍ଟର୍ ପ୍ରଦର୍ଶନ କରିବା ସହ ନାରାବାଜି କରିଥିଲେ। ଏହି ସମୟରେ କିଛି ବିଜେପି କର୍ମୀ ବିକ୍ଷୋଭକାରୀଙ୍କୁ ଆକ୍ରମଣ କରିବା ସହ ଠେଲାପେଲା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କିଛି ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇନେବାରୁ ଉତ୍ତେଜନା ଆହୁରି ବଢ଼ିଥିଲା। ସୂଚନାଯୋଗ୍ୟ, ନିକଟ ଅତୀତରେ ଏକ ସଭାମଞ୍ଚରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କୃଷକଙ୍କ ଆନ୍ଦୋଳନକୁ 'ନୌଟଙ୍କି' ବୋଲି କହିଥିଲେ।


PARADEEP PARIVAHAN LIMITED

**PARADEEP PARIVAHAN LIMITED**
**(CIN: L52241OR2000PLC006379)**

Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:info@paradeepparivahan.com
Web Site: www.paradeepparivahan.com

**NOTICE**

Notice is hereby given that the 01/2025-26 Extra-Ordinary General Meeting ("EGM") of the members of Paradeep Parivahan Limited ("the Company") is scheduled on Saturday, January 31, 2026, at 11:30 a.m. (IST) at the corporate office of the company at Plot No-A/29, Near Airport, Palaspalli, Bhubaneswar-751020, Odisha, India.
Notice of the EGM setting out the business to be transacted, along with other documents if any; have been sent in electronic mode on January 9, 2026 to the members whose e-mail IDs are registered with the Company or Depository Participant(s).
Members are hereby informed that, the Notice of the EGM and other documents required to be attached thereto, are sent in electronic mode only to those members whose email address is registered with the Company/Depository Participant(s)/Registrar and Transfer agents. The aforesaid documents will also be available on the Company's website at https://www.paradeepparivahan.com/ under section "Investors", on the website of BSE Limited at www.bseindia.com, and on the website of the Company's Registrar and Transfer Agent Bigshare Services Pvt. Ltd at https://ivote.bigshareonline.com.
Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India, members are provided with the facility to cast their votes on resolution(s) set forth in the Notice using electronic voting. The facility for voting through Ballot Paper shall also be made available at the EGM and the members attending the EGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the EGM through Ballot Paper. The members who have already cast their vote by remote e-voting may attend the EGM but shall not be entitled to cast their vote again. In order to enable its members, who do not have access to e-voting facility, please send your assent or dissent in writing in respect of the resolutions as set out in the Notice .
All members are hereby informed that:
1. The special business as set out in the Notice of EGM may be transacted through voting by electronic means;
2. Date of completion of dispatch of Notice of EGM: January 9, 2026;
3. The remote e-voting shall commence on Wednesday, January 28, 2026 at 9:00 a.m. (IST) and end on Friday, January 30, 2026 at 5.00 p.m. (IST);
4. The remote e-voting shall not be allowed beyond Friday, January 30, 2026 at 5.00 p.m. (IST);
5. The cut-off date for determining the eligibility to vote through remote e-voting or at the EGM will be Saturday, January 24, 2026;
6. A person who has acquired shares and become a member of the Company after the dispatch of notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
7. The facility for voting, either through electronic voting system or ballot or polling paper shall also be made available at the venue of the EGM and Members who have not already casted their vote by remote e-voting shall be able to exercise their right at the EGM. The Members who have casted their vote by remote e-voting prior to the EGM may also attend the meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting or voting through" electronic voting system" or ballot form at the EGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the EGM by following the below process for obtaining the e-voting credentials:
a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.
b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com
11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

By Order of the Board of Directors
**For PARADEEP PARIVAHAN LIMITED**
SD/-
Pravat Kumar Nandi
Director
DIN: 01957949

**Place: Bhubaneswar**
**Date: 07.01.2026**


## ଥାନା ଆଗରେ ବିଷ ପିଇବାକୁ ଯୁବତୀଙ୍କ ଉଦ୍ୟମ

ଭାପୁର, ୧୦।୧(ସମିସ): ବିବାହ ପାଇଁ ପ୍ରେମିକ ରାଜି ନ ହେବାରୁ ଥାନା ଆଗରେ ବିଷ ପିଇବାକୁ ଯୁବତୀଙ୍କ ଉଦ୍ୟମ। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଏପରି ଏକ ହାଇଡ୍ରାମା ଦେଖିବାକୁ ମିଳିଥିଲା। ସୂଚନାନୁଯାୟୀ, ଫତେଗଡ଼ ଥାନା ଶାଳପଡ଼ା ପଞ୍ଚାୟତ ନୂଆଗାଁ ଗ୍ରାମର ନିରଞ୍ଜନ ପଣ୍ଡାଙ୍କ ପୁଅ ଶିବପ୍ରସାଦ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରେ ରହି ରୋଷେଇ କରି ପରିବାର ପ୍ରତିପୋଷଣ କରନ୍ତି। ସେଠାରେ ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ୭ବର୍ଷ ପୂର୍ବେ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ସତ୍ୟନଗର ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ମାତ୍ର କୌଣସି କାରଣରୁ ସେମାନଙ୍କ ସମ୍ପର୍କରେ ଭଟ୍ଟା ଆସିବାରୁ ଶିବପ୍ରସାଦ ବିବାହ କରିବାକୁ ଅରାଜି ହୋଇଥିଲେ। ଏ ନେଇ ଯୁବତୀଜଣଙ୍କ ଫତେଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଶିବପ୍ରସାଦ ଓ ତାଙ୍କ ବାପାଙ୍କୁ ଡକାଇଥିଲା। ଏହି ସମୟରେ ଥାନା ସମ୍ମୁଖରେ ଯୁବତୀଜଣଙ୍କ ବିଷ ବୋତଲ ଧରି ପିଇବାକୁ ଉଦ୍ୟମ କରିଥିଲେ। ପୁଲିସ ତତ୍‌କ୍ଷଣାତ ତାଙ୍କଠାରୁ ବିଷ ବୋତଲ ଛଡ଼ାଇ ଦେଇଥିଲା। ଶିବ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଏକାଧିକଥର ଶାରୀରିକ ସଂପର୍କ ରଖିଥିଲେ ବୋଲି ଯୁବତୀଜଣଙ୍କ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଫତେଗଡ଼ ପୁଲିସ ଜିରୋ-ଏଫ୍‌ଆଇଆର୍ ରୁଜୁ କରି ଉଭୟଙ୍କୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନାକୁ ପଠାଇ ଦେଇଛି। ମଞ୍ଚେଶ୍ୱର ପୁଲିସ ଏନେଇ ଏକ ମାମଲା ରୁଜୁ କରି ଯୁବତୀଙ୍କ ଡାକ୍ତରୀମାଇନା କରାଇଛି। ଅଭିଯୁକ୍ତ ଶିବକୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ଯୁବତୀ ଏବଂ ଶିବପ୍ରସାଦ ପୂର୍ବରୁ ମନ୍ଦିରରେ ବିବାହ କରିଥିବା ସୂଚନା ମିଳିଛି।

## ଆଜିଠୁ ଖୋଲିବ ଭିତରକନିକା




ରାଜନଗର, ୧୦।୧(ସମିସ): ବଉଳା କୁମ୍ଭୀରଙ୍କ ଭୂ-ସ୍ୱର୍ଗ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ଗଣନା ପାଇଁ ଚଳିତ ମାସ ୮ରୁ ୧୦ତାରିଖ ଯାଏଁ ଭିତରକନିକା ବନ୍ଦ ରହିଥିଲା। ଏଥିପାଇଁ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଥିଲା। ବଉଳା କୁମ୍ଭୀରଙ୍କ ଗଣନା ଶେଷ ହେବା ପରେ ଆସନ୍ତାକାଲିଠାରୁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




**ଇଲା ପଣ୍ଡା**
୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

**ଅଭୁଲା ସ୍ମୃତି ସହ**
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

ସକାଳ THE SAKALA



## ଅଣ୍ଡରପାସ ସ୍ଥଳ ପରିଦର୍ଶନ କଲେ ଜିଲ୍ଲାପାଳ

**ମାର୍ଶାଘାଇ,୧୦।୧(ସମିସ):** ମାର୍ଶାଘାଇ ବ୍ଲକ ଶିଳିପୁରଳ ଛକ ୫୩ନଂ ରାଜପଥ ତ୍ରୁଟିପୂର୍ଣ୍ଣ ଅଣ୍ଡରପାସ ନିର୍ମାଣ କରାଯାଇଛି। ଆଜି ଜିଲ୍ଲାପାଳ ରଘୁରାମ ଆର ଆୟାର ପରିଦର୍ଶନ କରିଛନ୍ତି। ଅଣ୍ଡରପାସ ପରିଦର୍ଶନ କାଳରେ ସାଧାରଣ ଲୋକଙ୍କ ସମସ୍ୟାକୁ ଜିଲ୍ଲାପାଳ ହୃଦୟଙ୍ଗମ କରିଥିଲେ। ପୂର୍ବରୁ ତ୍ରୁଟିପୂର୍ଣ୍ଣ ଅଣ୍ଡରପାସ ଉଚ୍ଚତା ବୃଦ୍ଧି ପାଇଁ ବୈଷୟିକ ସମସ୍ୟା ରହିଛି। ଶିଳିପୁର ବାଇପାସ ପିଏନ୍‌ବି ବ୍ୟାଙ୍କ ଛକ ନିକଟରେ ଅନ୍ୟଏକ ଅଣ୍ଡରପାସ ପାଇଁ କ୍ରିୟାନୁଷ୍ଠନ କମିଟି ଜିଲାପାଳଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ।



ଜିଲ୍ଲାପାଳ ଜନସାଧାରଣଙ୍କ ଯାତାୟତ ସୁବିଧା ନିମିତ୍ତ ଯାହା ସମ୍ଭବ ତାହା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ୩ଦିନ ମଧ୍ୟରେ ଅଣ୍ଡରପାସ କ୍ରିୟାନୁଷ୍ଠାନ କମିଟିକୁ ଅବଗତ କରାଇବେ ବୋଲି ନର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାପାଳଙ୍କ ଘଟଣାସ୍ଥଳ ପରିଦର୍ଶନ ଓ ଆନ୍ଦୋଳନକାରୀଙ୍କୁ ଭେଟି ଅଣ୍ଡରପାସ ପାଇଁ ପ୍ରତିଶ୍ରୁତି ଓ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନାକୁ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି। ଏ ଅବସରରେ ଭିକାରୀ ବେଉରା, ସରପଞ୍ଚ ମଧୁମିତା ପରିଡ଼ା, ସମିତିସଭ୍ୟା ଭାରତ କାନୁନ୍‌ଗୋ, ବୈବମନୁ ବେଉରା, ପୂର୍ବତନ ସରପଞ୍ଚ ଯୁଗଳ ଦାସ, ଗୌରାଙ୍ଗ ଜେନା, ଗଙ୍ଗାଧର ଦାସ, ରତିକାନ୍ତ ବେଉରା, ସୁମନ୍ତ ବେଉରା, ନରହରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗାୟତ୍ରୀ ଜାତୀୟ ଫୁଟବଲ ଦଳର ସହକାରୀ ପ୍ରଶିକ୍ଷକ ନିଯୁକ୍ତ



**ଆଳି,୧୦।୧(ସମିସ):** ଓଡ଼ିଶା ଫୁଟବଲର ଏନ୍ତୁଡ଼ିଶାଳ କହିଲେ ଆଳିକୁ ବୁଝାଏ। ଆଳି ଷ୍ଟାଡିୟମରୁ ବହୁ ଫୁଟବଲ ତାରକା ରାଜ୍ୟ ଓ ଦେଶ ପାଇଁ ଫୁଟବଲ ଖେଳି ବହୁ ସୁନାମ ଅର୍ଜନ କରିଛନ୍ତି। ଭାରତୀୟ ମହିଳା ଦଳର ପୂର୍ବତନ ଖେଳାଳି ଗାୟତ୍ରୀ ମଲ୍ଲିକ ଭାରତୀୟ ସିନିୟର ଜାତୀୟ ମହିଳା ଫୁଟବଲ୍ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଆଳି ମହିଳା ଫୁଟବଲ୍ ଦଳର ପୂର୍ବତନ ବରିଷ୍ଠ ଖେଳାଳି ତଥା ଭାରତୀୟ ରାଜ୍ୟ ଦଳରେ ମଧ୍ୟ ସହକାରୀ ପ୍ରଶିକ୍ଷିକା କାର୍ଯ୍ୟ ତୁଲାଇଥିବା ଗାୟତ୍ରୀ ମଲ୍ଲିକ ଆଜି ପୁଣିଥରେ ଆଳି ପାଇଁ ସୁନାମ ଅର୍ଜନ କରିଛନ୍ତି। ଏ ଖବର ପାଇ ଆଳି ଆଥଲେଟିକ ଆସୋସିଏସନ୍‌ର ସଭାପତି ପ୍ରତାପ କେଶରୀ ଦେବ, ସମ୍ପାଦକ ବିଜୟ ସେନାପତି, ଆଳି ମହିଳା ଫୁଟବଲ୍ ଦଳର ସହସମ୍ପାଦକ ଡାକ୍ତର ଦେବସ୍ମିତା ଶର୍ମା, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, କ୍ରୀଡ଼ା ଶିକ୍ଷକ ସୁଶାନ୍ତ ମଲ୍ଲିକଙ୍କ ସହ ଆସୋସିଏସନର ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ମହିଳା ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ,୧୦।୧(ସମିସ):** ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ ମହାବିଦ୍ୟାଳୟର ୨୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଛି। ଅଧ୍ୟକ୍ଷ ଶ୍ରୀଧର ବେହେରା କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏମ୍‌ଏନ୍ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଶଶାଙ୍କ ଶେଖର ସାହୁ, ସହକାରୀ ଶିକ୍ଷକ ଶ୍ରୀକାନ୍ତ ମଲିକ, ମହିଳା କଲେଜ କ୍ରୀଡ଼ା ଶିକ୍ଷକ ଅଳକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ କ୍ରୀଡା ପତାକା ଧରି ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ଖେଳ ପଡିଆରେ ପହଞ୍ଚିବା ପରେ କ୍ରୀଡ଼ା ସଂଯୋଜିକା ଶୁଭଶ୍ରୀ ପ୍ରିୟଦର୍ଶନୀ ତରାଇ, ସହସଂଯୋଜିକା ଜ୍ୟୋତିର୍ମୟୀ ଦାସ, ସରିତାରାଣୀ ଦାସଙ୍କ ଦ୍ୱାରା କ୍ରୀଡା ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। କ୍ରୀଡ଼ାକୁ ସୁକାନ୍ତ ନାଥ, ରତିରଞ୍ଜନ ନାୟକ, ମଧୁସ୍ମିତା ବସନ୍ତରାୟ, ସସ୍ମିତା ସାମନ୍ତରାୟ, ଏଲିନା ପ୍ରିୟଦର୍ଶନୀ ନାୟକ, ନିର୍ମଳ ସେଠୀ, ଅମିତ ନାୟକ, ଚାମଲ ନାୟକ, ରୋଜାଲିନ ସାହୁ , ଲିତାଲି ଲେଙ୍କା , ସ୍ୱପ୍ନାରାଣୀ ମଲିକ, ବିନୋଦିନୀ ନାୟକ, ଅନନ୍ୟା ଆନଜା ମଲିକ, ସୋନାଲି ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।



## ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

**ଡେରାବିଶ, ୧୦।୧(ସମିସ):** ଡେରାବିଶ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଛି। ଇତିହାସ ବିଭାଗ ମୁଖ୍ୟ ନଗେନ୍ଦ୍ର ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ସମ୍ମାନିତ ଅତିଥି ଭାବେ ସମାଜବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ସେଠୀ, ଅଧ୍ୟାପକ ବିଶ୍ୱଜିତ ସାହୁ, ସଞ୍ଜୀୟ ମିଶ୍ର, ଅଧ୍ୟାପିକା ଡଃ ପ୍ରଜ୍ଞା ପଟ୍ଟନାୟକ, ପ୍ରଜ୍ଞାପାରମିତା ରାଉତରାୟ, ଡେମୋନଷ୍ଟ୍ରେଟର ସ୍ୱର୍ଣ୍ଣଲତା ମିଶ୍ର ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ଡକ୍ଟର ରୁଦ୍ରାଣୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସୁଭାଷିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷିକା ସୌଦାମିନୀ ଓ ସ୍ଥିତିପ୍ରଜ୍ଞା ଖୁଣ୍ଟିଆ ତାଲିମ ପ୍ରଦାନ କରୁଛନ୍ତି।





## ରାଜମାତା ସୁଶ୍ରୀଦେବୀଙ୍କ ଶ୍ରାଦ୍ଧବାର୍ଷିକୀ

**ଆଳି,୧୦।୧(ସମିସ):** ପୂର୍ବତନ ବିଧାୟିକା ରାଜମାତା ସୁଶ୍ରୀଦେବୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ଆଳି ଗିରିବନ୍ଧ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ବିଧାୟକ ଶ୍ରୀ ଦେବ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ସୁଶ୍ରୀ ଦେବୀ ମହିଳା ମହାବିଦ୍ୟାଳୟରେ ରାଜମାତା ସୁଶ୍ରୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭାରେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ଶେଖର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ମୁଖ୍ୟବକ୍ତା ଭାବେ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତଙ୍କ ସମେତ ବହୁ ପୁରୁଖା ରାଜନେତା ଓ ସାଧାରଣ ଲୋକ ଯୋଗ ଦେଇଥିଲେ। ଯୁବ ନେତା ମନୋଜ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ପ୍ରଫେସର ଦୁର୍ଯ୍ୟୋଧନ ମଲ୍ଲିକ ସମ୍ପାଦକୀୟ ପାଠ କରିଥିଲେ। ଏ ଅବସରରେ ବିଶିଷ୍ଟ ପରିବେଶବିତ ପ୍ରମୋଦ ଧଳ, ଯୁବ ଉଦ୍ୟୋଗୀ ବିକାଶ ଶେଖର ନାୟକଙ୍କ ଭଳି ୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆଳି ବ୍ଲକର ସମସ୍ତ +୨ ଓ ମ୍ୟାଟ୍ରିକ ଟପ୍ପର ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ସେନା ଅଧିକାରୀ ଗଣେଶ୍ୱର ସାମଲ ଧନ୍ୟବାଦ ଦେଇଥିଲେ।



## ସଂଘମିତ୍ରା ମଲିକ ସରକାରୀ ଓକିଲ ନିଯୁକ୍ତ



**କେନ୍ଦ୍ରାପଡା,୧୦।୧(ସମିସ):** ଆଇନଜୀବୀ ଶ୍ରୀମତୀ ସଂଘମିତ୍ରା ମଲିକଙ୍କୁ ରାଜ୍ୟ ସରକାର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଯୁଭେନାଇଲ ଜଷ୍ଟିସ ବୋର୍ଡର ଏପିପି ଭାବେ ନିଯୁକ୍ତି ଦେଇଛନ୍ତି। ସେ ସାମ୍ବିଧାନିକ ଆଇନ ବ୍ୟବସ୍ଥା ଉତ୍ତମ ଭାବେ ପାଳନ କରିବା ସହିତ ପୀଡ଼ିତଙ୍କୁ ନ୍ୟାୟପ୍ରଦାନ କରିବାରେ ସାହାଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ତାଙ୍କର ନୂତନ ନିଯୁକ୍ତି ପାଇଁ ସଂଘମିତ୍ରା ମଲିକ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ସାଂସଦ ବୈଜୟନ୍ତ ପଣ୍ଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତା ଲଳିତ ବେହେରାଙ୍କ ସମେତ ସମସ୍ତ ବିଜେପି କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୧୧କେଭି ବିଦ୍ୟୁତ୍ ତାରରୁ ନିଆଁ ଝୁଲଖସି ଜଳିଗଲା ଧାନ ଓ ପାଳଗଦା

**ରାଜନଗର,୧୦।୧(ସମିସ):** ଭିତରଗଡ଼ ପଞ୍ଚାୟତ ଶିଳପୋଖରୀ ଗାଁ ନିକଟରେ ୧୧ କେଭି ବିଦ୍ୟୁତ୍ ତାରରୁ ନିଆଁଝୁଲ ଖସି ଧାନଗଦା ସହ ପାଳଗଦା ପୋଡ଼ି ପାଉଁଶ ହୋଇଯାଇଛି। ଟ୍ରାକ୍ଟରରେ ପାଳଲଦି ଘର ନିକଟ ଜମିରେ ପାଳ କାଢୁଥିବାବେଳେ ଓହଳିଥିବା ୧୧ କେଭି ବିଦ୍ୟୁତ ତାରରେ ବାଜିଥିଲା। ସେଥିରୁ ନିଆଁଝୁଲ ଖସି ବିଜୟ ମଣ୍ଡଳଙ୍କ ପାଳଗଦା ସହ ଧାନଗଦା ପୋଡି ଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ବହୁ ପରିମାଣରେ କ୍ଷୟକ୍ଷତି ହୋଇଛି। ଅପରପକ୍ଷେ ଟ୍ରାକ୍ଟର ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

### ମକର ସଂକ୍ରାନ୍ତି ପାଇଁ ପ୍ରଶାସନର ବୈଠକ

# ଧାଡ଼ି ଦର୍ଶନ, ପିଇବା ପାଣି, ସ୍ୱାସ୍ଥ୍ୟ ସେବା ଓ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ

**କେନ୍ଦ୍ରାପଡ଼ା,୧୦।୧(ସମିସ):**

ଆସନ୍ତା ୧୪ ତାରିଖ ବୁଧବାର ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ଆଶଙ୍କା ଥିବାରୁ ଶୃଙ୍ଖଳା, ସୁରକ୍ଷା ଓ ସୁବ୍ୟବସ୍ଥିତ ଦର୍ଶନକୁ ନେଇ ମନ୍ଦିର ପ୍ରଶାସନ, ପୁଲିସ ଅଧିକାରୀ ଓ ସେବାୟତଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଟ୍ରଷ୍ଟ ବୋର୍ଡ ସଭାପତି ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମକର ସଂକ୍ରାନ୍ତି ଦିନ ସଠିକ୍ ସମୟରେ ନୀତିକାନ୍ତି, ଭକ୍ତଙ୍କ ଧାଡ଼ି ଦର୍ଶନ, ପିଇବା ପାଣି, ସ୍ୱାସ୍ଥ୍ୟ ସେବା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରାଯିବା ନେଇ ସିଦ୍ଧାନ୍ତ ହୋଇଛି। ପୂର୍ବରୁ ବାଟ ମନ୍ଦିରରୁ ଧାଡ଼ି ଦର୍ଶନ ଥିବା ବ୍ୟବସ୍ଥା ପରିବର୍ତ୍ତେ ଏବେ ତୁଳସୀ ଚଉରା ନିକଟରୁ ଭକ୍ତ ସିଧାସଳଖ ବାଇଶି ପାହାଚ ଦେଇ ବଡ଼ ଦେଉଳରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଗର୍ଭଗୃହ ଦର୍ଶନ ଉପରେ କଟକଣା ଲାଗୁ କରିବା ପ୍ରଶାସନର ପ୍ରସ୍ତାବକୁ ସେବାୟତ ଅଗ୍ରାହ୍ୟ କରିଥିଲେ। ଗର୍ଭଗୃହରେ ଭକ୍ତ ଦର୍ଶନ ବହୁବର୍ଷର ପରମ୍ପରା ବୋଲି ସେବାୟତ ମତ ପ୍ରକାଶ କରିଥିଲେ। ବିଶେଷକରି ନବାଙ୍କ ବେଢା ପରିକ୍ରମା ସମୟରେ କୌଣସି ଭକ୍ତ ବିଜେ ପ୍ରତୀମା ବିମାନକୁ ସ୍ପର୍ଶ କରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସଂପୂର୍ଣ୍ଣ କଟକଣା ଜାରି କରାଯାଇଛି।



ଭକ୍ତଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ମନ୍ଦିର ସମ୍ମୁଖରେ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ ସଭ୍ୟ ତଥା ଉପଜିଲ୍ଲାପାଳ ଅରୁଣ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ଟ୍ରଷ୍ଟ ବୋର୍ଡ ସଭ୍ୟ ହୃଷିକେଶ ରଥ, ସୁପରଭାଇଜର ନୃସିଂହ ପତ୍ରୀ, ବଡ଼ପଣ୍ଡା ମାଧବ ପତ୍ରୀ ସହ ବଳରାମ ପତ୍ରୀ, ସୁରେଶ ପତ୍ରୀ, ସୋମନାଥ ପତ୍ରୀ, ରଞ୍ଜନ ସୁଆର, ରବୀନ୍ଦ୍ର ପତ୍ରୀ, ଜୟଦେବ ପତ୍ରୀ, ବିଜୟ ପତ୍ରୀ, ପରୀକ୍ଷିତ କର, ଦାମୋଦର ପତ୍ରୀ, ପ୍ରମୋଦ କର ସମେତ ଅନ୍ୟାନ୍ୟ ସେବାୟତ ଯୋଗ ଦେଇଥିଲେ।

## ମନରେଗା ନାମ ପରିବର୍ତ୍ତନକୁ ନେଇ ବର୍ଷିଲା କଂଗ୍ରେସ

**କେନ୍ଦ୍ରାପଡ଼ା, ୧୦।୧ (ସମିସ):** ମନରେଗା ବଞ୍ଚାଅ ସଂଗ୍ରାମକୁ ନେଇ କଜଳାସ୍ଥ ଜିଲ୍ଲା କଂଗ୍ରେସ ଭବନରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଦଳର ପର୍ଯ୍ୟବେକ୍ଷକ ତଥା ମୁଖପାତ୍ର ଆଇନଜୀବୀ ଲଲାଟେନ୍ଦୁ ଦାସ କହିଲେ, ଏମଜିଏନଆରଇଜିଏ ଗ୍ରାମୀଣ ଲୋକଙ୍କ ପାଇଁ କାମର ଆଇନଗତ ଅଧିକାର ଓ ଜୀବିକା ସୁରକ୍ଷାର ମୂଳ ଆଧାର। କେନ୍ଦ୍ର ସରକାର ନୂତନ ଆଇନ ଓ ବଜେଟ କଟୋତି ମାଧ୍ୟମରେ ମନରେଗାକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଫଳରେ ଗ୍ରାମୀଣ ରୋଜଗାର କମିବା ସହ ଦାଦନ ପ୍ରବାସ ବୃଦ୍ଧି ପାଇବ ବୋଲି କଂଗ୍ରେସ ଆଶଙ୍କା ପ୍ରକାଶ କରିଛି। ମନରେଗାର ମୂଳ ଅଧିକାର, ଆଧାରିତ ରୂପକୁ ସୁରକ୍ଷା କରିବା ପାଇଁ ଆସନ୍ତା ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ଏମଜିଏନଆରଇଜିଏ ବଞ୍ଚାଅ ସଂଗ୍ରାମ ଚାଲିବ ବୋଲି ଘୋଷଣା କରାଯାଇଛି। ଏହାର ଅଂଶ ଭାବେ ଜିଲ୍ଲା ମୁଖ୍ୟାଳୟରେ ଦିନିକିଆ ଉପବାସ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମ୍ମିଳନୀରେ ଟିପିସିଓଡିଏଲ ପକ୍ଷରୁ ଜୋର୍ ଜବରଦସ୍ତି ସ୍ମାର୍ଟ ମିଟର ଲଗାଇବାକୁ ମଧ୍ୟ କଂଗ୍ରେସ ପ୍ରତିବାଦ କରିଛି। ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ନିରୂପମା ପାତ୍ର, ବିଧୁଭୂଷଣ ମହାପାତ୍ର, ଡ. ରତିକାନ୍ତ କାନୁନଗୋ, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।




### ■ ପଞ୍ଚୁପାଣ୍ଡବ ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ

## ଶୀତ କାକରରେ ଥରୁଛନ୍ତି ଯାତ୍ରୀ



**ପଞ୍ଚୁପାଣ୍ଡବ,୧୦।୧(ସମିସ):** ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ନିର୍ମାଣ କାମ ଚାଲିଥିବାବେଳେ ପଞ୍ଚୁପାଣ୍ଡବ ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ ହେଉଥିବାରୁ ଯାତ୍ରୀ ଶୀତ କାକରରେ ଘଣ୍ଟା ଘଣ୍ଟା ଠିଆ ହୋଇ ରହୁଥିବା ଦେଖିବାକୁ ମିଳୁଛି। କଟକ ଓ ଭୁବନେଶ୍ୱର ଯିବା ଆସିବା ପାଇଁ ସକାଳ ସମୟରେ କୁହୁଡି ପଡୁଥିବାରୁ ଯାତ୍ରୀ ନାନା ପ୍ରକାର ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଏହି ୫୩ନଂ ଜାତୀୟ ରାଜପଥର ୪ ଲେନ ରହିଥିବାବେଳେ ଏବେ ଏହାକୁ ୮ ଲେନ କରାଯାଉଛି। ତେବେ ପଞ୍ଚୁପାଣ୍ଡବ ଛକରେ ଠିକାଦାର କାର୍ଯ୍ୟରେ ବିଳମ୍ବ କରୁଥିବାରୁ ଯାତ୍ରୀ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଛକରେ କେତେକ ବସ୍ ଓଭରବ୍ରିଜ ଉପରେ ଯାତାୟାତ କରୁଥିବାରୁ ଯାତ୍ରୀ ପ୍ରାୟ ଅଧ କିଲୋମିଟର ଦୂରକୁ ଚାଲି ଚାଲି ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି। ପଞ୍ଚୁପାଣ୍ଡବ ଛକରେ ସବୁ ସମୟରେ ଜନଗହଳି ଲାଗି ରହିଥାଏ। ବ୍ରିଜ ତଳ ପିଚୁ ହୋଇ ନ ଥିବାରୁ ଗୋଡ଼ି ମେଣ୍ଟାଲ୍ ଉଠିଯାଇଥିବା ଦେଖିବାକୁ ମିଳିଛି। ଏହାର ତଦନ୍ତ କରାଯାଇ ତୁରନ୍ତ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ସହ ବିଭିନ୍ନ କାର୍ଯ୍ୟ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜରେ ଅର୍ଥନୀତି ସେମିନାର




**ପଟ୍ଟାମୁଣ୍ଡାଇ, ୧୦।୧(ସମିସ):** ପଟ୍ଟାମୁଣ୍ଡାଇ କଲେଜ ଅର୍ଥନୀତି ବିଭାଗ ପକ୍ଷରୁ 'ଜ୍ଞାନ ଅର୍ଥନୀତି ଓ ସ୍ଥାୟୀ ବିକାଶ' ଶୀର୍ଷକ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସେମିନାରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସୁଧାକର ପାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ ସହଯୋଗୀ ପ୍ରଫେସର ଡ. ମନୋଜ ଦାସ ଯୋଗଦେଇ ଆଲୋଚନା କରିଥିଲେ। ଅଧ୍ୟକ୍ଷ ସ୍ୱାଗତ ଭାଷଣ ଓ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ବିଷୟପତ୍ର ପ୍ରସ୍ତୁତ କରିଥିଲେ। ଅଧ୍ୟାପକ ସୁଭାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଳାଭର କଲେଜ ଅଧ୍ୟାପିକା ମହିମା ପାଢୀ ରିପୋର୍ଟିୟର ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରଥମ ପ୍ରାଯୁକ୍ତି ପତ୍ରରେ ପ୍ରଫେସର ଡ ସୁଧାକର ପାତ୍ର ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ଶୁଭସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପ୍ରାଯୁକ୍ତି ପତ୍ରରେ ପ୍ରଫେସର ଡ. ମନୋଜ ଦାସ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଜଳୁଛି ଟ୍ରାନ୍ସଫର୍ମର, ନିଦାବିଷ୍ଣୁ ସାଜିଛି ବିଭାଗ

**ରାଜନଗର,୧୦।୧(ସମିସ):** ଈଶ୍ୱରପୁର ପଞ୍ଚାୟତ ନୂଆଖୁଣ୍ଟା-ଶିପୋଖରୀ ଗାଁ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ସମୟ ଧରି ଜଳୁଥିବା ଦେଖିବାକୁ ମିଳିଛି। ଟ୍ରାନ୍ସଫର୍ମର ଦୀର୍ଘ ସମୟ ଜଳିବା ପରେ ସ୍ଥାନୀୟ ଅଞ୍ଚଳରେ ସରବରାହ ବ୍ୟାହତ ହୋଇଛି। ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଜଳୁଥିବାବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦେଖା ନ ମିଳିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସତ୍ୟପ୍ରସାଦ ସାହୁଙ୍କୁ ପଚାରିବାରୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ତରାସ ଗ୍ରାମରେ ମଦମୁକ୍ତ ଗାଁ ଅଭିଯାନ



**ରାଜକନିକା,୧୦।୧(ସମିସ):** ରାଜକନିକା ବ୍ଲକ୍ ଅନ୍ତର୍ଗତ ତରାସ ଗ୍ରାମରେ ନେତାଜୀ କ୍ଲବ୍ ଆୟୋଜନରେ ଗ୍ରାମକୁ ମଦମୁକ୍ତ କରିବା ଲକ୍ଷ୍ୟରେ ଏକ ସଚେତନତାମୂଳକ ଅଭିଯାନ ଆରମ୍ଭ ହୋଇଛି। ଗ୍ରାମର ଶତାଧିକ ମହିଳା ସାମିଲ ହୋଇ ଗ୍ରାମରେ ଚୋରା ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ମଦ ବିକ୍ରି ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ଅଭିଯାନ ସମୟରେ ମହିଳାମାନେ କହିଥିଲେ, ମଦ ବିକ୍ରି ହେତୁ ଗ୍ରାମର ଶାନ୍ତି, ସୁରକ୍ଷା ଓ ପାରିବାରିକ ସମ୍ପ୍ରିତି ବାଧାପ୍ରାପ୍ତ ହେଉଛି। ତେଣୁ ଗ୍ରାମକୁ ସୁସ୍ଥ ଓ ସୁରକ୍ଷିତ କରିବା ପାଇଁ ମଦ ବିକ୍ରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବା ଆବଶ୍ୟକ। ଆଗାମୀ ଦିନରେ ଯଦି କେହି ଏହି ଅନୁରୋଧକୁ ଅଣଦେଖା କରି ମଦ ବିକ୍ରି ଜାରି ରଖନ୍ତି, ତେବେ ସେମାନଙ୍କ ପ୍ରତି ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସତର୍କ କରାଇଥିଲେ। ଏହି ଅଭିଯାନରେ ନେତାଜୀ କ୍ଲବ୍ ସଭାପତି ବନଜ ବାରିକ, ସମ୍ପାଦକ ସୁଭ୍ରଜିତ ବିଶ୍ୱାଳ, କ୍ଲବ ସଦସ୍ୟ ଅଶୋକ ନାଥ, ଅଭିଷେକ ନାଥ, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି କୃତ୍ତିବାସ ଜେନା, ବନମାଳି ରାଉତ ଓ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟ କପିଳ ମିଶ୍ରଙ୍କ ସହ ଗ୍ରାମର ବହୁ ମହିଳା ସଦସ୍ୟା ଉପସ୍ଥିତ ଥିଲେ। ସସ୍ମିତା ନାୟକ, ଅହଲ୍ୟା ମଲିକ, ହରପ୍ରିୟା ମଲିକ, ସତ୍ୟଭାମା ମଲିକ, ମନୋରମା ମଲିକ, ରିଲ ମଲିକ, ତିଳୋତ୍ତମା ମଲିକ, ବାସନ୍ତୀ ମଲିକ ପ୍ରମୁଖ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମଦମୁକ୍ତ ଗାଁ ଅଭିଯାନକୁ ଗ୍ରାମବାସୀ ସମର୍ଥନ କରିଥିବା ଦେଖାଯାଇଛି।

### ଯୁବତୀ ମୃତ୍ୟୁ ଘଟଣା

# ବିବାହ ପ୍ରତିଶ୍ରୁତି ଦେଇ ଧୋକା, ପ୍ରେମିକ ଗିରଫ

**କେନ୍ଦ୍ରାପଡ଼ା,୧୦।୧(ସମିସ):**

ସୁନାଇଲୋରେ ଏକ ଭଡ଼ା ଘରୁ ଉଚ୍ଚଶିକ୍ଷିତା ଯୁବତୀ ପ୍ରତୀକ୍ଷା ନାୟକଙ୍କ ମୃତଦେହ ଉଦ୍ଧାର ଘଟଣା ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଥିବାବେଳେ ଆଜି ଏହି ମାମଲା ନୂଆ ମୋଡ଼ ନେଇଛି। ଟାଉନ ପୁଲିସ ଏହି ଘଟଣାରେ ଯୁବତୀଙ୍କ ପ୍ରେମିକ ସତ୍ୟନାରାୟଣ ନାୟକ (୩୦), କପାଳେଶ୍ୱର ଅଞ୍ଚଳର ବାସିନ୍ଦାଙ୍କୁ ଗିରଫ କରିଛି। ବିବାହ ପ୍ରତିଶ୍ରୁତି ଦେଇ ପରେ ଧୋକା ଦେବା, ଦୀର୍ଘଦିନ ଧରି ମାନସିକ ଚାପ ସୃଷ୍ଟି କରିବା ଓ ସମ୍ପର୍କରେ ତିକ୍ତତା ହେବା ହିଁ ଯୁବତୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ନେଇ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।

### ମାନସିକ ନିର୍ଯାତନାରେ ଆତ୍ମହତ୍ୟା ଅଭିଯୋଗ

**ଉଚ୍ଚଶିକ୍ଷା ସ୍ୱପ୍ନ ଦେଖୁଥିଲେ ପ୍ରତୀକ୍ଷା:** ମୃତ ପ୍ରତୀକ୍ଷା ନାୟକ ରାଜକନିକା ଥାନା ଅଧୀନ ତରାସ ଗାଁର ଭୀମସେନ ନାୟକଙ୍କ କନ୍ୟା। ସେ ୨୦୨୪ରେ କେନ୍ଦ୍ରାପଡ଼ା ପୌରପାଳିକାରେ ଠିକା କର୍ମଚାରୀ ଭାବେ କାମ କରୁଥିଲେ। ପରେ ଚାକିରି ଛାଡ଼ି ବିଇଡି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ନେବା ଉଦ୍ଦେଶ୍ୟରେ ସୁନାଇଲୋରେ ଭଡ଼ା ଘରେ ରହୁଥିଲେ। ଏହି ସମୟରେ ପ୍ରତୀକ୍ଷାଙ୍କ ସହ ସତ୍ୟନାରାୟଣଙ୍କ ପରିଚୟ ହୋଇଥିଲା। ବନ୍ଧୁତାରୁ ଆରମ୍ଭ ହୋଇ ସମ୍ପର୍କ ପ୍ରେମରେ ପରିଣତ ହୋଇଥିଲା। ପ୍ରେମିକ ବିବାହର ପ୍ରତିଶ୍ରୁତି ଦେଇଥିଲେ। ପରେ ବିଭିନ୍ନ କାରଣରୁ ସମ୍ପର୍କରେ ତିକ୍ତତା ହୋଇଥିଲା। ବିବାହ କରିବାକୁ ମନା କରିଦେବାରୁ ପ୍ରତୀକ୍ଷା ମାନସିକ ଭାବେ ଭାଙ୍ଗିପଡ଼ିଥିଲେ।

**ସନ୍ଦେହଜନକ ମୃତ୍ୟୁରୁ ଗିରଫ ଯାଏ:** ଗୁରୁବାର ଅପରାହ୍ନରେ ଘର କବାଟ ଭାଙ୍ଗି ପୁଲିସ ପ୍ରତୀକ୍ଷାଙ୍କ ମୃତଦେହ ଉଦ୍ଧାର କରିଥିଲା। ବେକରେ ଶାଢ଼ି ଗୁଡ଼ାଇ ଥିବାରୁ ପ୍ରଥମେ ଆତ୍ମହତ୍ୟା ଆଶଙ୍କା କରାଯାଇଥିଲା। କିନ୍ତୁ ପରିବାର ପକ୍ଷରୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ଆଣି ଥାନାରେ ଏଫଆଇଆର ଦାଖଲ କରାଯାଇଥିଲା। ତଦନ୍ତକାରୀ ପୁଲିସ ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସିଡିଆର ଯାଞ୍ଚରେ ସତ୍ୟନାରାୟଣଙ୍କ ସହ ଘନିଷ୍ଠ ସମ୍ପର୍କ ସ୍ପଷ୍ଟ ହେବା ପରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି।

**ଯନ୍ତ୍ରୀ ଅଟକ, ଚର୍ଚ୍ଚା ଜୋର:** ଏହି ଘଟଣାରେ ଗତକାଲି ଡ୍ରେନେଜ ବିଭାଗର ଜଣେ ଯନ୍ତ୍ରୀଙ୍କୁ ସନ୍ଦେହରେ ଅଟକ ରଖାଯାଇଥିବା ଓ ଆଜି ପ୍ରେମିକଙ୍କୁ ଗିରଫ କରାଯିବା ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ନାନା ଚର୍ଚ୍ଚା ଚାଲିଛି। କେତେକ ମହଲରେ ଘଟଣା ପଛରେ ଅନେକଙ୍କ ଭୂମିକା ରହିଛି କି ବୋଲି ପ୍ରଶ୍ନ ଉଠୁଛି।

**ବ୍ୟବଚ୍ଛେଦ ରିପୋର୍ଟ ଉପରେ ନଜର:** ପୁଲିସ କହିଛି ଯୁବତୀ ମାନସିକ ନିର୍ଯାତନାରେ ଆତ୍ମହତ୍ୟା କରିଥିବା ପ୍ରାଥମିକ ଭାବେ ସ୍ପଷ୍ଟ ହୋଇଛି। ତେବେ ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟର ସତ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ଆଶା ପ୍ରକାଶ କରିଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



(ରଘୁନାଥ ପୁର, ମେଇନ ରୋଡ଼,
ଜାତୀୟ ରାଜପଥ ୧୬ ନମ୍ବର,
ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)
କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଚିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ୱିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

## ଚୋରାମଦ ଜବତ; ଜଣେ ଗିରଫ



ପରଜଙ୍ଗ, ୧୦।୧(ସମିସ): ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ରୋଡ଼ ଗ୍ରାମରେ ଥିବା ଏକ ଭେରାଇଟି ଷ୍ଟୋରରେ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଏହି ମାମଲାରେ ସମ୍ପୃକ୍ତ ଦୋକାନୀଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଉକ୍ତ ଗ୍ରାମର ପ୍ରଫୁଲ ଚନ୍ଦ୍ର ସାହୁ। ଦୀର୍ଘଦିନ ଧରି ପ୍ରଫୁଲ ତାଙ୍କ ଦୋକାନରେ ବିଭିନ୍ନ କିସମର ବିଦେଶୀ ମଦ ଚୋରାରେ ବିକ୍ରି କରୁଥିଲେ। କିଛିଦିନ ତଳେ ସାମାଜିକ ଗଣମାଧ୍ୟମରେ ଏହି ଘଟଣା ପ୍ରଚାରିତ ହୋଇଥିଲା। ଶନିବାର କାମାକ୍ଷାନଗର ଓ ପରଜଙ୍ଗ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରି ମଦ ଜବତ କରିବା ସହ ପ୍ରଫୁଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ରୋଡ଼ ଗ୍ରାମଠାରୁ ଅଳ୍ପ ଦୂରରେ ସାଆନ୍ଦା ଫାଣ୍ଡି ଥିବା ବେଳେ ବହୁବାର ଅଭିଯୋଗ ସତ୍ତ୍ୱେ କର୍ମଚାରୀଅଭାବରୁ ଚଢ଼ଉ ସମ୍ଭବ ହୋଇନାହିଁ ବୋଲି ଫାଣ୍ଡିଅଧିକାରୀ କହିଛନ୍ତି।

## ଭୋଜିକୁ ନେଇ ଉତ୍ତେଜନା; ଥାନାରେ ମାମଲା

ଢେଙ୍କାନାଳ, ୧୦।୧(ସମିସ): କଣ୍ଟାବଣିଆ ଥାନା କମଳାଙ୍ଗ ଗ୍ରାମରେ ଭୋଜିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମାରପିଟ ଯୋଗୁଁ ଉତ୍ତେଜନା ସୃଷ୍ଟି ହୋଇଛି। ଗତ ଶନିବାର ଗ୍ରାମର କିଛି ଯୁବକ ଜିଏମଆର ଗେଷ୍ଟ ହାଉସ ନିକଟରେ ଭୋଜି କରୁଥିଲେ। କୌଣସି କାରଣରୁ ପଡ଼ିଆରେ ଥିବା ଘାସ ଓ ଆମ୍ବପତ୍ରରେ ନିଆଁ ଲାଗିଥିଲା। ଏହାକୁ ନେଇ ଗ୍ରାମର ବାପୁନ ଜେନା ଭୋଜି କରୁଥିବା ପିଲାମାନଙ୍କୁ ଗଛରେ କାହିଁକି ନିଆଁ ଲଗାଇଲ ବୋଲି ପଚାରିଥିଲେ। ଆମେ ନିଆଁ ଲଗାଇ ନାହୁଁ ପିଲାମାନେ କହିବାରୁ ବାପୁନ ସେମାନଙ୍କ ମଧ୍ୟରୁ ରାଜେଶ କରଣଙ୍କୁ ଗଛରେ ବାନ୍ଧି ନିସ୍କୁଟ ମାଡ଼ ମାରିଥିଲେ। ଏହି ସମୟରେ ରାଜେଶଙ୍କ ମାମୁ ସୁଦର୍ଶନ ବେହେରା ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ୍ୟ ବାପୁନ ଗଛରେ ମାଡ଼ ମାରିଥିଲେ। ମାଡ଼ରେ ସୁଦର୍ଶନ ଗୁରୁତର ଆହତ ହୋଇଥିଲେ। ପରେ ସୁଦର୍ଶନ କଣ୍ଟାବଣିଆ ଥାନାକୁ ଯାଇଥିଲେ ମଧ୍ୟ ପୁଲିସ ତାଙ୍କ ଏତଲା ଗ୍ରହଣ କରିବା ପରିବର୍ତ୍ତେ ତାଙ୍କୁ ଓଲଟି ଗାଳିଗୁଲଜ କରିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜିଏମଆର କମ୍ପାନୀ ଗୋଚର ପାଇଁ କମଳାଙ୍ଗ ଗ୍ରାମକୁ ୧୦ ଏକରରୁ ଉର୍ଦ୍ଧ୍ୱ ଜମି ଦେଇଥିବା ବେଳେ ଗ୍ରାମର ଜଣେ ଯୁବକ ଏହି ଗୋଚର ଜାଗାରେ ଆମ୍ବ ବଗିଚା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଗୋଚର ଜମି ନ ଥିବାରୁ ଗାଈଗୋରୁ ଚରିବା ପାଇଁ ନାହିଁ। ଏନେଇ ଗ୍ରାମବାସୀ ଓଡ଼ାପଡ଼ା ତହସିଲଦାରଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି।

## ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ବୈଠକ

କଙ୍କଡ଼ାହାଡ଼, ୧୦।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତରେ ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ରଘୁନାଥ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଏଡିଓ ଦିଲେଶ୍ୱର ବେହେରା, ଏମବିକେ ଝରଣା ସାହୁ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ମନିଷା ସ୍ୱାଇଁ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ, ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ, ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଦିଆଯାଉଥିବା ଋଣ ବ୍ୟବସ୍ଥା, ଆନ୍ତଃ ଜାତି ଶିଶୁମାନଙ୍କ ପାଇଁ ସ୍କଲାରସିପ, ରାସନ କାର୍ଡ, ପେନସନ ଯୋଜନା, ଆବାସ ଯୋଜନା ବିଷୟରେ ହିତାଧିକାରୀଙ୍କୁ ଅବଗତ କରାଯାଇଥିଲା। ପୂର୍ଣ୍ଣିମା ସାହୁ, ସୁମିତ୍ରା ଦେହୁରୀ, ତପନ ପାତ୍ର ସହଯୋଗ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଢେଙ୍କାନାଳ, ୧୦।୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କାଶିଆଡିହ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଭଗବାନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି. ଶିକ୍ଷାବିକାଶ ସମିତି ଓଡ଼ିଶା ମଧ୍ୟ ସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍କୁଳ ପ୍ରମୁଖ ଅଶୋକ ମହାରଣା, ବିଭିନ୍ନ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସଭାପତି ବିଘ୍ନରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ରାମଚଣ୍ଡୀଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ଖଜୁରିଆକଟା, ୧୦।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ନାଧରାସ୍ଥିତ ମା' ରାମଚଣ୍ଡୀ ମନ୍ଦିର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତା ୧୧ ତାରିଖରୁ ମା'ଙ୍କ ପୀଠରେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ମକରମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବରେ ଦୂରଦୂରାନ୍ତରୁ ହଜାରହଜାର ସଂଖ୍ୟାରେ ଭକ୍ତମାନଙ୍କ ସମାଗମ ହୋଇଥାଏ। ତେଣୁ ମନ୍ଦିର ପରିସରକୁ ସ୍ୱଚ୍ଛ ରଖିବା ପାଇଁ ମନ୍ଦିର ପରିଚାଳନା କମିଟି ସହଯୋଗରେ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ମଙ୍ଗରାଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ସଫେଇ କରିଥିଲେ। ମନ୍ଦିର ପରିସର, ନବଗ୍ରହ ମନ୍ଦିର, ଯଜ୍ଞସ୍ଥଳ ଓ ଶିଶୁ ଉଦ୍ୟାନ ସଫେଇ କରାଯାଇଥିଲା।

## ଟାଟା ଷ୍ଟିଲ୍‌ର କପିଳାସ ହାଫ୍ ମାରାଥନ୍

# ବନ୍ୟଜନ୍ତୁ ସୁରକ୍ଷା ପାଇଁ ଦୌଡ଼ିଲେ ୫୫୦୦ ପ୍ରତିଯୋଗୀ

ଢେଙ୍କାନାଳ, ୧୦।୧(ସମିସ)

ଟାଟା ଷ୍ଟିଲ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏସନ ସହଯୋଗରେ ଶନିବାର ଟାଟା ଷ୍ଟିଲ କପିଳାସ ହାଫ ମାରାଥନ୍‌ର ତୃତୀୟ ସଂସ୍କରଣ କପିଳାସ ପାହାଡ଼ ପାଦଦେଶରେ ସମ୍ପନ୍ନ ହୋଇଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଦୌଡ଼ ଆହ୍ୱାନ ସହ ଆୟୋଜିତ ଏହି ମାରାଥନରେ ଦେଶର ୧୪ ରାଜ୍ୟରୁ ୫, ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ମାରାଥନ କେବଳ ଫିଟନେସ ପାଇଁ ନୁହେଁ ବରଂ ଜୈବବିବିଧତା ବିଶେଷ କରି ହାତୀ ସୁରକ୍ଷା ପାଇଁ ଆମ ସମସ୍ତଙ୍କୁ ଏକଜୁଟ କରିବାକୁ ଏକ ଆହ୍ୱାନ ବୋଲି ମନ୍ତ୍ରୀ ପାତ୍ର କହିଥିଲେ। ଏହି ଦୌଡ଼ ଯୁବପିଢ଼ିଙ୍କ ମଧ୍ୟରେ ଫିଟ ଇଣ୍ଡିଆ ପାଇଁ ଦାୟିତ୍ୱବୋଧ ଏବଂ ପ୍ରତିବଦ୍ଧତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ସୂରଜ କହିଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ,




କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଯୋଗଦେଇଥିଲେ। ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଟାଟା ଷ୍ଟିଲ କର୍ପୋରେଟ ସର୍ଭିସେସ୍ ଉପାଧ୍ୟକ୍ଷ ଡିବି ସୁନ୍ଦର ରାମମ୍, ଟାଟା ଷ୍ଟିଲ ମେରାମଣ୍ଡଳୀର ଅପରେସନ୍ସ ଉପାଧ୍ୟକ୍ଷ ସୁଧୀର କୁମାର ମେହେତା ଏବଂ ଟାଟା ଷ୍ଟିଲ ଟେକ୍ନିକାଲ ସର୍ଭିସେସ ଲିମିଟେଡର ସିଇଓ ସନ୍ଦୀପ ଧୀର ଉପସ୍ଥିତ ଥିଲେ। ୨୧ କିଲୋମିଟର ପୁରୁଷ ବର୍ଗରେ ପଶ୍ଚିମବଙ୍ଗର ପଞ୍ଚାନନ ବେରା ଏବଂ ମହିଳା ବର୍ଗରେ ହରିୟାଣାର ଭାରତୀ ନୈନ ବିଜେତା ହୋଇ ୧ଲକ୍ଷ ଲେଖାଏଁ ପୁରସ୍କାର ରାଶି ଚେକ୍ ଗ୍ରହଣ କରିଛନ୍ତି।

ଦୌଡ଼ରେ ପ୍ରଥମ ଥର ପାଇଁ ସେଣ୍ଟ ପିଟର୍ସବର୍ଗର ଏଲିନା ଟରସୋଭା ନାମକ ଜଣେ ଋଷିୟ ମହିଳା ଭାଗନେଇଥିଲେ। ଟାଟା ଷ୍ଟିଲ୍ କର୍ପୋରେଟ ସର୍ଭିସେସ ଉପାଧ୍ୟକ୍ଷ ଡିବି ସୁନ୍ଦର ରାମମ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ କହିଲେ, ପରବର୍ତ୍ତୀ ପିଢ଼ି ପାଇଁ ବନ୍ୟଜନ୍ତୁ ସୁରକ୍ଷା ଆମର ଦାୟିତ୍ୱ। ଏହି ମାରାଥନ୍ ଜୈବବିବିଧତା ରକ୍ଷା ପାଇଁ ଏକ ସମୂହ ପ୍ରୟାସ। ଭାରତର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ପୂର୍ବକ ଆମେ ଦେଶ ପାଇଁ ତାଙ୍କର ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରୁଛୁ ବୋଲି ସେ କହିଥିଲେ। ଏହି ହାଫ୍ ମାରାଥନରେ ଅଞ୍ଚଳର ଅନ୍ୟ ପ୍ରମୁଖ ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ସେଗୁଡ଼ିକ ମଧ୍ୟରେ ଏମଜିଏମ୍ ମିନେରାଲ୍ସ, ନଭ ଲିମିଟେଡ, ଖେମକା

### ପ୍ରଥମ ଥର ଭାଗନେଲେ ଋଷୀୟ ମହିଳା

ରିଫ୍ରାକ୍ଟୋରିଜ, ଆଇନକ୍ସ ଏୟାର ପ୍ରଡକ୍ଟସ୍, ଟାଟା ୱାନ ଏମଜି, ଟାଟା ଷ୍ଟିଲ ଟେକ୍ନିକାଲ ସର୍ଭିସେସ ଲିମିଟେଡ, ଟାଟା ଷ୍ଟିଲ ସାପୋର୍ଟ ସର୍ଭିସେସ ଲିମିଟେଡ, ଟାଟା ଗ୍ଲୁକୋ ସ୍ପୋର୍ଟସ, ଟାଟା କପର, ଟାଟା ବଲୁସ୍କୋପ୍ ଷ୍ଟିଲ, ଟିଏମ ଇଣ୍ଟରନ୍ୟାସନାଲ ଲଜିଷ୍ଟିକ ଲିମିଟେଡ ଏବଂ ଯାମିପୋଲ ଭଳି ସଂସ୍ଥା ସହଭାଗୀ ହୋଇଛନ୍ତି। ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ଛାତ୍ରଛାତ୍ରୀମାନେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହି ମେଗା ଇଭେଣ୍ଟର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

ଢେଙ୍କାନାଳ, ୧୦।୧(ସମିସ): ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଆୟୋଜିତ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଏହି ମେଳା ଆୟୋଜନ ଦ୍ୱାରା ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି




ହେବ ଏବଂ ଚାଷୀମାନଙ୍କ ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସେ ନିଜେ ଜଣେ ଚାଷୀ। ମାଛଚାଷ, ଆମ୍ବଚାଷ ଓ କୁକୁଡ଼ା ପାଳନ କରନ୍ତି ବୋଲି କହିଥିଲେ। ଯୁବପିଢ଼ି ଏ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ଯୋଗଦେଇଥିଲେ।

ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଭାସ କୁମାର ବେହେରା ମେଳା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଜିଲ୍ଲା ଓ ଆମ ରାଜ୍ୟ ଅଣ୍ଡା ଓ ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି ଏବଂ ଆମେ ଅନ୍ୟ ରାଜ୍ୟକୁ ଆମ ଉତ୍ପାଦ ରପ୍ତାନୀ କରୁଛୁ ବୋଲି ସୂଚନା ଦେଇଥଲେ। କାମଧେନୁ ଯୋଜନାରେ ୭୦ ପ୍ରତିଶତ ରିଆତି ଦିଆଯାଉଛି। ଏହି ଯୋଜନା ଦ୍ୱାରା ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହେଉଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ ଜିଲ୍ଲାର ଅଗ୍ରଣୀ ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସତ୍ୟନାରାୟଣ କର ସଭା ସଂଯୋଜନା କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃଷି ବିଶେଷଜ୍ଞ ସୌମେନ୍ଦ୍ର ନନ୍ଦ, ଡ. ସୁଶାନ୍ତ କୁମାର ଦାଶ ଏବଂ ଲକ୍ଷ୍ମୀନାରାୟଣ ନନ୍ଦ ଚାଷୀମାନଙ୍କ ସହ ଆଲୋଚନା କରି ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା କିପରି କୃଷି ଉତ୍ପାଦନ ବୃଦ୍ଧି କରାଯାଇ ପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ବାବା କମଳେଶ୍ୱରଙ୍କ ମାଘମେଳା ଆରମ୍ଭ

ଢେଙ୍କନାଳ, ୧୦।୧(ସମିସ): ଢେଙ୍କନାଳ ଜିଲ୍ଲା କଣ୍ଟାବଣିଆ ଥାନା କମଲାଙ୍ଗ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଘଯାତ୍ରା ଆରମ୍ଭ ହୋଇଛି। ମଧ୍ୟାହ୍ନ ୧୨ଟାରେ ବାଜା, ବାଣ, ରୋଷଣୀ ସହ ବିରାଟ ଶୋଭାଯାତ୍ରାରେ ବାବା କମଳେଶ୍ୱରଙ୍କୁ ଗ୍ରାମ ପରିକ୍ରମା କରି ମନ୍ଦିରରେ ବିଜେ କରାଯାଇଥିଲା। କମଲାଙ୍ଗ ମାଘମେଳା ୧୯୪୦ରେ ଆରମ୍ଭ ହୋଇଥିଲା ଓ ସେହିଦିନଠାରୁ ଆଜିପର୍ଯ୍ୟନ୍ତ ଚାଲି ଆସୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଯାତ୍ରାକୁ ଜିଲ୍ଲାରୁ ବହୁ ଦୋକାନୀ ଆସିଥାନ୍ତି। ଯାତ୍ରାରେ ବିଭିନ୍ନ ପ୍ରକାର ଖାଦ୍ୟ ସାଙ୍ଗକୁ ମନୋହରୀ ଜିନିଷ ବିକ୍ରି ହୁଏ। ପଞ୍ଚାୟତ ତରଫରୁ ଦୋକାନୀମାନଙ୍କ ପାଇଁ ଲାଇଟ, ପାନୀୟ ଜଳ ସହ ସମସ୍ତ



ବ୍ୟବସ୍ଥା କରାଯାଇଥିବା ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ପ୍ରକାଶ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ କଣ୍ଟାବଣିଆ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଛି। ଏହି ଯାତ୍ରା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗ୍ରାମବାସୀ କହିଛନ୍ତି।

## ଜାନୁଆରୀ ୨୫ରେ ବ୍ରାହ୍ମଣୀ ଉତ୍ତରାୟଣୀ ଗଙ୍ଗା ବୁଡ଼

ଢେଙ୍କାନାଳ, ୧୦।୧(ସମିସ): ସଦର ବ୍ଲକ ବଣସିଂହ ଓ ଚାଉଳିଆ ପଞ୍ଚାୟତ ବଡ ନାଗନା ସ୍ଥିତ ଉତ୍କଳ ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀ ଶ୍ରୀ ନାଗନାଥେଶ୍ୱର ମହାଦେବ ଙ୍କ ପାଦ ଧୋଉଥିବା ଉତ୍ତରବାହୀ ବ୍ରାହ୍ମଣୀ ନଦୀ ଗଙ୍ଗା ରେ ଚଳିତ ଜାନୁଆରୀ ୨୫ତାରିଖ ପବିତ୍ର ମାଘ ସପ୍ତମୀ ରେ ସକାଳ ୮ ଘଣ୍ଟାରେ ସମୂହ ବୁଡ଼ କରାଯିବାକୁ ଶ୍ରୀ ଜଗନ୍ନାଥ ଚେତନା ସେବା ସମିତି, ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ସହଯୋଗରେ ନାଗନାଥେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ନିଷ୍ପତି ନିଆ ଯାଇଛି। ପ୍ରକାଶ ଥାଉକି ପୂର୍ବ କାଳରେ ଏହି ଉତ୍ତରାୟଣୀ ଘାଟ ରେ ବିଭିନ୍ନ ରାଜ୍ୟରୁ ସାଧୁ ସନ୍ଥ ଓ ନାଗା ସାଧୁ ମାନେ ତୀର୍ଥ କରି ବାକୁ ଆସି ଏଠାରେ ବୁଡ଼ ପକାଇ ଶ୍ରୀ ଶ୍ରୀ ନାଗନାଥେଶ୍ୱର ଙ୍କୁ ଦର୍ଶନ କରିବା ସହ କପିଳାସ କ୍ଷେତ୍ର ର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାପ୍ରଭୁ ଙ୍କୁ ଦର୍ଶନ କରୀ ଫେରୁଥିଲେ। ଅନ୍ୟ ପକ୍ଷରେ ଏହିଘାଟ ରେ ପିଣ୍ଡ ଦାନ କରାଯାଉଥିଲା। ଏହି ପୂର୍ବ ସ୍ମୃତି ଙ୍କୁ ଫେରାଇ ଆଣିବା ପାଇଁ ଗତ ବର୍ଷ ଠାରୁ ମାଘ ସପ୍ତମୀ ରେ କୁମ୍ଭ ସ୍ନାନ ବା ବୁଡ଼ କାର୍ଯ୍ୟ ଆରମ୍ଭ କରାଯାଇଅଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ କୁ ଅଧିକ ଆଧ୍ୟାତ୍ମିକ ପ୍ରସାରିତ କାରିବାପାଇଁ ଅନୁଷ୍ଠାନ ର ସଭାପତି ସୁଦାମ ଚରଣ ବେହେରା ଙ୍କ ନେତୃତ୍ୱରେ ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇ ଯାଇଛି। ବହୁ ସଂଖ୍ୟାରେ ଶ୍ରଧାଳୁ ଏହି ପୂଣ୍ୟ ଉତ୍ତରାୟଣୀ ଗଙ୍ଗାରେ ୨୫ ତାରିଖ ରବିବାର ପବିତ୍ର ମାଘ ସପ୍ତମୀ ସକାଳ ୮ ଘଣ୍ଟା ରେ ସମୂହ ବୁଡ଼ ପକାଇ ପୂଣ୍ୟ ଅର୍ଜନ କରିବା ପାଇଁ ଅନୁରୋଧ କରାଯାଇଛି। ଏଥି ସହିତ ସେହିଦିନ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ସମ୍ପାଦକ ଅଶୋକ କୁମାର ପଣ୍ଡା, ଜୟନ୍ତ କୁମାର ହୋତା ବିକାଶ କୁମାର ରଥ, ନିତ୍ୟାନନ୍ଦ ସାହୁ, ସଂଯୁକ୍ତା ହୋତା, ସୁଧୀର କୁମାର ପାଣି, ଶ୍ରୀବତ୍ସ କୁମାର ଦାଶ, ବିଜୟ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ, ସବ୍ୟସାଚୀ ପାଣି, ବିଶ୍ୱଜିତ୍ ସାହୁ, ପ୍ରଶାନ୍ତ ସାହାଣୀ, ଜଟାଧାରୀ ବେହେରା, ଛାୟାକାନ୍ତ ବେହେରା, ସାରଙ୍ଗ ଧର ମଲିକ୍, ସୁଧାକର ରାଉତ୍, ସୁଶାନ୍ତ ସାହୁ, ସର୍ବେଶ୍ୱର ବ୍ରହ୍ମ, ପ୍ରଦୀପ କୁମାର ପରିଡ଼ା, ରସାନନ୍ଦ ମହାଳିକ, ବିକ୍ରମ ଗୋଛାୟତ, ପ୍ରିତିରଞ୍ଜନ ପତି ପ୍ରମୁଖ ବହୁ କାର୍ଯ୍ୟ କର୍ତ୍ତା ଯୋଗ ଦେଇଥିଲେ, ଉପଦେଷ୍ଟା ଅବନୀ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକ ପାତ କରିଥିଲେ।

## ଆନ୍ତଃ ରାଜ୍ୟ ଲୁଟେରା ଗିରଫ

● ଲକ୍ଷାଧିକ ଟଙ୍କାର ସୁନାଗହଣା ଜବତ

ଢେଙ୍କାନାଳ, ୧୦।୧(ସମିସ): ଢେଙ୍କାନାଳ ଟାଉନଥାନା ଅନ୍ତର୍ଗତ ବିଭିନ୍ନ ସାହି ଗଳି ସହ ରାଜ୍ୟର ବିଭିନ୍ନ ସ୍ଥାନରେ ସୁନାଚେନ ଲୁଟ୍ କରୁଥିବା ପେସାଦାର ଲୁଟେରାକୁ ଟାଉନ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ବାଟିପଦା ଗ୍ରାମର ବଳରାମ ମହାକୁଳଙ୍କ ପୁଅ ପ୍ରଭାତ ମହାକୁଳ (୫୦)। ପୁଲିସ ସୂଚନା ଅନୁଯାୟୀ, ପ୍ରଭାତ ନିଜ ବାଇକ୍‌ରେ ବିଭିନ୍ନ ଗଳିକନ୍ଦିରେ ଚକ୍କରେ କାଟୁଥାଏ। ଏକୁଟିଆ ଯାଉଥିବା ମହିଳାମାନଙ୍କୁ ଟାର୍ଗେଟ କରି ସେମାନେ ପିନ୍ଧିଥିବା ସୁନାଗହଣା



ଝାମ୍ପିନେଇ ଫେରାର ହୋଇଯାଉଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରିରହିଥିଲା। ଶନିବାର ପୁଲିସ ପ୍ରଭାତକୁ କଟକ ଜିଲ୍ଲା ଗୋପାଳପୁର ବେହେରାସାହିରୁ କାବୁ କରିବା ସହିତ ତା ନିକଟରୁ ୧୪ ଗ୍ରାମ ଓଜନର ଦୁଇଟି ସୁନା ମଙ୍ଗଳସୂତ୍ର, ୪୪ ଗ୍ରାମର ଚାରିଟି ସୁନାଚେନ, ୬ ଗ୍ରାମର ଏକ ହଳ ସୁନା କାନଫୁଲ, ଏକ ଟିଭିଏସ ଆପାଚି ବାଇକ୍ ପୁଲିସ ଜବତ କରିଛି। ପ୍ରଭାତ ନାମରେ କଟକ ମଧୁପାଟଣା ଥାନା ଏବଂ ମାଲଗୋଦାମ ଥାନାରେ ମାମଲା ରହିଛି। ଶନିବାର ତାକୁ କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ରମେଶ ଚନ୍ଦ୍ର ଦୋରା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ପ୍ରଭାସ କୁମାର ସାହୁ ଉପସ୍ଥିତ ଥିଲେ।

## ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଢେଙ୍କାନାଳ, ୧୦।୧(ସମିସ): ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ୫୧ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡଃ ଶକୁନ୍ତଳା ଜେନାଙ୍କ ତତ୍ତ୍ୱାବଧାନରେ ତଥା ଗଣିତ ବିଭାଗ ମୁଖ୍ୟ ଡଃ ଭୁବନେଶ୍ୱର ମୁଦୁଲିଙ୍କ ଉପଦେଶରେ ଏବଂ ଡଃ ପଙ୍କଜ ବାରିକ ଓ ଉଦ୍ଧବ ମଲ୍ଲିକଙ୍କ ପ୍ରଚେଷ୍ଟାରେ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ସମାପନ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥିଭାବେ ଡଃ ଅନ୍ତର୍ଯ୍ୟାମୀ ସାମଲ ଅବସର ପ୍ରାପ୍ତ ସିଡିଏମଓ ଯୋଗଦେଇ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଉପଦେଶ ଦେବା ସହ କ୍ରୀଡ଼ା ଶିକ୍ଷାର ଆଉ ଏକ ଅଂଶ ଏବଂ ଶିକ୍ଷା ଓ କ୍ରୀଡ଼ା ମୁଦ୍ରାର ଦୁଇଟି ପାର୍ଶ୍ୱ ଯାହାଦ୍ୱାରା ଶାରୀରିକ, ବୌଦ୍ଧିକ ତଥା ମାନସିକ ବିକାଶ ଅଭିବୃଦ୍ଧି ଘଟିଥାଏ ବୋଲି କହିଥିଲେ। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନଙ୍କ ସହଯୋଗରେ ୧୭ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତାରେ ମହାବିଦ୍ୟାଳୟର ତିନିଶହରୁ ଅଧିକ ବାଳିକା ଭାଗନେଇ ସମସ୍ତ କ୍ରୀଡ଼ାକୁ ସଫଳତା ପ୍ରଦାନ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀ ମାନଙ୍କୁ ମେଡାଲ ସହିତ ପ୍ରମାଣ ପତ୍ର ପ୍ରଦାନ କରାଯିବ ସହ ସହଯୋଗ ଛାତ୍ରୀ ମାନଙ୍କୁ ମଧ୍ୟ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଏହି କ୍ରୀଡ଼ା ଉତ୍ସବରେ ଚମ୍ପିୟାନ ଖେଳାଳି ଭାବେ +୩ ପ୍ରଥମ ବର୍ଷର ସ୍ମୃତିପ୍ରିୟା ନାଏକ ଇତିହାସ ବିଭାଗ ପୁରସ୍କୃତ ହୋଇଥିଲେ।


## ଖଙ୍କିରା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ଗଁଦିଆ, ୧୦।୧(ସମିସ): ଖଙ୍କିରା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ରଞ୍ଜୁଲତା ଦାସ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ହେମନ୍ତ ବ୍ରହ୍ମ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ କବି ଅଶୋକକୁମାର ପତି ଯୋଗଦେଇଥିଲେ। ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରୀ ଚାରଣ ଗୋଷ୍ଠୀ ତରଫରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁମତୀ ନାଏକ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି ବୈକୁଣ୍ଠ ସେଠୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଶିକ୍ଷୟିତ୍ରୀ ସଂଘମିତ୍ରା ସାମଲ, ସୁମିତ୍ରା ରାଉଳ, ଆହୁତି ପଣ୍ଡିତ, ଅଞ୍ଜଳି ବ୍ରହ୍ମ, ନିରୁପମା ସାହୁ, ଇସ୍ମିତା ସାହୁ, ଶିକ୍ଷକ ପୀତାମ୍ବର ଦଳାଇ, ଶିବଶମ୍ଭୁ ଜେନା, କାନୁନ ଦାସ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଆହୁତି ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଗୀରଥ ସାଗରରେ ବିଦେଶୀ ପକ୍ଷୀଙ୍କ କଳରବ

ଢେଙ୍କାନାଳ, ୧୦।୧(ସମିସ)

ଢେଙ୍କାନାଳ ସହରର ମଧ୍ୟସ୍ଥଳରେ ୧୦ ଏକରରୁ ଉର୍ଦ୍ଧ୍ୱ ସ୍ଥାନରେ ରହିଛି ଢେଙ୍କାନାଳର ପ୍ରଥିତଯଶା ମହାରାଜା ଭଗିରଥ ମହିନ୍ଦ୍ରବାହାଦୂରଙ୍କ ନାମରେ ନାମିତ ଭଗିରଥ ସାଗର ବା ନୂଆପୋଖରୀ। ଏହି ବିସ୍ତୀର୍ଣ୍ଣ ପୁଷ୍କରିଣୀ ସମ୍ପ୍ରତି ବିଦେଶାଗତ ଶୀତଦିନିଆ ପକ୍ଷୀଙ୍କ କଳରବରେ ମୁଖରିତ ହୋଇ ଉଠିଛି। ଶହଶହ ସଂଖ୍ୟାରେ ହଂସରାଢ଼ି ପ୍ରଜାତିର ପକ୍ଷୀ ଏଠାରେ ଜଳକ୍ରୀଡ଼ା କରୁଛନ୍ତି। କିନ୍ତୁ ଦୁଃଖର କଥା ଗତ ଦୁଇବର୍ଷ ଧରି ଏହି ପୁଷ୍କରିଣୀର ପୁନରୁଦ୍ଧାର ଓ ଖନନ କାର୍ଯ୍ୟ ପୌରସଂସ୍ଥା ଦ୍ୱାରା ଶେଷ ହୋଇପାରି ନାହିଁ। ଏବେବି ପୁଷ୍କରିଣୀ ମଧ୍ୟରେ ଠାଏ ଠାଏ ମାଟି ଗଦା ହୋଇ ରହିଛି। ସମାନ ପତନରେ ମାଟି ଖନନ ହୋଇନାହିଁ। ପୁଷ୍କରିଣୀ ଚାରିପଟେ ପକ୍କା ରାସ୍ତା ରହିଛି। ଏହା ଏଭଳି ଏକ ପୁଷ୍କରିଣୀ ଯାହାର ମଧ୍ୟ ଭାଗରେ ଚନ୍ଦନ ମନ୍ଦିର ରହିଛି।



ଏହା ସଂଲଗ୍ନରେ ଢେଙ୍କାନାଳର ପରମାରାଧ ଦ୍ୱାପର ଯୁଗାବତାର ଶ୍ରୀ ସିଦ୍ଧ ବଳରାମଙ୍କ ଭବ୍ୟ ପ୍ରତିକୃତି ନିର୍ମାଣ କରାଯାଇ ୪୫୦ବର୍ଷ ତଳେ ପ୍ରଭୁଙ୍କର ଢେଙ୍କାନାଳ ଆଗମନ ସମ୍ବନ୍ଧୀୟ କାହାଣୀ ଉପରେ ଏକ ଲେଜର ଲାଇଟ ଶୋ, ଯେପରି ବ୍ରହ୍ମପୁର ପୌରନିଗମ ପକ୍ଷରୁ ଏକ ବିସ୍ତିର୍ଣ୍ଣ ଜଳାଶୟରେ ଶିବଙ୍କ ଉପରେ କରାଯାଇଛି ତାହା କରାଯାଇପାରନ୍ତା। ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରାଯାଇ ପ୍ରାଚୀରକୁ ଲାଗି ବସିବା ନିମନ୍ତେ ସିମେଣ୍ଟ ଚେୟାର ପକାଗଲେ ଦର୍ଶକଙ୍କର ସୁବିଧା ହେବା ସଙ୍ଗେ ସଙ୍ଗେ ସନ୍ଧ୍ୟାରୁ ରାତ୍ର ୯ଟା ଯାଏଁ ଏଥିଲାଗି ନିର୍ଦ୍ଧାରିତ ଦେୟ ବିନିମୟରେ ଏହି ଲେଜର ଶୋ ଉପଭୋଗ କରିବା ପାଇଁ ସହରବାସୀ ଓ ପର୍ଯ୍ୟଟକଙ୍କୁ ସୁବିଧା ଦିଆଯାଇପାରନ୍ତା। ଅମୃତ ସହର ଯୋଜନା ଅର୍ନ୍ତଭୁକ୍ତ ଲକ୍ଷାଧିକ ଜନସଂଖ୍ୟା ବିଶିଷ୍ଟ ୪୫୦ବର୍ଷର ପ୍ରାଚୀନ ଢେଙ୍କାନାଳ ସହରରେ ଏଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଜିଲ୍ଲା ପ୍ରଶାସନ ଓ ନିର୍ବାଚିତ ପୌରପରିଷଦ ଆଗେଇ ଆସିବାକୁ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ ନନ୍ଦ ଓ ଏହାର ସଭ୍ୟବୃନ୍ଦ ଆଶାପ୍ରକଟ କରିବା ସହ ଏଥିପାଇଁ ଦାବୀ କରିଛନ୍ତି। ପୁଷ୍କରିଣୀ କୂଳରୁ ଚନ୍ଦନ ମନ୍ଦିର ଯାଏଁ ଏକ ଷ୍ଟିଲ୍ ସେତୁ ନିର୍ମାଣ କରାଗଲେ ଗ୍ରୀଷ୍ମକାଳରେ ଏହା ଅଧିକ ଉପଭୋଗ୍ୟ ହୋଇପାରନ୍ତା।




# ସୃଜନିକା





ମହମ୍ମଦ ହିଫ୍‌ଜୁର ରହେମାନ୍



ଦେବାଶିଷ ବାବୁ ନିଜ କାମ ପାଇଁ ପୋଷ୍ଟ ଅଫିସ୍ ଯାଉଥିଲେ। କାଉଣ୍ଟର ଆଗରେ ଲମ୍ବା ଧାଡ଼ି। କିନ୍ତୁ ଗୋଟିଏ କଥା ସେ ସବୁଦିନ ମାର୍କ କରୁଥିଲେ। ତାହା ଥିଲା, ଜଣେ ବୟସ୍କ ବ୍ୟକ୍ତି ସବୁଦିନ ଧାଡ଼ିରେ ଆସି ଠିଆ ହୁଅନ୍ତି। କାଉଣ୍ଟରରେ ପହଞ୍ଚିବା କ୍ଷଣି ଡାକ କର୍ମଚାରୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରି ସେଠାରୁ ଭଗାଇ ଦେଉଥିଲେ। ବୃଦ୍ଧ ବ୍ୟକ୍ତି ଜଣକ ନିରାଶ ହୋଇ ଡାକଘର ଦ୍ୱାର ମୁହଁରେ ଆସି ବସୁଥିଲେ। ଏଇଟା ସବୁ ଦିନର ବ୍ୟାପାର ହୋଇଯାଇଥିଲା।

ଦେବାଶିଷ ଏହି ସବୁ ଦୃଶ୍ୟ ଦେଖୁଥିଲେ ମଧ୍ୟ ଅନ୍ୟମାନଙ୍କ ଭଳି କିଛି କହୁନଥିଲେ। କିନ୍ତୁ ମନ ଭିତରେ ପ୍ରତିକ୍ରିୟା ହେଉଥିଲା। ସେଦିନ ଗୁରୁବାର ଥିଲା। ସବୁ ଦିନ ପରି ଏହି ବୃଦ୍ଧ ଜଣକ ମଧ୍ୟ ଧାଡ଼ିରେ ଠିଆ ହୋଇଥିଲେ। କାଉଣ୍ଟରରେ ପହଞ୍ଚିବା କ୍ଷଣି ସେ ତାଙ୍କର ପାସବୁକ୍ ଡାକ କର୍ମଚାରୀଙ୍କୁ ବଢ଼ାଇ ଦେଲେ। କର୍ମଚାରୀ ପୁଣି ରାଗିଯାଇ ବୁଢ଼ା ଉପରକୁ ପାସ୍‌ବୁକ୍ ଫୋପାଡ଼ି ଦେଲେ। କିନ୍ତୁ ବୁଢ଼ାଠାରେ କୌଣସି ପ୍ରତିକ୍ରିୟା ନଥିଲା। ସେ ପାସ୍‌ବୁକ୍‌କୁ ତଳୁ ଗୋଟାଇଲେ। ଏହାକୁ ତାଙ୍କ ଗାମୁଛାରେ ସଫା କରି ସାଙ୍ଗରେ ଆଣିଥିବା ବ୍ୟାଗରେ ପୂରାଇ ବାହାରି ଗଲେ।

ଡାକ କର୍ମଚାରୀ ଏହି ବୁଢ଼ା ସହିତ ଯେମିତି ଦୁର୍ବ୍ୟବହାର କଲେ, ତାହା ଦେବାଶିଷଙ୍କୁ ଭାରି ବାଧିଲା। ସେ ସହିବା ଅବସ୍ଥାରେ ନଥିଲେ। ତାଙ୍କ ପାଳି ଆସିବାରୁ ସେ କାଉଣ୍ଟର ଲୋକଟିଙ୍କୁ ପଚାରିଲେ: "କ'ଣ ହେଇଛି? ସେ ବୁଢ଼ା ଲୋକଟି କିଏ?? ଆପଣ ତାଙ୍କୁ ଏମିତି କାହିଁକି ବ୍ୟବହାର କରୁଛନ୍ତି???" ଦେବାଶିଷ ବାବୁଙ୍କ ପ୍ରଶ୍ନ ବାଣ କିନ୍ତୁ କିଛି ପ୍ରଭାବିତ କଲା ଭଳି ଲାଗୁନଥିଲା।

ଦେବାଶିଷ ଆଉଥରେ ପଚାରିବାକୁ କର୍ମଚାରୀ ଜଣକ କହିଲେ; "କୁହନ୍ତୁନି ସେ ପାଗଳାଟା। ସବୁଦିନ ପାସ୍‌ବୁକ ଧରି ଆସୁଛି। କହୁଛି, ପୁଅ ଟଙ୍କା ପଠାଇଛି, ଦିଅ। ସବୁ ଦିନ ଆସୁଛି, ସବୁ ଦିନ ସେହି କଥା। ଲୋକ ଶୁଣି ଶୁଣି ବେଜାର ହେଇଗଲାଣି।"

ଦେବାଶିଷ ବାବୁ ପଚାରିଲେ; "ତାଙ୍କ ପାସ୍‌ବୁକ୍‌ରେ କେତେ ପଇସା ଅଛି।"

କ'ଣ ଶହେ ଟଙ୍କା ଥିବ। ଏମିତି କେତେ ପାଗଳ ଆସୁଛନ୍ତି। ମୁଣ୍ଡ ଖରାପ କରୁଛନ୍ତି।

କିନ୍ତୁ ଡାକ ବାବୁଙ୍କ କଥା କେଜାଣି କାହିଁକି ଦେବାଶିଷ ବାବୁଙ୍କୁ ହଜମ ହେଲାନି। ସେ ତାଙ୍କ କାମ ସାରି ବୁଢ଼ା ପାଖକୁ ଗଲେ। ଛିଣ୍ଡା କୁର୍ତ୍ତା ଏବଂ ଧୋତି ପିନ୍ଧା ବୁଢ଼ା କାନ୍ଥକୁ ଆଉଜି ବସିଛନ୍ତି। ଗୋଟିଏ ହାତରେ ଗାମୁଛା ଓ ଗୋଟିଏ ହାତରେ ପାସ୍‌ବୁକ୍ ଧରିଛନ୍ତି। ପାଖରେ ବାଡ଼ି ଥୁଆ ହୋଇଛି। ସେ ଖାଲି ପାସ୍‌ବୁକ୍‌କୁ ଦେଖୁ ଥାଆନ୍ତି, କ'ଣ ଗୋଟିଏ ଚିନ୍ତା କରୁଛନ୍ତି।

ଏହି ସମୟରେ ଦେବାଶିଷ ବାବୁ ବୁଢ଼ା ପାଖକୁ ଯାଇ ବସିଗଲେ। କିନ୍ତୁ ବୁଢ଼ା ମଉସା ଅନେଇଲେ ନାହିଁ। ସେ ପାସ୍‌ବୁକ୍‌କୁ ଓଲଟଇ ପଲଟଇ ଦେଖିବାରେ ବ୍ୟସ୍ତ। ଦେବାଶିଷ ବାବୁ ମଉସାଙ୍କ କାନ୍ଧରେ ହାତ ରଖି ପଚାରିଲେ; "ମଉସା କ'ଣ ହେଇଛି? ଏଠି ଏମିତି କାହିଁକି ବସିଛ ? କାହାକୁ କ'ଣ ଅପେକ୍ଷା କରିଛ ?"

ବୁଢ଼ା ମଉସା କହିଲେ; "ନାହିଁରେ ପୁଅ ଏମିତି ବସିଛି।"

ଦେବାଶିଷ ବାବୁ କହିଲେ; "ମୁଁ ତ ଦେଖୁଛି, ତମେ ସବୁ ଦିନ ଆସୁଛ। କ'ଣ ହେଇଛି?"

ବୁଢ଼ା ମଉସା କହିଲେ; "ପୁଅ ପଇସା ପଠାଇଛି ବୋଲି କହୁଛି। ଏ ମା ନେ ମନା କରୁଛନ୍ତି। କ'ଣ କରିବି? ରବି ମା' ଦେହ ବହୁତ ଖରାପ। ପଇସା ପାଇଲେ ଡାକ୍ତର ଦେଖାଇବି।"

"ରବି କିଏ ?" ପଚାରିଲେ ଦେବାଶିଷ

-"ମୋ ପୁଅ" କହିଲେ ବୁଢ଼ା ମଉସା

-"ପୁଅ କଉଠି ରହୁଛନ୍ତି ?" ପଚାରିଲେ ଦେବାଶିଷ ବାବୁ।

'ସେ ଗୁଜରାଟରେ ରହୁଛି।" କହିଲେ ବୁଢ଼ା ମଉସା।

-"ତାଙ୍କର ଫୋନ ନମ୍ବର ଅଛି ?"

- "ହଁ, ଦେଖ ଏହି ଫୋନ୍‌ରେ ଅଛି।" ଏହା କହି ମୋବାଇଲ୍ ଫୋନ୍ ବଢ଼ାଇ ଦେଲେ ବୁଢ଼ା ମଉସା।

ମଉସାଙ୍କ ସେହି ଫୋନରେ କଲ୍ କଲେ ଦେବାଶିଷ ବାବୁ। କିନ୍ତୁ ଯେତେଥର ଫୋନ ଲଗାଉଛନ୍ତି, ସେପଟୁ ଫୋନ୍ କାଟି ଦେଉଛି ତାଙ୍କ ପୁଅ।

ବ୍ୟସ୍ତ ହୋଇପଡ଼ିଲେ ଦେବାଶିଷ ବାବୁ। ଏ କେମିତି ପୁଅଟା, ବାପାର ଫୋନ୍ ଧରୁନି।

ଫୋନ୍‌କୁ ବୁଢ଼ା ମଉସାଙ୍କୁ ଫେରାଇ ଦେଇ ଦେବାଶିଷ ବାବୁ ପୁଅ ବିଷୟରେ ଯେତେ ପଚାରିଲେ ବି ସେ କିଛି ନ କହି ନଶୁଣିଲା ଭଳି ବସି ରହିଲେ।

ଦେବାଶିଷ ବାବୁ ସେଠୁ ଉଠି ପାଖ ପାନ ଦୋକାନକୁ ପାନ ପାଇଁ ଗଲେ। ପାନ ପାଇଁ ବରାଦ ଦେଲେ। ଦୋକାନୀ ପାନ ଭାଙ୍ଗୁଥିବା ବେଳେ ଦେବାଶିଷ ବାବୁ ପଚାରିଲେ, "ଆପଣ ଏ ବୁଢ଼ା ମଉସାଙ୍କୁ ଚିହ୍ନିଛନ୍ତି ?"

ପାନ ଦୋକାନୀ ଓଲଟା ପ୍ରଶ୍ନ କଲେ; "କାହିଁ କଣ ହେଲା କି ?"

"ନାହିଁ ମୁଁ ଏମିତି ପଚାରୁଥିଲି। ସବୁଦିନ ବୁଢ଼ା ମଉସା ଏଠି ଆସି ବସୁଛନ୍ତି ତ ? ପାଗଳ କି?"

ପାନ ଦୋକାନୀ କହିଲେ; "ଏମିତି ପୁଅ ବୋହୂ ମିଳିଲେ ଯିଏ ନା ସିଏ ପାଗଳ ହେଇଯିବ।"

ଏକଥା ଶୁଣିଲା ପରେ ଦେବାଶିଷ ବାବୁଙ୍କ ଉତ୍କଣ୍ଠା ବଢ଼ିଗଲା। ଭାବିଲେ ପାନ ଦୋକାନୀ ତାହାହେଲେ ସବୁକିଛି ଜାଣିଛି।

ପାନ ଭାଙ୍ଗୁ ଭାଙ୍ଗୁ ଦୋକାନୀ ବୁଢ଼ା ମଉସାଙ୍କ ପରିବାରର ପୂରା ଇତିହାସ ପଢ଼ି ଶୁଣାଇଲେ। ବୁଢ଼ାର ଦୁନିଆ ଜମିବାଡ଼ି। ଗୋଟିଏ ବୋଲି ପୁଅ ଥିଲା। ତା'ର ପାଠପଢ଼ା ପାଇଁ ସବୁ ବିକିଦେଲେ। ପୁଅ ଚାକିରି ପାଇ ଗୁଜରାଟର ଅହମଦାବାଦ ଚାଲିଗଲା। ସେଠି ଫ୍ଲାଟ୍ କିଣିବା ଲାଗି ଗାଁରେ ଯାହା ଜମି ଥିଲା ସବୁ ବିକିଦେଲା। କହିଲା ବାପା ମା'ଙ୍କୁ ଅହମଦାବାଦ ନେଇଯିବ। ମଉସା ମାଉସୀ ତ ଚାହିଁ ବସିଛନ୍ତି। ପୁଅ ତ ଆସୁଛି। ବୁଢ଼ି ରୋଗିଣା ହେଲାଣି। ପୁଅକୁ ନିଜ ବାପାମାଆ ପାଇଁ ମଧ୍ୟ ସମୟ ନାହିଁ। ସେଠି ବାହା ହେଇଯାଇଛି। ଆଉ ବାପା ମାଆଙ୍କୁ କାହିଁକି ପଚାରିବ? ଏମାନେ ଏମିତି ସଢ଼ୁଛନ୍ତି। ଗାଁବାଲା କେତେବେଳେ କ'ଣ ସାହାଯ୍ୟ କରୁଛନ୍ତି।

ଦୋକାନୀ ଏମିତି ବର୍ଣ୍ଣନା କରି ଚାଲିଥିବା ବେଳେ ଦେବାଶିଷ ବାବୁ ଅଧୈର୍ଯ୍ୟ ହୋଇପଡ଼ିଲେ। ଇଚ୍ଛା ହେଉ ନଥିଲା ଆଉ ଶୁଣିବାକୁ। ପାନ ଧରି ସେଠାରୁ ଚାଲିଗଲେ। ମନରେ ଭୀଷଣ କଷ୍ଟ। ଆରେ ଆମ ଅବସ୍ଥା ସେମିତି ହେଇଯିବନି ତ? ମନେ ମନେ ପ୍ରଶ୍ନ କରୁଥାଆନ୍ତି ଦେବାଶିଷ ବାବୁ।

କିଛି ଦିନ ପରେ ପେନସନ୍ ଟଙ୍କା ଉଠାଇବାକୁ ଦେବାଶିଷ ବାବୁ ପୋଷ୍ଟ ଅଫିସ୍ ଆସିଥିଲେ। ପୁଣି ସେହି ଦୃଶ୍ୟ। ବୁଢ଼ା ମଉସା ଡାକ ଘର ବାରଣ୍ଡାରେ ବସି ଥାଆନ୍ତି। ହାତରେ ପାସ୍‌ବୁକ୍ ଧରି।

ପେନସନ୍ ନେବା ପାଇଁ ଦେବାଶିଷ ବାବୁ ଧାଡ଼ିରେ ଠିଆ ହେଲେ। ସେହି ବୁଢ଼ା ମଉସାଙ୍କୁ ନେଇ କେତେ କ'ଣ ଭାବୁଥିଲେ। ଭଗବାନ, ଏ ବୟସରେ ଏମିତି କଷ୍ଟ ଦେଉଛ କାହିଁକି ? କ'ଣ ଆମର ବି ଏମିତି ଅବସ୍ଥା ହେବ ? ନା ନା । ହେ ଭଗବାନ ରକ୍ଷା କର।

ପେନ୍‌ସନ୍ ଟଙ୍କା ଗଣୁଥିବା ବେଳେ ଦେବାଶିଷ ବାବୁ ଭାବିଲେ; ଆଜି ଏଥିରୁ କିଛି ଟଙ୍କା ବୁଢ଼ା ମଉସାଙ୍କୁ ଦେବି। କିଛି ତ ତାଙ୍କ କାମରେ ଆସିବ। କିନ୍ତୁ କ'ଣ କାହିଁକି ଦେବି। ସିଧା ଦେଲେ ନେବେ କି ନାହିଁ। ନହେଲେ କହିବି ଆପଣଙ୍କ ପୁଅ ପଠାଇଛି।

ଡାହାଣ ହାତ ମୁଠାରେ କିଛି ଟଙ୍କା ରଖି ଦେବାଶିଷ ବାବୁ ବୁଢ଼ା ମଉସା ପାଖକୁ ଗଲେ। ଏତିକି ବେଳେ ପୋଷ୍ଟ ଅଫିସ୍ ଭିତରୁ ପୋଷ୍ଟମ୍ୟାନ୍ ଡାକ ଛାଡ଼ିଲେ; "ମଉସା ଆସ। ତମ ପୁଅ ଟଙ୍କା ପଠାଇଛି।" ଏହା ଶୁଣି ଦେବାଶିଷ ବାବୁ ଚମକି ପଡ଼ିଲେ। ଯାହା ହେଉ ପୁଅ ଟଙ୍କା ପଠାଇଛି।

ପୋଷ୍ଟମ୍ୟାନ୍ ଦୁଇ ତିନି ଥର ଡାକିବା ପରେ ବୁଢ଼ା ମଉସା ପାସ୍‌ବୁକ୍ ଧରି ଭିତରକୁ ଗଲେ। ତାଙ୍କ ପଛେ ପଛେ ଦେବାଶିଷ ବାବୁ ବି ଗଲେ।

ପୋଷ୍ଟମ୍ୟାନ୍ ଗୋଟିଏ କାଗଜରେ ବୁଢ଼ା ମଉସାଙ୍କର ଟିପ ଚିହ୍ନ ନେଇ ଟଙ୍କା ବଢ଼ାଇ ଦେଲେ। ମଉସା ଗଣି ଦିଅ, ପୂରା ପାଞ୍ଚ ହଜାର ଟଙ୍କା ଅଛି। ମଉସା ସେହି ପୋଷ୍ଟମ୍ୟାନ୍ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେଲେ। ଉପରକୁ ହାତ ଟେକି ପୁଅକୁ ମଧ୍ୟ ଆଶୀର୍ବାଦ ଦେଲେ। ପ୍ରଭୁ ମୋ ପୁଅକୁ ଭଲରେ ରଖି ଥାଅ। ଏତେ ଦୂରରେ ରହି ଆମ ପାଇଁ କେତେ ଚିନ୍ତା କରୁଛି। ଟଙ୍କା ଧରି ବୁଢ଼ା ମଉସା ବାହାରିଗଲେ।

ମଉସାଙ୍କ ଖୁସି ଦେଖି ଦେବାଶିଷ ବାବୁ ବି ଖୁସି ହେଇଗଲେ। ପୋଷ୍ଟମ୍ୟାନ୍ ଆଡ଼କୁ ଚାହିଁ କହିଲେ; ଯାହା ହେଉ ପୁଅ ପଇସା ପଠାଇଲା। ବୁଢ଼ା ଲୋକ କେତେ ହଇରାଣ ହେଉଥିଲେ। ଆପଣଙ୍କ ସେ କାଉଣ୍ଟର ବାବୁ କେତେ ଦୁର୍ବ୍ୟବହାର କରୁଥିଲେ। ଏମିତି କ'ଣ ଠିକ୍? ଯାହାହେଲେ ବି ବାପା ବୟସର ବୁଢ଼ା ଲୋକ।

ଏହି ସମୟରେ ପୋଷ୍ଟମ୍ୟାନ୍ ଦେବାଶିଷ ବାବୁଙ୍କୁ ଗୋଟିଏ କୋଣକୁ ଡାକି ନେଇ କହିଲେ; "ନା ନା ତାଙ୍କ ପୁଅ ଫୁଅ କେହି ଟଙ୍କା ପଠାଇନି। ପାସ୍‌ବୁକ୍ ଖୋଲିଲା ପରେ ତାଙ୍କ ପୁଅ କେବେ କେବେ ଟଙ୍କା ପଠାଉଥିଲା। ଏବେ ଆଉ ପଠାଉନି।"

ବୁଢ଼ା ଲୋକଟି ଏମିତି ହଇରାଣ ହେଉଥିବା ଦେଖି ଆମେ ଅଫିସ୍ ଭିତରେ ଚାନ୍ଦା କରି ଟଙ୍କା ସଂଗ୍ରହ କରିଥିଲୁ। ପୁଅ ନାଁ କହି ତାଙ୍କୁ ଟଙ୍କା ଦେଇଛୁ। ନହେଲେ ମଉସାଙ୍କୁ ଭୀଷଣ କଷ୍ଟ ହୋଇଥାଆନ୍ତା।

ଦେବାଶିଷ ବାବୁ ଉପରକୁ ଅନାଇ ପ୍ରଭୁଙ୍କୁ ଧନ୍ୟବାଦ ଦେଇ କହିଲେ, "ମାନବିକତା ଏବେ ବି ବଞ୍ଚିଛି।"■

# ଆଧୁନିକ ଓଡ଼ିଆ ଗଳ୍ପର ଜନକ ଫକୀରମୋହନ

ଡକ୍ଟର ସଂଘମିତ୍ରା ମିଶ୍ର



କଥା ସମ୍ରାଟ ଫକୀର ମୋହନ ସେନାପତି ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗ ପ୍ରବର୍ତ୍ତକ । ସେ ଥିଲେ ଏଜାତିର କର୍ଣ୍ଣଧାର, ସାମାଜିକ ଜୀବନର ନିଚ୍ଛକ ରୂପକାର ଏବଂ ଓଡ଼ିଆ ଭାଷା ଆନ୍ଦୋଳନର ଯୋଦ୍ଧୃ ସେନାପତି। ଓଡ଼ିଆ ଭାଷାର ଘୋର ସଙ୍କଟ କାଳରେ ଲେଖନୀ ରୂପକ ଅସ୍ତ୍ର ଧରି ଏ ଜାତିକୁ ଦେଇଥିଲେ ନୂତନ ପରିଚୟ । ଏହି ସଂକ୍ରାନ୍ତି ପୁରୁଷ ଥିଲେ ଏକାଧାରରେ ଜଣେ କଥାକାର, ଅନୁବାଦକ, ଜୀବନୀ ସାହିତ୍ୟର ରଚୟିତା, କବି, ପାଠ୍ୟ ପୁସ୍ତକ ପ୍ରଣେତା ଓ ସମ୍ପାଦକ।

୧୮୪୩ ମସିହା ଜାନୁୟାରୀ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ବ୍ୟାସକବିଙ୍କ ଜନ୍ମ ହୋଇଥିଲା। ତାଙ୍କ ପିତାଙ୍କ ନାମ ଲକ୍ଷ୍ମଣ କୁମାର ସେନାପତି ଓ ମାତା ତୁଳସୀ ଦେବୀ। ଅତ୍ୟନ୍ତ ଛୋଟ ଦିନରୁ ପିତା ମାତାଙ୍କୁ ହରେଇ ଠାକୁର ମା' କୋଚିଲା ଦେଈଙ୍କ ଦ୍ୱାରା ପାଳିତ ହୋଇଥିଲେ । ତାଙ୍କ ନାଁ ଥିଲା ବ୍ରଜ ମୋହନ। ସେ ପିଲା ବେଳେ ଖୁବ୍ ରୋଗୀଣା ଥିଲେ ବୋଲି ତାଙ୍କୁ ପୀର ବାବାଙ୍କଠାରେ ପିତାମହୀ ବିକ୍ରି କରି ଦେଇଥିଲେ। ତେଣୁ ସେ ଫକୀର ମୋହନ ନାଆଁରେ ପରିଚିତ ହେଲେ। ମାତ୍ର ତେର ବର୍ଷ ବୟସରେ ଲୀଳାବତୀଙ୍କୁ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ କୃଷ୍ଣା କୁମାରୀଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ପତ୍ନୀ କୃଷ୍ଣା କୁମାରୀଙ୍କ ପାଇଁ ସରଳ ଭାଷାରେ 'ରାମାୟଣ', 'ମହାଭାରତ' ଓ 'ଶ୍ରୀମଦ୍ ଭଗବତ ଗୀତା' ଅନୁବାଦ କରିଥିଲେ । ତାଙ୍କ ଅଜସ୍ର ଅନୁବାଦ ସାହିତ୍ୟ ପାଇଁ ସେ ବ୍ୟାସକବି ଭାବରେ ପରିଚିତ।

ଫକୀର ମୋହନ ଯେତେବେଳେ ମାତ୍ର ନଅ ବର୍ଷର, ସେତେବେଳେ ବଡ଼ବାପାଙ୍କ ସହ ଜାହାଜର ଅଖାଲ ସିଲେଇ କରି ଉପାର୍ଜନ କରୁଥିଲେ । ଅର୍ଥାଭାବରୁ ଅଧିକ ପଢ଼ି ନ ପାରି ଶିକ୍ଷକତାକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ, କିନ୍ତୁ ନିଜର ଅଧ୍ୟବସାୟ ବଳରେ ସଂସ୍କୃତ, ଇଂରାଜୀ, ଉର୍ଦ୍ଦୁ ପ୍ରଭୃତି ଭାଷାରେ ଗଭୀର ପ୍ରବେଶ ଥିଲା। ଇତିହାସ, ଭୂଗୋଳ, ଗଣିତର ପାଠ୍ୟ ପୁସ୍ତକ ସେ ରଚନା କରିଥିଲେ। ସେ ତତ୍କାଳୀନ କଲେକ୍ଟର ବିଦ୍ୱାନ ଜନ୍ ବୀମ୍‌ସଙ୍କ ସାହଚର୍ଯ୍ୟ ପାଇଥିଲେ । ପରବର୍ତ୍ତୀ ଜୀବନରେ ଶିକ୍ଷକତା ଛାଡ଼ି ନୀଳଗିରି ଡମପଡ଼ା, ଢେଙ୍କାନାଳ, ପାଲଲହଡ଼ା, ଦଶପଲ୍ଲା ପ୍ରଭୃତି ଜାଗାରେ ଦେୱାନ୍ ଭାବରେ କର୍ମମୟ ଜୀବନ ବିତେଇ ସାଧାରଣ ମଣିଷଙ୍କ ଜୀବନର ଅଜସ୍ର ଅନୁଭୂତି ଓ ଅଭିଜ୍ଞତା ସାଉଁଟି ଥିଲେ, ଯାହା ସାରସ୍ୱତ ଯାତ୍ରାରେ ଗଳ୍ପ ଓ ଉପନ୍ୟାସରେ ଜୀବନ୍ତ ରୂପ ପାଇଥିଲା ।

କଥା ସମ୍ରାଟ ଫକୀର ମୋହନ ତାଙ୍କ ସାରସ୍ୱତ ଯାତ୍ରାରେ ଅଜସ୍ର କାଳଜୟୀ ସୃଷ୍ଟି ଓଡ଼ିଆ ଭାଷା ସାହିତ୍ୟକୁ ଉପହାର ଦେଇ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି, ସେ ଗୁଡ଼ିକ ହେଲା କବିତା – 'ପୁଷ୍ପ ମାଳା', 'ଉପହାର', 'ଅବସର ବାସରେ', 'ପୂଜା ଫୁଲ', 'ଧୂଳି', 'ବୌଦ୍ଧାବତାର କାବ୍ୟ' । ଚାରିଟି ଉପନ୍ୟାସ ହେଲା – 'ଛ' ମାଣ ଆଠ ଗୁଣ୍ଠ', 'ଲଛମା', 'ମାମୁଁ' ଓ 'ପ୍ରାୟଶ୍ଚିତ' । 'ରେବତୀ', 'ରାଣ୍ଡିପୁଅ ଅନନ୍ତା', 'ପେଟେଣ୍ଟ ମେଡିସିନ୍', 'ଧୂଳିଆ ବାବା', 'ଗାରୁଡ଼ି ମନ୍ତ୍ର', 'ଡାକ ମୁନସୀ' ପ୍ରଭୃତି କୋଡ଼ିଏଟି କାଳଜୟୀ ଗଳ୍ପକୁ ନେଇ ଗଳ୍ପ ସ୍ୱଳ୍ପ ୧ ମ ଓ ୨ୟ ଭାଗ ୧୯୧୭ ମସିହାରେ ପ୍ରକାଶିତ । ଏତଦ୍ ବ୍ୟତୀତ ତାଙ୍କ 'ଆତ୍ମଜୀବନୀ ଚରିତ', 'ଉତ୍କଳ ଭ୍ରମଣ', ପ୍ରବନ୍ଧ – 'କବି ଗୋପାଳ କୃଷ୍ଣ', 'ନେପୋଲିୟନ୍ ବୋନାପାର୍ଟ' ଓ 'ଉତ୍କଳ ଭାଷାର ଭୂତ ଭବିଷ୍ୟତ' ତଥା ରମ୍ୟ ରଚନା 'ନନାଙ୍କ ପାଞ୍ଜି', 'ରାମାୟଣ', 'ମହାଭାରତ', 'ଉପନିଷଦ' ଓ 'ଭଗବଦ୍ ଗୀତା' ର ଅନୁବାଦ ତଥା ଅନେକ ପାଠ୍ୟ ପୁସ୍ତକ ।

ସେ ଥିଲେ ଆଧୁନିକ ଓଡ଼ିଆ ଗଳ୍ପର ଜନକ। ୧୯୯୮ ମସିହା ନାରୀ ଶିକ୍ଷାର ସଂଘର୍ଷକୁ ନେଇ ରଚିତ 'ରେବତୀ' ଗଳ୍ପ କେବଳ ଗୋଟିଏ ଗଳ୍ପ ନୁହେଁ, ବରଂ ଆଜିର କଥା ସାହିତ୍ୟ ପାଇଁ ସମଗ୍ର ନାରୀ ଜାତିର ଏକ ପ୍ରତିନିଧି । ସେ ଥିଲେ ଦରଦୀ ମଣିଷର ସ୍ୱର, ଜଣେ ସମାଜ ସଂସ୍କାରକ। ତାଙ୍କ କଥା ସାହିତ୍ୟ ଚରିତ୍ରର ଚାରୁ ଚିତ୍ରଶାଳା। ଯେଉଁ ଜୀବନର ସଂଘର୍ଷ, ଯେଉଁ ଆମ ଆଖପାଖର ମଣିଷର ଅଶ୍ରୁ ଓ କାରୁଣ୍ୟ, ଯେଉଁ ଗାଁ ମାଟିର କଥା ଦେଖି ମଧ୍ୟ ଦେଖି ପାରି ନ ଥିଲୁ ସେ ପ୍ରଥମେ ସାହିତ୍ୟରେ ନିଜ ଭାଷାରେ ଲେଖି ଦେଖେଇ ଦେଲେ ଯେ ମାଟିର ଲୋକ ଓ ମାଟିର କଥା ସବୁଠୁ ବେଶି ସୁନ୍ଦର। ତାଙ୍କ ହାସ୍ୟରସ ଓ ଗଦ୍ୟରୀତିର ପଟାନ୍ତର ନାହିଁ ।

ଫକୀର ମୋହନ ଓଡ଼ିଆ ଭାଷା ଆନ୍ଦୋଳନର ବିଦ୍ରୋହୀ ସେନାପତି। ବାଲେଶ୍ୱରରେ ସେ ଉତ୍କଳ ପ୍ରେସ୍ ସ୍ଥାପନା କରି 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ନାମରେ ଦୁଇଟି ପତ୍ରିକାର ନିଜ ସମ୍ପାଦନାରେ ପ୍ରକାଶିତ କରିଥିଲେ। ବାଲେଶ୍ୱରରେ ଛାପାଖାନା ବସେଇ ଥିଲେ। ସେ ଥିଲେ ଆଧୁନିକ ଗଳ୍ପର ଜନକ, ଓଡ଼ିଆ ନବ ଜାଗରଣର ଆଲୋକ ବର୍ତ୍ତିକା, ଆଧୁନିକତାର ଯୁଗ ପ୍ରବର୍ତ୍ତକ । ସେ ହିଁ ଯଥାର୍ଥରେ ଓଡ଼ିଆ ଅସ୍ମିତାର କାଳଜୟୀ ରୂପକାର। ମାତୃଭାଷା ଓ ମାତୃଭୂମି ପ୍ରତି ଅବହେଳା ଓ ଦୁର୍ଦ୍ଦଶା ଦେଖି ତାଙ୍କ ପ୍ରାଣ ବିକଳ ହୋଇ ଯାଉଥିଲା । ନିର୍ଭୀକ, ଜାତିପ୍ରେମୀ ଫକୀର ମୋହନ ନିଜ ମାଟି ଓ ଭାଷା ପାଇଁ ଲେଖିଥିଲେ -

"ପଢ଼ିଲି ନାନା ଦେଶ ଭାଷା
କାହିଁ ତ ନ ପୂରିଲା ଆଶା
ହେଉ ପଛକେ ସେ ନିକୃଷ୍ଟ
ମୋ ମାତୃଭାଷା ମତେ ଶ୍ରେଷ୍ଠ ।"

ଯୋଗଜନ୍ମା ଫକୀର ମୋହନ ଯାବତୀୟ ବିପଦ, ପ୍ରତିରୋଧ, ଦାରିଦ୍ର୍ୟର କଷାଘାତରେ ହାରି ଯାଇ ନାହାନ୍ତି କି ତାଙ୍କ ପ୍ରତିଭା ମ୍ଲାନ ପଡ଼ି ଯାଇ ନାହିଁ, ବରଂ ଶତ ସୂର୍ଯ୍ୟର ଜ୍ୟୋତି ନେଇ ପରବର୍ତ୍ତୀ ପିଢ଼ିଙ୍କୁ ବାଟ ଦେଖାଉ ଅଛନ୍ତି । ■

ଅଧ୍ୟାପିକା, ଓଡ଼ିଆ ବିଭାଗ
ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ବରଗଡ଼
ଜି: ବରଗଡ଼-୭୬୮୦୨୮

# ସର୍ତ୍ତ

ବାଦଲ ମହାନ୍ତି



ଆଉ କିଛି ରଙ୍ଗ କି ଚିହ୍ନର ପୋଷ୍ଟର
ମାରନି ଆମ ଗାଁ କାନ୍ଥରେ
ତମ ଉନ୍ନତି, ପ୍ରଗତି ଓ ବିକାଶର ଚୁଚୁମା
ଢେର୍ ଚୁଚୁମିଲୁ ଆମେ ।
ଦେଶ ଦେଶ କହି
ଆଉ ଦେଶାନ୍ତରୀ କରନା କି
ଆମ ସବୁଜ ଗାଁକୁ
ଆଉ ଧୂସର କରନା ସାଆନ୍ତେ ।

ଦେଶର ଆତ୍ମା ଆଉ କାହିଁ ଗାଁରେ?
କିଛି ନହେଲା ନାହିଁ
ବର୍ଷକୁ ଥରେ
ହଉ, ଅଷ୍ଟମ ପ୍ରହରୀଟେ
ତମେ ଆଉ ଆସନି ଆମ ଗାଁକୁ
ତମ ଭୋଟ ତମକୁ ମିଳିଯିବ
ତମରି ଚିହ୍ନରେ ।

ଭୁବନେଶ୍ୱରକୁ ଆଣି ପାରୁନି
ମୁଁ ମୋ ବୟାନବେ ବର୍ଷର ବୋଉକୁ
କି ତା' ଭଲ ମନ୍ଦ ବୁଝିବା ପାଇଁ
ଯାଇ ପାରୁନି ଗାଁକୁ ।

ଅସହଣି ହେଲାଣି ଦରଦାମ ବୃଦ୍ଧି
ବସିଲେ ଟ୍ୟାକ୍ସ, ଉଠିଲେ ଟ୍ୟାକ୍ସ
ଆଉ କେତେ ନେଲେ
ଶାନ୍ତି ହେବେ ଆପଣ?

ନିଜ ମାଆ କଥା ବୁଝିହେଉନି ଠିକ୍‌ରେ
ଦେଶ କଥା ବୁଝିବା ପାଇଁ
ଆଉ ବଳ ଅଛି ଅଣ୍ଟାରେ?
ଜୀବ ଥିଲେ ଲୋଭ ଅଛି
ଆଖିବୁଜି ଦିନେ
ବୁଲଡୋଜର୍ ଚଳେଇ ଦିଅ
ପିଲାଛୁଆଙ୍କ ସମେତ
ଆମ ଘର ଉପରେ
ଆମେ ଶାନ୍ତିରେ ଶୋଇଥିବା ବେଳେ ।

ଥିବୁ ଯେ ସର୍ତ୍ତ ବାଡ଼ିବୁ
ତମ ନରମ ପାଦପଦ୍ମ
ରାସ୍ତାକୁ ବାହାରିଲା ମାତ୍ରକେ
ଫୁଲ ବିଛାଇ ଦେଉଛନ୍ତି, ଫୁଜିପତିଏ
କାହିଁ ଏତେ କଲବଲ କରୁଛ ଆମକୁ?

ସୁଖରେ ନିଷ୍କଣ୍ଟକ ରାଜ ସିଂହାସନ
ଭୋଗ ହେ ସାଆନ୍ତେ
କାହିଁ ଘାଣ୍ଟି ହେଉଛ
ଏଇ ଭୋଅଟ ଖଣ୍ଡିକ ପଛରେ? ■

ପ୍ଲଟ ନଂ : ୫୧୩, ନୂଆସାହି,
ନୟାପଲ୍ଲୀ
ଭୁବନେଶ୍ୱର-୧୨
ମୋ : ୯୭୭୮୦୩୫୭୬୭

# ନିରୁଦ୍ଦିଷ୍ଟ

ମହାଦେବ ପ୍ରଧାନ



ଏଥର କିନ୍ତୁ
ଗୋଟେ ଅଟଳ ଝୁଙ୍କରେ
ବାହାରି ଆସିଲି ବହୁଦୂର..

ବାହାରି ଆସିଲି ଅନ୍ଧାରରୁ
ଅବିଶ୍ୱାସରୁ,
ପୁରୁଣା ଖୋଳପା ପରି ବେଢ଼ିଥିବା
ଆଟୋପ, ଆଡ଼ମ୍ବରରୁ ଏକେବାର!


ସାଙ୍ଗରେ ଥିଲା
ତାକୁ ଖୋଜିଯିବାର ଉତ୍କଣ୍ଠା
ପାଇଯିବାର ଉଲ୍ଲାସ,
ଖୁଚୁରାପଇସା ପରି ହାତ ମୁଠାରେ
କଳ୍ପିତ ସ୍ମୃତିରୁ ତା'ର କିଛି ଅଂଶ..

ବାହାରି ଆସିଲି ତ ଦେଖିଲି
ମୁଣ୍ଡ ଉପରେ ରଙ୍ଗଛଡ଼ା ଲୁଗାପରି
ଫିକା ଦିଶୁଛି ଆକାଶ
ମେଳା, ମହୋତ୍ସବରେ
ଲାଗିଥିବା ପୋଷ୍ଟର ପରି
ବାଟ ସାରା ସଜା ହେଇଛି
ଘଟଣ ଅଘଟଣର ରଙ୍ଗଚିତ୍ର..

ଆଖି ଆଗରେ ଏତେ ଯା' ଆସ,
ଗହଳ ଚହଳ
ତଥାପି; ଉଦଗ୍ର ଇଚ୍ଛାଟେ ହେଇ
ଚାରିଦିଗରୁ ଜାବୁଡ଼ି ଧରିଛି ମୋତେ
ତା' ଅଭାବବୋଧ ଇ' କେବଳ...

ଖୋଜିଲି ତାକୁ ଅବିଚଳ
ଖୋଜିଲି ଆଲୁଅ ଅନ୍ଧାର ଚରାଚର
ସମୁଦ୍ର ବାଲିରେ ହଜିଲା ମୁଦି ପରି
ଉତ୍କଣ୍ଠାର ଅତଳରେ ଅଣ୍ଡାଳୁ ଅଣ୍ଡାଳୁ
ଶେଷରେ ଛୁଇଁଲି
ଗୋଟେ ମୃଦୁ ଭ୍ରାନ୍ତିର ଅନ୍ତଃସ୍ଥଳ!!

ଫେରି ଆସୁ ଆସୁ ଦେଖିଲି
ଲକ୍ଷେ ବିଫଳ ପ୍ରାର୍ଥନା ପରେ
ନିର୍ବାକ ହେଇଯାଉଥିବା ମଣିଷ ପରି
ନୀରବି ଯାଉଛି ସଞ୍ଜ...
ଅନ୍ଧାର ଢେଉରେ ମଲାକଇଁଛ ପେଟ ପରି
ନିରୁଦ୍ଦେଶ୍ୟ ଭାସିଚାଲିଛି ଜହ୍ନ
ଆଉ ଖୋଜିବି କ'ଣ!
ପାଇଗଲି ଉତ୍ତର... ■




ମୋ: ୮୨୪୯୫୧୬୭୭୫

ପୁସ୍ତକ ପରିଚୟ

## ଗାନ୍ଧୀ ଦର୍ଶନ ଓ ସାମାଜିକ ପରିବର୍ତ୍ତନ

ଡ. ଅବଶ ପରିଡ଼ା





ବିଶ୍ୱମୁକ୍ତି ପବ୍ଲିକେଶନ୍
ବାଲିସାହି ରୋଡ୍
ଉତ୍ତରା ଶାସନ, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୩୫୦ ଟଙ୍କା

ସାମାଜିକ ପରିବର୍ତ୍ତନରେ ମହାତ୍ମା ଗାନ୍ଧୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ନିକଟ ଅତୀତରେ ପ୍ରକାଶ ପାଇଛି ଡକ୍ଟର ଅବଶ ପରିଡ଼ାଙ୍କ ପୁସ୍ତକ 'ଗାନ୍ଧୀ ଦର୍ଶନ ଓ ସାମାଜିକ ପରିବର୍ତ୍ତନ'। ଏହି ପୁସ୍ତକରେ ଗାନ୍ଧିଜୀଙ୍କ ସମାଜ ସଂସ୍କାରକର ଭୂମିକା, ଆଦର୍ଶ ବ୍ୟକ୍ତିତ୍ୱ, ସମସାମୟିକ ସମାଜକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ରଚିତ ପ୍ରବନ୍ଧଗୁଡ଼ିକ ସଂକଳିତ ହୋଇଛି। 'ଜ୍ୟୋତିଷଶାସ୍ତ୍ର ଓ ଗାନ୍ଧୀଙ୍କ ଜାତକ', 'ନେତାଙ୍କ ଶିଷ୍ଟାଚାର ଓ ଗାନ୍ଧୀ ବିଚାର', 'ତ୍ରିବେଣୀ ସଙ୍ଗମ ଓ ଗାନ୍ଧୀଙ୍କ ଚିତା ଭସ୍ମ', 'ପୁଅ ବନାମ ଜ୍ୱାଇଁ', 'ରାଜନୀତିରେ ଅଦରକାରୀ ମହିଳା ସୁରକ୍ଷା ଆଇନ', 'ଭୂତଗପ', 'ଅନ୍ଧ ବିଶ୍ୱାସର ନୂଆ ଏନ୍ତୁଡ଼ିଶାଳ' 'ଗଣତନ୍ତ୍ର ଓ ଯୁବ ଭୋଟର' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ତଥ୍ୟ ଭିତ୍ତିକ ହୋଇଛି। ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।■


## ଶୂନ୍ୟଫର୍ଦ୍ଦ

ପୁଷ୍ପାରାଣୀ ପଟେଲ




ବ୍ଲାକ୍ ଇଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୨୫୦ ଟଙ୍କା

ଜୀବନ କେବେ ସୁଖ, କେବେ ଦୁଃଖ। ବେଳେ ବେଳେ ଆଞ୍ଜୁଳା ଆଞ୍ଜୁଳା ପ୍ରେମର ଫଲ୍‌ଗୁ ବହି ଯାଏ, ପୁଣି କେବେ ପ୍ରତାରଣାର ଶିକାର ହେବାକୁ ପଡ଼େ। ଜୀବନର ଏଇ ଫେଣ୍ଟି ଭାବ ଉତୁରି ଆସିଛି ପୁଷ୍ପାରାଣୀ ପଟେଲଙ୍କ 'ଶୂନ୍ୟଫର୍ଦ୍ଦ'ର ଗପଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଶୂନ୍ୟଫର୍ଦ୍ଦ', 'ଗୋଟିଏ ଅସରା ଗପ', 'ପ୍ରେମରଙ୍ଗ', 'ଶିକୁଳି', 'ଜୀବନ ଦୁଇ ଫର୍ଦ୍ଦର', 'ଜୀବନ ପରୀକ୍ଷା', 'ପ୍ରେମଗଛ', 'କଳି କାଳରେ ଲେଖନୀ', 'ପ୍ରିୟତମଙ୍କୁ ଚିଠିଟିଏ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ଏହି ପୁସ୍ତକର ଅଧିକାଂଶ ଗପରେ ମାନବୀୟ ପ୍ରେମ, ମଣିଷର ଅସହାୟତା, ସାଂପ୍ରତିକ ସମାଜର ବାସ୍ତବତା, ସମାଜର ସ୍ୱାର୍ଥପର ଚରିତ୍ରଙ୍କ ମନୋଭାବ ପ୍ରତିଫଳିତ ହୋଇଛି। ପ୍ରେମର ଶାଶ୍ୱତ ଅନୁଭବକୁ ନେଇ 'ପ୍ରେମରଙ୍ଗ' ଗଳ୍ପର କାହାଣୀ ଗତିଶୀଳ ହୋଇଛି। ନିଆରା କାହାଣୀ, ନିରାଡ଼ମ୍ବର ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା ଯୋଗୁଁ ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ଶୂନ୍ୟଫର୍ଦ୍ଦ'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■



## ବଡ଼ବାପାଙ୍କୁ ପିଟିପିଟି ମାରିଦେଲା ପୁତୁରା



କରଞ୍ଜିଆ,୧୦ା୧(ସମିସ): କରଞ୍ଜିଆ ଥାନା ଅଧୀନ କରଡ଼ିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ପୁତୁରା ଏକ ଠେଙ୍ଗାରେ ପିଟିପିଟି ବଡ଼ବାପାଙ୍କୁ ହତ୍ୟା କରିଛି। ଏପରିକି ହତ୍ୟା କରିବା ପରେ ମୃତଦେହକୁ ଦୀର୍ଘ ସମୟ ଧରି ଜଗି ରହିଥିଲା। ମୃତକ ହେଲେ, ପଟକ ନାଏକ(୪୮)। ପୁଲିସ ଅଭିଯୁକ୍ତ ପୁତୁରା ପପୁ ନାଏକ(୨୫)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, ଶନିବାର ଅପରାହ୍ଣରେ ପଟକ ଖାଇ ପିଇ ଘରେ ଶୋଇଥିଲେ। ସେହି ସମୟରେ ପପୁ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପାହାର ପରେ ପାହାର ପକାଇ ଚାଲିଥିଲା। ଫଳରେ ପଟକଙ୍କର ସେହିଠାରେ ହିଁ ମୃତ୍ୟୁ ଘଟିଥିଲା। କିନ୍ତୁ ପପୁ ସେଠାରୁ ନଯାଇ ପଟକଙ୍କ ଶବକୁ ଦୀର୍ଘ ସମୟ ଧରି ଜଗି ବସିଥିଲା। ସାହିପଡ଼ିଶା ଘଟଣାସ୍ଥଳରେ ପହଞ୍ଚି ପଟକଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ତିନିଦିନ ତଳେ କୁଶପଦା ଅଞ୍ଚଳରେ ସମାନଧରଣର ଏକ ଅଘଟଣ ଘଟିଥିଲା। ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ତା' ବାପା ସମେତ ପଡ଼ୋଶୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲା।

## ମା'କୁ ପିଟିପିଟି ମାରିଦେଲା ପୁଅ

ଗଣିଆ,୧୦ା୧(ସମିସ): ଯେଉଁ ପୁଅକୁ ଜନ୍ମ କରିଥିଲା ସେ ପୁଅ ସାଜିଲା ହତ୍ୟାକାରୀ। ଜନ୍ମ କଲା ମାଆକୁ ପୁଅ ପ୍ରଥମେ ବାଡ଼େଇ ବାଡେଇ ଓ ପରେ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତ କଳାଶିମିଳି ଗ୍ରାମରେ ଏଭଳି ଘଟଣା ଘଟିଛି। ଗ୍ରାମର ରବୀନ୍ଦ୍ର ବାରିକିଙ୍କ ପୁଅ କୁନା ବାରିକି ଶୁକ୍ରବାର ରାତିରେ ମା' ସୁକାନ୍ତି ଦେଇଙ୍କ ସହିତ ଗଣ୍ଡଗୋଳ, ପାଟିତୁଣ୍ଡ କରିଥିଲା। ଏପରିକି ମା'କୁ ଅମାନୁଷିକ ଭାବରେ ବାଡ଼େଇ ବାଡ଼େଇ ଘରକୁ ଆଣିଥିବା ବେଳେ ପରେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘରେ ବାପା ନ ଥିବା ବେଳେ କୁନା ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଖବର ପାଇ ଶନିବାର ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏଏସଆଇ ଶାହା ଆଲାମ ଖାଁ ପହଞ୍ଚି କୁନାକୁ ଥାନାକୁ ଆଣିଛନ୍ତି।

କୁନା ଅନେକ ସମୟରେ ଘରେ ମା' ସହ ପାଟିତୁଣ୍ଡ ଗଣ୍ଡଗୋଳ କରୁଥିବା ବାପା ଜଣାଇଛନ୍ତି। କୁନାର ସ୍ତ୍ରୀ ଘରଛାଡ଼ି ଚାଲି ଯାଇଥିବା ବେଳେ ତାର ଗୋଟିଏ ଛୋଟ ପୁଅ ଅଛି। ଶୁକ୍ରବାର ସନ୍ଧ୍ୟାରେ ମୃତ ସୁକାନ୍ତିଙ୍କ ଝିଅ ମା' ସାଙ୍ଗରେ କଥା ହେବାକୁ ଫୋନ କରିଥିଲେ ବି ଅଭିଯୁକ୍ତ ମା' ସାଙ୍ଗରେ ଭଉଣୀର କଥାବାର୍ତ୍ତା କରାଇ ନ ଦେଇ ଗାଳିଗୁଲଜ କରିଥିବା ଭଉଣୀ ଅଭିଯୋଗ କରିଛନ୍ତି। ଘଟଣାର ଅଧିକ ତଦନ୍ତ ପାଇଁ ଏସଡିପିଓ ମଦନ ମୋହନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଅଭିଯୁକ୍ତକୁ କଠୋର ଦଣ୍ଡ ଦେବାକୁ ସାଧାରଣରେ ଦାବି ହେଉଛି।

## ୨୮ରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

କଟକ,୧୦ା୧(ସମିସ):ଆସନ୍ତା ୨୮ ତାରିଖରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା-୨୦୨୫ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆଜି ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ପାଇଁ ସୂଚୀ ଜାରି କରାଯାଇଛି। ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ (୩ ଘଣ୍ଟା) ଚାଲିବ। ଉଭୟ ଷ୍ଟେଜ୍-୧ ଏବଂ ଷ୍ଟେଜ୍-୨ ପରୀକ୍ଷା ପାଇଁ ଗୋଟିଏ ସିଟିଂରେ ପରୀକ୍ଷା କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୫ ଡିସେମ୍ବର ୧୨ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏହି ପରୀକ୍ଷା ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ପରୀକ୍ଷା ସମ୍ପର୍କିତ ଅଧିକ ସୂଚନା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ ପରିଦର୍ଶନ କରିପାରିବେ ବୋଲି କୁହାଯାଇଛି।

III-14

### ଓଡିଶା ସରକାର
### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
(ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

**ଅଧିସୂଚନା**

ନମ୍ବର : ୧୮୨୦୦ — ତାରିଖ: ୦୧.୧୨.୨୦୨୫

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଢ଼େଙ୍କାନାଳ ଜିଲ୍ଲାର ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ / ନିର୍ମାଣ ନିମନ୍ତେ ମୌଜା- ତର୍କାବେଡ଼ା, ଥାନା-ବାଲିମି ନଂ-34, ତହସିଲ-ହିନ୍ଦୋଳ, ଜିଲ୍ଲା-ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାପ୍ୟ ଏ: 34.9640 ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ : - ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- IDCO (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ)
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : -
For Installation and Expansion of M/s Rungta Mines Ltd, Dhenkanal Steel Plant of Phase-II., ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ।
୪. ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ସାରାଂଶ :- ଏଥି ସହିତ ସଂଲଗ୍ନ କରାଯାଇଛି — ଏଥି ସହିତ ସଂଲଗ୍ନ କରାଯାଇଛି
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, ହିନ୍ଦୋଳ
୬. ଜମିର ବିବରଣୀ :- — ଏଥି ସହିତ ସଂଲଗ୍ନ କରାଯାଇଛି

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଏମ୍/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢ଼େଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୋଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩: ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ଢ଼େଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, ଢ଼େଙ୍କାନାଳ**

**ମୌଜା: ତର୍କାବେଡା, ତହସିଲ- ହିନ୍ଦୋଳ, ଥାନା- ବାଲିମି-୩୪, ଜିଲ୍ଲା - ଢ଼େଙ୍କାନାଳ, ମୋଟ ରକବା - ଏ ୩୪.୯୬୪**

| କ୍ରମିକ ନଂ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅକ୍ଷୟ ପାଣିଗ୍ରାହୀ, ପି- ସୁରେନ୍ଦ୍ର ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ବେରୁଆଁପାଳ । | ୨ | ୭୮ | ତଇଲା- ୨ | ୦.୧୬୦ | ୦.୧୬୦ | |
| ୨ | | ୨ | ୬୯ | ତଇଲା- ୨ | ୦.୫୮୦ | ୦.୫୮୦ | |
| ୩ | | ୨ | ୮୦ | ତଇଲା- ୨ | ୦.୩୯୦ | ୦.୩୯୦ | |
| ୪ | ଅର୍ନ୍ତଯାମୀ ଜେନା, ପ୍ରଭାକର ଜେନା, ଡ଼ାଇଭର ଜେନା, ପି- ଲିଙ୍ଗରାଜ ଜେନା, ଉପେନ୍ଦ୍ର ଜେନା, ପି- ମୋହନ ଜେନା, ଜା- ଚଷା, ବା- ନିଜଗାଁ । | ୩ | ୩୦୪ | ତଇଲା- ୨ | ୦.୧୬୦ | ୦.୧୬୦ | |
| ୫ | | ୩ | ୩୦୫ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୬ | | ୩ | ୩୦୬ | ପତିତ | ୦.୧୮୦ | ୦.୧୮୦ | |
| ୭ | | ୩ | ୩୦୭ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୮ | | ୩ | ୩୦୮ | ଶାରଦ-୩ | ୦.୦୯୦ | ୦.୦୯୦ | |
| ୯ | | ୩ | ୩୧୦ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୦ | | ୩ | ୩୧୧ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୧ | | ୩ | ୩୧୩ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୨ | | ୩ | ୩୨୬ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୩ | | ୩ | ୩୦୬/୪୨୦୮ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୪ | ଅଲି ବେଓ୍ବା, ସ୍ୱା- ଲୋକନାଥ ଦାସ, ଚେଣ୍ଟୁ ଦାସ, ହଟିଆ ଦାସ, ମାହୁଲି ଦାସ, ରମେଶ ଦାସ, ଆଦର ଦେଇ, ପି- ଲୋକନାଥ ଦାସ, ବଂଶି ଦାସ, ପି- ନିର୍ମଳ ଦାସ, ଜା- ଗଉଡ, ବା- ବେରୁଆଁପାଳ । | ୧୫ | ୫୯ | ତଇଲା- ୨ | ୦.୧୪୦ | ୦.୧୪୦ | |
| ୧୫ | | ୧୫ | ୬୩ | ଶାରଦ-୩/୪ | ୦.୧୫୦ | ୦.୧୫୦ | |
| ୧୬ | ଇଶ୍ୱର ସାହୁ, ଗଣିଆଁ ସାହୁ, ପି- ଅଧିକାରୀ ସାହୁ, ଜା- ଚଷା, ବା - ନିଜଗାଁ । | ୨୩ | ୮୧୪ | ଶାରଦ-୩ | ୦.୧୭୦ | ୦.୧୭୦ | |
| ୧୭ | | ୨୩ | ୮୨୨ | ଶାରଦ-୩/୨ | ୦.୧୦୦ | ୦.୧୦୦ | |
| ୧୮ | କିଣା ଦେହୁରୀ, ପି- ଗଦା ଦେହୁରୀ, ଜା- ଚଷା, ବା- ବେରୁଆଁପାଳ । | ୪୪ | ୬୪ | ଶାରଦ-୩ | ୦.୨୭୦ | ୦.୨୭୦ | |
| ୧୯ | | ୪୪ | ୬୫ | ଶାରଦ-୩ | ୦.୨୮୦ | ୦.୨୮୦ | |
| ୨୦ | | ୪୪ | ୭୧ | ଶାରଦ-୨/୩ | ୦.୨୦୦ | ୦.୨୦୦ | |
| ୨୧ | | ୪୪ | ୭୨ | ଶାରଦ-୩/୨ | ୦.୨୬୦ | ୦.୨୬୦ | |
| ୨୨ | | ୪୪ | ୭୧/୪୨୯୮ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୨୩ | ଖଗ ସାହୁ, ପି- କନ୍ଦ ସାହୁ, ଜା- ଚଷା, ବା- ନିଜଗାଁ । | ୫୮ | ୮୧୩ | ଶାରଦ-୩ | ୦.୨୫୦ | ୦.୨୫୦ | |
| ୨୪ | ଖଗ ରାଉତ, ପି- କାଶି ରାଉତ, ଜା- ଗଉଡ, ବା- ନିଜଗାଁ । | ୫୯ | ୨୨୪ | ଶାରଦ-୨ | ୦.୩୦୦ | ୦.୩୦୦ | |
| ୨୫ | | ୫୯ | ୨୬୬ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୨୬ | | ୫୯ | ୨୮୨ | ଶାରଦ-୨ | ୦.୧୭୦ | ୦.୧୭୦ | |
| ୨୭ | ଗଙ୍ଗାଧର ସେନା, ପି- ଚିନ୍ତାମଣି ସେନ, ଚକ୍ରଧର ସେନା, ପି- ଦୁର୍ଲଭ ସେନା, ବଙ୍କା ସେନା, ବୈରାଗି ସେନା, ରଥିଆ ସେନା, ରଘୁ ସେନା, ପି- ରାଉତରା ସେନା, ଗୁଞ୍ଜର ବେଓ୍ବା, ସ୍ୱା- ରାଉତରା ସେନା, ସାନ୍ତରା ସେନା, ମୂଳିଆ ସେନା, ପି- ହାଡିଆ ସେନା, ଜା- ଚଷା, ବା- ନିଜଗାଁ । | ୬୨ | ୩୧୪ | ଶାରଦ-୩ | ୦.୧୪୦ | ୦.୧୪୦ | |
| ୨୮ | | ୬୨ | ୩୧୫ | ଶାରଦ-୩ | ୦.୨୬୦ | ୦.୨୬୦ | |
| ୨୯ | | ୬୨ | ୩୧୬ | ଶାରଦ-୩/୨ | ୦.୦୬୦ | ୦.୦୬୦ | |
| ୩୦ | | ୬୨ | ୩୧୭ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୩୧ | | ୬୨ | ୩୧୮ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୩୨ | | ୬୨ | ୩୧୯ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୩୩ | | ୬୨ | ୩୨୦ | ପତିତ | ୦.୦୪୦ | ୦.୦୪୦ | |
| ୩୪ | | ୬୨ | ୩୨୧ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୩୫ | | ୬୨ | ୩୨୨ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୩୬ | | ୬୨ | ୩୨୩ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୩୭ | | ୬୨ | ୮୦୩ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୩୮ | | ୬୨ | ୮୦୪ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୩୯ | | ୬୨ | ୮୦୭ | ଶାରଦ-୩ | ୦.୦୩୦ | ୦.୦୩୦ | |
| ୪୦ | ଗୁଞ୍ଜର ବେଓ୍ବା, ସ୍ୱା- ରାଉତରା ସେନା, ବାଙ୍କ ସେନା, ବଇରା ସେନା, ରଥିଆ ସେନା, ରଘୁ ସେନା, ପି- ରାଉତରା ସେନା, ଜା- ଚଷା, ବା- ନିଜଗାଁ । | ୬୬ | ୨୯୬ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୪୧ | | ୬୬ | ୩୦୨ | ଶାରଦ-୩/୪ | ୦.୫୫୦ | ୦.୫୫୦ | |
| ୪୨ | | ୬୬ | ୮୨୬ | ଶାରଦ-୩/୩ | ୦.୩୩୦ | ୦.୩୩୦ | |
| ୪୩ | ଗୁଜି ଦେଇ, ପି- ନନ୍ଦ ରାଉତ, ଗୋବିନ୍ଦ ରାଉତ, ପି- ଫଟୁ ରାଉତ, ମିଛୁ ରାଉତ, ପି- ହଗୁରୁ ରାଉତ, ଜା- ଗୋପାଳ, ବା- ନିଜଗାଁ । | ୬୭ | ୨୮୧ | ଶାରଦ-୨ | ୦.୧୧୦ | ୦.୧୧୦ | |
| ୪୪ | ଗତିକୃଷ୍ଣ ପ୍ରଧାନ, ପି- ଗୁଣଧର ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୬୯ | ୮୧୬ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୪୫ | | ୬୯ | ୮୧୯ | ଶାରଦ-୩ | ୦.୪୩୦ | ୦.୪୩୦ | |
| ୪୬ | | ୬୯ | ୮୪୪ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୪୭ | ଗୋକୁଳନନ୍ଦ ପ୍ରଧାନ, ଲୋକନାଥ ପ୍ରଧାନ, ସାଧବାଣୀ ଦେଇ, ପି- ରାମକୃଷ୍ଣ ପ୍ରଧାନ, ସ୍ନେହାମଣି ବେଓ୍ବା, ସ୍ୱା- ରାମକୃଷ୍ଣ ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୭୧ | ୮୨୯ | ଶାରଦ-୩ | ୦.୨୮୦ | ୦.୨୮୦ | |
| ୪୮ | | ୭୧ | ୮୫୧ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୪୯ | ଗୋପାଳ ପ୍ରଧାନ, ନକୁଳ ପ୍ରଧାନ, ପି- ଡେଲୁ ପ୍ରଧାନ, ଜା- ଚଷା, ବା- ନିଜଗାଁ, କିସ୍ମତ ଆଠଅଣା ବା ଗୌରି ବେଓ୍ବା, ସ୍ୱା- ମିଲୁ ପ୍ରଧାନ, ଜା- ଚଷା, ବା- ନିଜଗାଁ, କିସ୍ମତ ଆଠଅଣା । | ୭୨ | ୨୭୦ | ଶାରଦ-୩/୩ | ୦.୨୯୦ | ୦.୨୯୦ | |
| ୫୦ | | ୭୨ | ୨୯୮ | ଶାରଦ-୩/୨ | ୦.୧୯୦ | ୦.୧୯୦ | |
| ୫୧ | | ୭୨ | ୨୯୯ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୫୨ | | ୭୨ | ୩୦୦ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୫୩ | | ୭୨ | ୮୦୫ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୫୪ | | ୭୨ | ୮୦୬ | ଶାରଦ-୨ | ୦.୨୪୦ | ୦.୨୪୦ | |
| ୫୫ | | ୭୨ | ୮୦୮ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୫୬ | ଗୌରଙ୍ଗ ପରିଡା, ପି- କେଳା ପରିଡା, ଜା- ଗଉଡ, ବା- ବେରୁଆଁପାଳ । | ୭୮ | ୫ | ଶାରଦ-୩/୨ | ୦.୨୮୦ | ୦.୨୮୦ | |
| ୫୭ | | ୭୮ | ୫/୪୯୮୧ | ଘରବାରି | ୦.୨୦୦ | ୦.୨୦୦ | |
| ୫୮ | ତିର୍ଥ ପ୍ରଧାନ, ରଘୁ ପ୍ରଧାନ, ପି- ବିଶ୍ୱମ୍ବର ପ୍ରଧାନ, ପ୍ରଭାକର ପ୍ରଧାନ, ଦିବାକର ପ୍ରଧାନ, ପି- ଦୁଃଶାସନ ପ୍ରଧାନ, ଧନେଶ୍ୱର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ପି- ଅକ୍ରୁର ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୦୭ | ୫୫ | ତଇଲା- ୨ | ୦.୨୩୦ | ୦.୨୩୦ | |
| ୫୯ | | ୧୦୭ | ୭୫ | ତଇଲା- ୨ | ୦.୩୬୦ | ୦.୩୬୦ | |
| ୬୦ | ଦୁର୍ଯୋଧନ ପ୍ରଧାନ, ଲୋକନାଥ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି- ନିଧି ପ୍ରଧାନ, ଉଦ୍ଧବ ପ୍ରଧାନ, ପି- ପୁରୁଷୋତ୍ତମ ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୧୭ | ୫୬ | ତଇଲା- ୨ | ୦.୨୬୦ | ୦.୨୬୦ | |
| ୬୧ | ଧନେଶ୍ୱର ପ୍ରଧାନ, ପି- ଟଙ୍କଧର ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୨୨ | ୮୨୫ | ଶାରଦ-୩/୪ | ୦.୧୯୦ | ୦.୧୯୦ | |
| ୬୨ | ଧରଣୀଧର ସେନା, ମାୟାଧର ସେନା, ଧୁଳିଅ ସେନା, ଦୁର୍ଯୋଧନ ସେନା, ପି- ନକୁଳ ସେନା, ଜା- ଚଷା, ବା- ନିଜଗାଁ । | ୧୨୫ | ୨୪୭ | ପତିତ | ୦.୧୦୦ | ୦.୧୦୦ | |
| ୬୩ | | ୧୨୫ | ୨୪୯ | ଶାରଦ-୨ | ୦.୨୪୦ | ୦.୨୪୦ | |
| ୬୪ | | ୧୨୫ | ୨୬୫ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୬୫ | | ୧୨୫ | ୩୧୨ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୬ | | ୧୨୫ | ୩୨୨ | ଶାରଦ-୩ | ୦.୧୯୦ | ୦.୧୯୦ | |
| ୬୭ | | ୧୨୫ | ୮୧୦ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୮ | | ୧୨୫ | ୮୧୧ | ଶାରଦ-୩ | ୦.୨୯୦ | ୦.୨୯୦ | |
| ୬୯ | ଧରଣୀଧର ସେନା, ମାୟାଧର ସେନା, ଧୁଳିଅ ସେନା, ଦୁର୍ଯୋଧନ ସେନା, ପି- ନକୁଳ ସେନା, ରମା ସେନା, ବାଉରି ସେନା,କୃପା ସେନା, ପି- ସହଦେବ ସେନା, ବୁଧିଆ ସେନା, ପି- ଭୁବନ ସେନା, ଚକ୍ରଧର ସେନା, ପି- ଦୁଲଭ ସେନା, ବଙ୍କା ସେନା, ବୈରାଗି ସେନା, ରଥିଆ ସେନା, ରଘୁ ସେନା, ପି- ରାଉତରା ସେନା, ଗୁଞ୍ଜର ବେଓ୍ବା, ସ୍ୱା- ରାଉତରା ସେନା, ଗଙ୍ଗା ସେନା, ପି- ଚିନ୍ତାମଣି ସେନା, ଅନ୍ତର୍ଯାମୀ ସେନା, ପ୍ରଭାକର ସେନା, ଡ୍ରାଇଭର ସେନା, ପି- ଲିଙ୍ଗେଇ ସେନା, ଉପେନ୍ଦ୍ର ସେନା, ପି- ମୋହନ ସେନା, ଜା- ଚଷା, ବା- ନିଜଗାଁ । | ୧୨୨ | ୮୩୦ (ସ୍ଥ) | ବଗାୟତ- ୨ | ୨.୪୩୦ | ୦.୫୨୪ | |
| ୭୦ | ଧୁସା ରାଉତ, ପି- ଅଇଁଣ୍ଠା ରାଉତ, ଜା- ଗଉଡ, ବା- ବେରୁଆଁପାଳ । | ୧୩୦ | ୨୬୬ | ତଇଲା- ୨ | ୦.୧୦୦ | ୦.୧୦୦ | |
| ୭୧ | | ୧୩୦ | ୨୬୭ | ଶାରଦ-୩/୪ | ୦.୧୬୦ | ୦.୧୬୦ | |
| ୭୨ | | ୧୩୦ | ୨୬୮ | ଶାରଦ-୩/୨ | ୦.୫୯୦ | ୦.୫୯୦ | |
| ୭୩ | | ୧୩୦ | ୨୭୫ | ଶାରଦ-୨ | ୦.୨୩୦ | ୦.୨୩୦ | |
| ୭୪ | | ୧୩୦ | ୨୮୨ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୭୫ | | ୧୩୦ | ୮୫୩ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୭୬ | ନରେନ୍ଦ୍ର ପ୍ରଧାନ, ପି- ରାମଚନ୍ଦ୍ର ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୩୩ | ୨୯୪ | ଶାରଦ-୩/୨ | ୦.୪୮୦ | ୦.୪୮୦ | |
| ୭୭ | | ୧୩୩ | ୩୦୧ | ଶାରଦ-୩ | ୦.୪୪୦ | ୦.୪୪୦ | |
| ୭୮ | ନରେନ୍ଦ୍ର ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ, ପି- କ୍ଷେତ୍ର ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୩୪ | ୮୫୦ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୭୯ | ନାରାୟଣ ପ୍ରଧାନ, ମୁକୁନ୍ଦ ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୩୯ | ୮୪୨ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୮୦ | | ୧୩୯ | ୮୫୬ | ଶାରଦ-୩ | ୦.୯୨୦ | ୦.୯୨୦ | |
| ୮୧ | ପ୍ରାଣବନ୍ଧୁ ନାହାକ, ନବଘନ ନାହାକ, ପି- ଟାଙ୍କୁରୁ ନାହାକ, ଜା- ଚଷା, ବା- ନିଜଗାଁ । | ୧୬୩ | ୮୦୯ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୮୨ | | ୧୬୩ | ୮୧୨ | ଶାରଦ-୩/୩ | ୦.୧୪୦ | ୦.୧୪୦ | |
| ୮୩ | ପିତେଇ ପ୍ରଧାନ, ପି- ନିଙ୍ଗେଇ ପ୍ରଧାନ, ଜା- ସୁଦ, ବା- ବେରୁଆଁପାଳ । | ୧୬୫ | ୧ | ଶାରଦ-୩ | ୦.୩୪୦ | ୦.୩୪୦ | |
| ୮୪ | | ୧୬୫ | ୨ | ଶାରଦ-୩/୨ | ୦.୨୬୦ | ୦.୨୬୦ | |
| ୮୫ | | ୧୬୫ | ୩ | ଶାରଦ-୩ | ୦.୨୩୦ | ୦.୨୩୦ | |
| ୮୬ | | ୧୬୫ | ୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୮୭ | ବାଟି ବେଓ୍ବା, ସ୍ୱା- ଗଙ୍ଗାଧର ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୮୦ | ୮୧୮ | ଶାରଦ-୩ | ୦.୫୪୦ | ୦.୫୪୦ | |
| ୮୮ | ବାନାମ୍ବର ପ୍ରଧାନ, ପି- ଜଗନ୍ନାଥ ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୮୩ | ୮୫୨ | ଶାରଦ-୩ | ୦.୮୩୦ | ୦.୮୩୦ | |
| ୮୯ | ରବିନାରାୟଣ ଜେନା, ଶଙ୍କର୍ଷଣ ଜେନା, ଶିବନାରାୟଣ ଜେନା, ପ୍ରମୋଦ କୁମାର ଜେନା, ପି- ଲୋଚନ ଜେନା, ଜା- ଚଷା, ବା- ନିଜଗାଁ । | ୧୯୨ | ୩୨୪ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୯୦ | | ୧୯୨ | ୮୦୫ | ଶାରଦ-୩ | ୦.୨୬୦ | ୦.୨୬୦ | |
| ୯୧ | | ୧୯୨ | ୮୦୬ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୯୨ | | ୧୯୨ | ୬୯୯(ସ୍ଥ) | ଶାରଦ-୨/୪ | ୦.୩୮୦ | ୦.୦୬୦ | |
| ୯୩ | ମଙ୍ଗୁଳୁ ପ୍ରଧାନ, ପି- ବୃନ୍ଦା ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୧୯୯ | ୮୧୫ | ଶାରଦ-୩/୩ | ୦.୨୫୦ | ୦.୨୫୦ | |
| ୯୪ | ମିଛୁ ରାଉତ, ପି- ହଗୁରୁ ରାଉତ, ଜା- ଗଉଡ, ବା- ନିଜଗାଁ । | ୨୧୦ | ୨୯୧/୪୪୧୦ | ଘରବାରୀ | ୦.୧୦୦ | ୦.୧୦୦ | |
| ୯୫ | ଉପେନ୍ଦ୍ର ବେହେରା, ପି- ଶ୍ରୀନିବାସ ବେହେରା, ଅନ୍ତର୍ଯାମୀ ବେହେରା, ହେମନ୍ତ ବେହେରା, ପି- କାଳନ୍ଦି ବେହେରା, ଜା- ଗୋପାଳ, ବା- ବେରୁଆଁପାଳ । | ୨୧୫ | ୨୬୩ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୯୬ | | ୨୧୫ | ୨୮୮ | ଶାରଦ-୨/୨ | ୦.୧୩୦ | ୦.୧୩୦ | |
| ୯୭ | ରମା ଜେନା, ବାଉରିଆ ଜେନା, କୃପା ଜେନା, ପି- ସହଦେବ ଜେନା, ଜା- ଚଷା, ବା- ନିଜଗାଁ । | ୨୧୯ | ୨୪୬ | ପତିତ | ୦.୧୭୦ | ୦.୧୭୦ | |
| ୯୮ | | ୨୧୯ | ୩୨୫ | ଶାରଦ-୩ | ୦.୩୫୦ | ୦.୩୫୦ | |
| ୯୯ | ଶଶି ଦେଇ, ପି- ମଧୁ ପ୍ରଧାନ, ଜା- ଚଷା, ବା- ବ୍ରହ୍ମପୁର । | ୨୩୪ | ୮୩୩ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୧୦୦ | | ୨୩୪ | ୮୩୪ | ଶାରଦ-୨ | ୦.୨୬୦ | ୦.୨୬୦ | |
| ୧୦୧ | | ୨୩୪ | ୮୩୬ | ଶାରଦ-୩ | ୦.୪୬୦ | ୦.୪୬୦ | |
| ୧୦୨ | | ୨୩୪ | ୮୪୭ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୦୩ | | ୨୩୪ | ୮୫୪ | ଶାରଦ-୩/୨ | ୦.୧୬୦ | ୦.୧୬୦ | |
| ୧୦୪ | | ୨୩୪ | ୮୫୫ | ଶାରଦ-୩/୩ | ୦.୨୫୦ | ୦.୨୫୦ | |
| ୧୦୫ | | ୨୩୪ | ୮୭୦ (ସ୍ଥ) | ଶାରଦ-୩/୨ | ୦.୨୪୦ | ୦.୧୮୦ | |
| ୧୦୬ | ହୃଷିକେଶ ପ୍ରଧାନ, ଗନ୍ଧର୍ବ ପ୍ରଧାନ, ଗିରିଧାରୀ ପ୍ରଧାନ, ଚନ୍ଦ୍ରମଣୀ ପ୍ରଧାନ, ପି- ହଗୁରୁ ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୨୫୮ | ୨୬୯ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୧୦୭ | | ୨୫୮ | ୨୭୭ | ଶାରଦ-୩ | ୦.୩୦୦ | ୦.୩୦୦ | |
| ୧୦୮ | | ୨୫୮ | ୨୭୮ | ଶାରଦ-୩/୨ | ୦.୧୮୦ | ୦.୧୮୦ | |
| ୧୦୯ | | ୨୫୮ | ୨୮୯ | ତଇଲା- ୨ | ୦.୨୮୦ | ୦.୨୮୦ | |
| ୧୧୦ | | ୨୫୮ | ୨୯୦ | ତଇଲା- ୨ | ୦.୩୬୦ | ୦.୩୬୦ | |
| ୧୧୧ | | ୨୫୮ | ୨୯୧ | ଶାରଦ-୩/୩ | ୦.୬୨୦ | ୦.୬୨୦ | |
| ୧୧୨ | | ୨୫୮ | ୨୯୨ | ଶାରଦ-୩/୫ | ୧.୦୦୦ | ୧.୦୦୦ | |
| ୧୧୩ | | ୨୫୮ | ୨୯୩ | ଶାରଦ-୩ | ୦.୪୧୦ | ୦.୪୧୦ | |
| ୧୧୪ | | ୨୫୮ | ୨୯୬ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୧୫ | | ୨୫୮ | ୩୦୩ | ଶାରଦ-୩ | ୦.୩୬୦ | ୦.୩୬୦ | |
| ୧୧୬ | | ୨୫୮ | ୮୧୬ | ଶାରଦ-୩ | ୦.୪୨୦ | ୦.୪୨୦ | |
| ୧୧୭ | | ୨୫୮ | ୮୪୦ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୧୧୮ | | ୨୫୮ | ୮୪୩ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୧୧୯ | | ୨୫୮ | ୮୪୯ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୨୦ | ପୁରନ୍ଦର ମାଝୀ, ପି- ବନମାଳୀ ମାଝୀ, ଜା- ଚଷା, ବା- ବେରୁଆଁପାଳ । | ୨୬୬ | ୬୬ | ତଇଲା- ୨ | ୧.୦୨୦ | ୧.୦୨୦ | |
| ୧୨୧ | | ୨୬୬ | ୭୮ | ଶାରଦ-୨ | ୧.୪୨୦ | ୧.୪୨୦ | |
| ୧୨୨ | ଲୁଲୁ ବାରିକ, ପି- କାଠି ବାରିକ, ଜା- ଭଣ୍ଡାରି, ବା- ନିଜଗାଁ । | ୩୫୨ | ୫୯/୪୩୫୧ | ତଇଲା- ୨ | ୦.୨୦୦ | ୦.୨୦୦ | |
| ୧୨୩ | ଯୋଗିନାଥ ଜେନା, ନରୋତମ ଜେନା, ପି- ବୈରାଗି ଜେନା, ଜା- ଚଷା, ବା- ନିଜଗାଁ । | ୪୨୩ | ୮୩୬ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୨୪ | | ୪୨୩ | ୮୪୧ | ଶାରଦ-୨ | ୦.୦୬୦ | ୦.୦୬୦ | |
| ୧୨୫ | | ୪୨୩ | ୮୩୫/୪୬୮୬ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୨୬ | ବଙ୍କା ଜେନା, ପି- ରାଉତରା ଜେନା, ଜା- ଚଷା, ବା- ନିଜଗାଁ । | ୫୦୪ | ୮୩୯ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୨୭ | | ୫୦୪ | ୮୩୮/୪୬୦୪ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୨୮ | ମଦନ ଦଳେଇ, ପି- ଅଗସ୍ତି ଦଳେଇ, ଜା- କେଉଟ, ବା- ନିଜଗାଁ । | ୫୧୫ | ୨୯୬୧/୪୬୧୮ | ଘରବାରି | ୦.୦୪୦ | ୦.୦୪୦ | |
| ୧୨୯ | ଭ୍ରମରବର ପ୍ରଧାନ, ସୁଧାକର ପ୍ରଧାନ, ପି- ଗୁଣ୍ଡିଚା ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୫୩୫ | ୫୪ | ଘରବାରି | ୦.୨୨୦ | ୦.୨୨୦ | |
| ୧୩୦ | | ୫୩୫ | ୭୬ | ତଇଲା- ୨ | ୦.୨୨୦ | ୦.୨୨୦ | |
| ୧୩୧ | | ୫୩୫ | ୭୭ | ତଇଲା- ୨ | ୦.୧୮୦ | ୦.୧୮୦ | |
| ୧୩୨ | ଚକ୍ରୁ ଦେହୁରି, ପି- ବାୟା ଦେହୁରି, ଜା- ଚଷା, ବା- ନିଜଗାଁ । | ୫୩୮ | ୮୨୮ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୧୩୩ | ଅକ୍ଷୟ କୁମାର ପାଣିଗ୍ରାହି, ପି- ସୁରେନ୍ଦ୍ର କୁମାର ପାଣିଗ୍ରାହି, ଜା- ବ୍ରାହ୍ମଣ, ବା- ବେରୁଆଁପାଳ । | ୫୪୨ | ୫୮/୫୭୫୦ | ତଇଲା- ୨ | ୦.୧୧୦ | ୦.୧୧୦ | |
| ୧୩୪ | ନବ କିଶୋର ଦେହୁରି, ପି- କିଣା ଦେହୁରି, ଜା- ଚଷା, ବା- ବେରୁଆଁପାଳ । | ୫୫୬ | ୭୩/୪୭୫୩ | ତଇଲା- ୨ | ୦.୧୭୦ | ୦.୧୭୦ | |
| ୧୩୫ | ଚେଣ୍ଟୁ ଦାସ, ପି- ଲୋକନାଥ ଦାସ, ଜା- ଗୋପାଳ, ବା- ବେରୁଆଁପାଳ । | ୫୬୨ | ୭୩/୪୬୬୧ | ତଇଲା- ୨ | ୦.୨୩୦ | ୦.୨୩୦ | |
| ୧୩୬ | ଉପେନ୍ଦ୍ର ବେହେରା, ପି- ଶ୍ରୀନିବାସ ବେହେରା, ଜା- ଗୋପାଳ, ବା- ବେରୁଆଁପାଳ । | ୫୮୯ | ୨୨୧ | ଶାରଦ-୩/୪ | ୦.୧୦୦ | ୦.୧୦୦ | |
| ୧୩୭ | ଗୌରହରି ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପ୍ରଧାନ, ପି- ବାନାମ୍ବର ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୫୯୧ | ୨୬୫/୪୬୯୪ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୧୩୮ | ପ୍ରମିଳା ବେହେରା, ସ୍ୱା- ଉପେନ୍ଦ୍ର ବେହେରା, ଜା- ଗୋପାଳ, ବା- ବେରୁଆଁପାଳ । | ୫୯୨ | ୨୨୨ | ଶାରଦ-୩/୨ | ୦.୧୩୦ | ୦.୧୩୦ | |
| ୧୩୯ | ସୁନିବର ପ୍ରଧାନ, ପି- ପ୍ରାଣବନ୍ଧୁ ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୬୦୨ | ୮୩୫ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୧୪୦ | | ୬୦୨ | ୮୩୮ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୧୪୧ | | ୬୦୨ | ୨୪୮/୪୮୫୫ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୧୪୨ | | ୬୦୨ | ୨୪୯/୪୭୦୨ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୧୪୩ | ଗୌରହରି ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପ୍ରଧାନ, ପି- ବାନାମ୍ବର ପ୍ରଧାନ, ଜା- ଚଷା, ବା- ନିଜଗାଁ । | ୬୨୪ | ୨୬୪ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୧୪୪ | ନବ କିଶୋର ଦେହୁରି, ପି- କିଣା ଦେହୁରି, ଜା- ଚଷା, ବା- ନିଜଗାଁ । | ୬୨୬ | ୭୦ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୧୪୫ | ନେପାଳ ଚନ୍ଦ୍ର ସେନାପତି, କୈଳାସ ଚନ୍ଦ୍ର ସେନାପତି, ପି- ଦୈତାରୀ ସେନାପତି, ଜା- ଗୋପାଳ, ବା- ନିଜଗାଁ । | ୬୬୯ | ୫୭ | ତଇଲା- ୨ | ୦.୨୭୦ | ୦.୨୭୦ | |
| ୧୪୬ | | ୬୬୯ | ୫୮ | ତଇଲା- ୨ | ୦.୨୧୦ | ୦.୨୧୦ | |
| ୧୪୭ | କଣ୍ଟୁ ରାଉତ, ପି- କୁନ୍ଥୁ ରାଉତ, ଜା- ଗୋପାଳ, ବା- ନିଜଗାଁ । | ୭୯୬ | ୮୫୨ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୪୮ | ଶତ୍ରୁଘନ ବେହେରା, ଅନନ୍ତ ବେହେରା, ପି- ଝଗଡୁ ବେହେରା, ଜା- ଗୋପାଳ, ବା- ତର୍କାବେଡା । | ୮୭୨ | ୨୭୩/୪୯୧୦ | ଶାରଦ-୨ | ୦.୧୩୦ | ୦.୧୩୦ | |
| ୧୪୯ | ମାୟାଧର ଜେନା, ପି- ନକୁଳ ଜେନା, ଜା- ଚଷା, ବା- ନିଜଗାଁ । | ୮୬୬ | ୨୪୮ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୧୫୦ | | ୮୬୬ | ୨୬୪/୪୯୧୬ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୧୫୧ | ସନାତନ ଦାସ, ପି- ଲକ୍ଷ୍ମଣ ଦାସ, ଜା- ଗଉଡ, ବା- ନିଜଗାଁ । | ୮୮୫ | ୬୨/୪୯୨୯ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୧୫୨ | ଲକ୍ଷ୍ମଣ ଦାସ, ପି- ବଂଶୀଧର ଦାସ, ଜା- ଗଉଡ, ବା- ନିଜଗାଁ । | ୮୮୬ | ୫୯/୪୯୩୦ | ତଇଲା- ୨ | ୦.୧୬୦ | ୦.୧୬୦ | |
| ୧୫୩ | | ୮୮୬ | ୬୧/୪୯୩୨ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୫୪ | | ୮୮୬ | ୬୩/୪୯୩୧ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୫୫ | ମଞ୍ଜୁଲତା ଦାସ, ସ୍ୱା- କୁଟିର ଦାସ, ଜା- ଗଉଡ, ବା- ବେରୁଆଁପାଳ । | ୮୮୭ | ୭୦ | ତଇଲା- ୨ | ୦.୧୯୦ | ୦.୧୯୦ | |
| ୧୫୬ | ପ୍ରମୋଦ କୁମାର ଜେନା, ପି- ଲୋଚନ ଜେନା, ଜା- ଚଷା, ବା- ନିଜଗାଁ । | ୮୮୮ | ୮୦୮ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୧୫୭ | ସୂର୍ଯ୍ୟମଣୀ ଦାସ, ପି- ହଟିଆ ଦାସ, ଜା- ଗୋପାଳ, ବା- ବେରୁଆଁପାଳ, ଥା- ବାଲିମୀ, ଜି- ଢେଙ୍କାନାଳ । | ୨୮୨/୧୮ | ୬୧ | ଶାରଦ-୩/୨ | ୦.୦୮୦ | ୦.୦୮୦ | |
| ୧୫୮ | | ୨୮୨/୧୮ | ୫୯/୪୯୪୭ | ତଇଲା- ୨ | ୦.୧୦୦ | ୦.୧୦୦ | |
| ୧୫୯ | | ୨୮୨/୧୮ | ୬୧/୪୯୪୬ | ଶାରଦ-୩/୨ | ୦.୦୭୦ | ୦.୦୭୦ | |
| ୧୬୦ | | ୨୮୨/୧୮ | ୬୩/୪୯୪୮ | ଶାରଦ-୩/୪ | ୦.୦୪୦ | ୦.୦୪୦ | |
| ୧୬୧ | ଧୂଳିଆ ଜେନା, ପି- ନକୁଳ ଜେନା, ଜା- ଚଷା, ବା- ତର୍କାବେଡା । | ୨୮୨/୨୮ | ୩୦୯ | ଶାରଦ-୩/୨ | ୦.୨୦୦ | ୦.୨୦୦ | |
| ୧୬୨ | ରୁଦ୍ରାକ୍ଷ ଦାସ, ପି- ଲକ୍ଷ୍ମଣ ଦାସ, ଜା- ଗଉଡ, ବା- ବେରୁଆଁପାଳ । | ୨୮୨/୪ | ୭୨ | ଶାରଦ-୩ | ୦.୧୭୦ | ୦.୧୭୦ | |
| ୧୬୩ | | ୨୮୨/୪ | ୭୩ | ତଇଲା- ୨ | ୦.୧୨୦ | ୦.୧୨୦ | |
| ୧୬୪ | ସଞ୍ଜୁଲତା ପ୍ରଧାନ, ସ୍ୱା- ଗୋଲେଖ ପ୍ରଧାନ, ଜା- ଚଷା, ବା- ତର୍କାବେଡା । | ୨୮୨/୫୩ | ୨୯୫ | ଶାରଦ-୩ | ୦.୪୦୦ | ୦.୪୦୦ | |
| ୧୬୫ | ଅଜୟ କୁମାର ମାଝୀ, ପି- ଅନଙ୍ଗ ମାଝୀ, ଜା- ଚଷା, ବା- ବେରୁଆଁପାଳ । | ୨୮୨/୫୫ | ୬୧/୪୯୬୯ | ଘରବାରି | ୦.୦୮୦ | ୦.୦୮୦ | |
| | | | | | ମୋଟ | ଏ ୩୪.୯୬୪ | |

**ଅମିନ୍**
**ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ**

**ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ**
**ହିନ୍ଦୋଳ**

**ଜିଲ୍ଲାପାଳ**
**ଢେଙ୍କାନାଳ**

OIPR-

ସକାଳ
THE SAKALA



### ପାଟନାଳୀ ଉନ୍ନତୀକରଣରେ ଠିକାଦାରଙ୍କ ମନମୁଖି କାର୍ଯ୍ୟ

# ଫୁଟେଇଦେଲେ ପାନୀୟଜଳ ଯୋଗାଣ ପାଇପ୍



ଡେରାବିଶ, ୧୦।୧(ସମିସ): ଡ୍ରେନେଜ୍ ବିଭାଗ ପକ୍ଷରୁ ଡେରାବିଶ ଅଞ୍ଚଳ ଦେଇ ବହିଯାଇଥିବା ବିଭିନ୍ନ ପାଟନାଳୀର ଖନନ, ସଫେଇ ଓ ବନ୍ଧର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ଏ ନେଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ତେବେ କାମ ଆରମ୍ଭରୁ ଝୁଣ୍ଟିଲା ଭଳି ଏହି କାର୍ଯ୍ୟରେ ବହୁ ବେନିୟମ କାମ କରାଯାଉଥିବା ଅଭିଯୋଗ ଆସିଲାଣି। ଏପରିକି କେଉଁଠି ଠିକାଦାର ପରିବେଶ ଓ ବଜ୍ରପାତରୁ ସୁରକ୍ଷା ନିମନ୍ତେ କଟାଯିବାକୁ ନିଷିଦ୍ଧ ହୋଇଥିବା ତାଳଗଛ କାଟିବା ଓ ପାଟନାଳୀ ଖନନ ନ କରି ବନ୍ଧ ଉପର ସଫା କରିବା ଯୋଗୁଁ ଗ୍ରାମବାସୀ ଓ ଚାଷୀଙ୍କ ତୀବ୍ର ବରୋଧର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଥିସହ ଠିକାଦାରଙ୍କ ବେପରୁଆ କାର୍ଯ୍ୟ ଯୋଗୁଁ ଏବେ ପାନୀୟଜଳ ଯୋଗାଣ ପାଇପ୍ ଫାଟି ପାଣି ପାଟନାଳୀକୁ ଯାଉଥିବାବେଳେ ଶେଷମୁଣ୍ଡରେ ଥିବା ଗ୍ରାମବାସୀ ପାଣି ପାଉ ନ ଥିବାବେଳେ କଟକ-ଚାନ୍ଦବାଲି ରାଜରାସ୍ତା ପ୍ରତି ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଚାନ୍ଦୋଳ ବଜାର ମଧ୍ୟଦେଇ କଟକ-ଚାନ୍ଦବାଲି ରାଜରାସ୍ତାକୁ ଅତିକ୍ରମ କରିଥିବା ୨୦ନଂ ପାଟନାଳୀର ସଫେଇ ଓ ବନ୍ଧ ନିର୍ମାଣ କାର୍ଯ୍ୟ ଜଣେ ଠିକାଦାର କରୁଥିବାବେଳେ ଜେସିବି ମେସିନ୍ ସହାୟତାରେ ଏହାର ବନ୍ଧକୁ ତାଡ଼ିଛନ୍ତି। ବନ୍ଧକୁ ତାଡ଼ିବା ସମୟରେ କଟକ-ଚାନ୍ଦବାଲି ରାଜରାସ୍ତା କଡ଼ ଦେଇଯାଇଥିବା ପାଣି ପାଇପ୍‌କୁ ଫଟାଇ ଦିଆଯାଇଛି। ଫଳରେ ଏହି ମୁଖ୍ୟ ପାଣି ପାଇପ୍ ଫାଟି ପାଶ୍ୱର୍ରେ ଥିବା କଟକ-ଚାନ୍ଦବାଲି ରାଜରାସ୍ତା ଏକ ପୋଲ ତଳ ଆପ୍ରୋଚ୍‌କୁ ଧୋଇ ରାସ୍ତାକୁ ନଷ୍ଟ କରିବାରେ ଲାଗିଛି। ଅପରପକ୍ଷରେ ପାଣି ଏଠାରେ ଡ୍ରେନେଜ୍ କଟ୍ ମଧ୍ୟକୁ ବୋହିଯାଉଥିବାରୁ ଶେଷ ମୁଣ୍ଡରେ ଥିବା ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହେଉଥିବା ଜଣାଯାଇଛି। ଠିକାଦାର ଜଣକ ପାନୀୟଜଳ ଯୋଗାଣ ବିଭାଗ ସହ ସମନ୍ୱୟ ନ କରି ମନଇଚ୍ଛା କାର୍ଯ୍ୟ କରିଥିବାରୁ ଏପରି ଅସୁବିଧା ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପାଣି ପାଇପ୍ ଫାଟିବା ଘଟଣାକୁ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହାକୁ ମରାମତି ନ କରି ଡ୍ରେନେଜକଟ୍ ଠିକାଦାର ଜଣକ ଏଠାରୁ କାମ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି। ଯଦି ଏଭଳି ପାଣି ପୋଲ ତଳେ ମାଡ଼ ହେବ, ତେବେ ପୋଲ ତଳ ଆପ୍ରୋଚ ସ୍ଥଳଟି ଧିରେ ଧିରେ ଧୋଇଯାଇ ରାସ୍ତା ପ୍ରତି ବିପଦ ଦେଖାଦେବା ସମ୍ଭାବନା ଦେଖାଦେଇଛି। ସେହିପରି ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଲକପୁର ନିକଟରେ ଠିକାଦାର ପାଟନାଳୀ ସଫେଇ ସମୟରେ ଚାଷଜମିରୁ ପାଟନାଳୀକୁ ପାଣି ନିଷ୍କାସନ ନିମନ୍ତେ ବସାଯାଇଥିବା ଶୋଠକୁ ପୋତିଦେବା ସହ ସଠିକ ଢଙ୍ଗରେ କାର୍ଯ୍ୟ କରୁ ନ ଥିବାରୁ ସ୍ଥାନୀୟ ଚାଷୀଏହାର ବିରୋଧ କରି କାର୍ଯ୍ୟ ବନ୍ଦ କରିଥିବା ଦେଖିବାକୁ ମିଳିଥିଲା।

ସେହିପରି ୧୯ନଂ ଡ୍ରେନେଜ୍‌କଟ୍‌ର ରାଜସ୍ୱ କାର୍ଯ୍ୟାଳୟ ଅଧୀନ ଓଲଢ଼ିଠାରୁ ଫକିରାବାଦ ପର୍ଯ୍ୟନ୍ତ ଡ୍ରେନେଜକଟ୍ ବନ୍ଧରେ ଥିବା ବହୁ ବଡ଼ ବଡ଼ ତାଳଗଛ କାଟି ନଷ୍ଟ କରିଦେଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ତହସିଲଦାର, ବନ ବିଭାଗ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ।

**ବିପଦରେ କଟକ-ଚାନ୍ଦବାଲି ରାଜରାସ୍ତା ପୋଲ**

---

## ସପନେଶ୍ୱର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ରାଜନଗର,୧୦।୧(ସମିସ): ରାଜନଗର ବ୍ଲକ୍ ଅନ୍ତର୍ଗତ ବାର୍ହାପୁରସ୍ଥ ସପନେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସପନେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅମର ସ୍ୱାଇଁ, ପରିଚାଳନା କମିଟି ସଭାପତି ହେମନ୍ତ ଖଣ୍ଡୁଆଳ, ସପନେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସୁଚେନ୍ଦ୍ର ପଡ଼ିଆରି, କୋଇଲିପୁର ଉପ୍ରା ବିଦ୍ୟାଳୟ ସହକାରୀ ଶିକ୍ଷକ ବାବୁଲି ପ୍ରସାଦ ଦାସ ଓ କ୍ରୀଡ଼ା ପର୍ଯ୍ୟବେକ୍ଷକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକତା ଓ ଶ୍ରମ ମାଧ୍ୟମରେ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶକ୍ତିଶାଳୀ ଖେଳ ମଞ୍ଚ ସୃଷ୍ଟି କରିପାରିବା ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଖଗେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ କ୍ରୀଡ଼ା ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀକାନ୍ତ ବେହେରା ଖେଳ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦିନିକିଆ ପ୍ରଶିକ୍ଷଣ



କେନ୍ଦ୍ରାପଡ଼ା,୧୦।୧(ସମିସ): ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ବନ୍ଦେ ମାତରମ'ର ସାଂସ୍କୃତିକ, ଐତିହାସିକ ଓ ଭାବନାତ୍ମକ ସାରାଂଶ ସହିତ ପୁନଃସଂଯୋଗ କରିବା ଓ ସମଗ୍ର ଓଡିଶାରେ ଏହାର ମର୍ଯ୍ୟାଦାପୂର୍ଣ୍ଣ, ସଠିକ ଉପସ୍ଥାପନା ସୁନିଶ୍ଚିତ କରାଇବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ଅବସରରେ ମହାକାଳପଡା ବ୍ଲକ୍ ଅଧୀନସ୍ଥ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଶିକ୍ଷକ/ଶିକ୍ଷୟିତ୍ରୀ, ଅଧ୍ୟାପକ/ଅଧ୍ୟାପିକାଙ୍କୁ ଦିନିକିଆ ପ୍ରଶିକ୍ଷଣ ଶିବିର ମହାକାଳପଡା ବ୍ଲକ ପରିସରରେ ଆୟୋଜନ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିରରେ ୨୦୨୪ ଜାନୁଆରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଅବସରରେ ମହାକାଳପଡା ବ୍ଲକ୍‌ର ସମସ୍ତ ଶିକ୍ଷା ଅନୁଷ୍ଠାନରେ ଛାତ୍ରଛାତ୍ରୀ ଏକତ୍ରିତ ହୋଇ କିପରି 'ବନ୍ଦେ ମାତରମ'ର ସାମୂହିକ ଗାନ କରିବେ, ଆତ୍ମନିର୍ଭର ଭାରତ ଉପରେ 'ସ୍ୱଦେଶୀ ସଂକଳ୍ପ' ପାଠ କରିବେ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ପ୍ରଶିକ୍ଷକ ଶ୍ରୀକାନ୍ତ ନନ୍ଦ, ଜନ୍ମେଞ୍ଜୟ ପ୍ରଧାନ, ଅଂଶୁମାନ ରାଉତରାୟ ଓ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ/ଅଧ୍ୟାପକ/ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

---

■ ପ୍ରଶାସନର ଅବହେଳା

## ୩ ମାସ ଧରି ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ପଞ୍ଚୁପାଣ୍ଡବ,୧୦।୧(ସମିସ): ରାଜ୍ୟ ସରକାର ବେଫିକର ଓ ପ୍ରଶାସନ ଅଧିକାରୀଙ୍କ ଅବହେଳା ଯୋଗୁଁ ଭତ୍ତା ହିତାଧିକାରୀଙ୍କୁ ମିଳୁ ନାହିଁ ଭତ୍ତା ଟଙ୍କା। ମାସେ ନୁହେଁ କି ଦୁଇମାସ, ଆଜକୁ ତିନି ମାସ ଧରି ଡେରାବିଶ ବ୍ଲକର ହଜାର ହଜାର ହିତାଧିକାରୀ ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ମୁଖ୍ୟତଃ ଯେଉଁ ହିତାଧିକାରୀ ଗ୍ରାମ୍ୟ ବ୍ୟାଙ୍କରୁ ସେମାନଙ୍କ ଆକାଉଣ୍ଟ ଯୋଗେ ଭତ୍ତା ଟଙ୍କା ପାଉଥିଲେ, ସେମାନଙ୍କର ଏଭଳି ସମସ୍ୟା ଦେଖାଦେଇଛି। ଗ୍ରାମ୍ୟ ବ୍ୟାଙ୍କରେ ଆଇଏଫ୍‌ଏସସି କୋଡ ପରିବର୍ତ୍ତନ ହୋଇଥିଲା। ଗତ ଦୁଇ ମାସ ହେବ ହିତାଧିକାରୀ ଆଧାର କାର୍ଡର ନକଲ ଓ ଆକାଉଣ୍ଟର ନକଲ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଜମା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଭତ୍ତା ଟଙ୍କା ଆସି ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ଭତ୍ତା ଟଙ୍କା ହାତରେ ବଣ୍ଟା ଯାଇଥିବାବେଳେ ଜମାଖାତା ଥିବା ହିତାଧିକାରୀଙ୍କ ଖାତାକୁ ଟଙ୍କା ନ ଆସିବାରୁ ଭତ୍ତା ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଡେରାବିଶ ବ୍ଲକ୍ ବିଭିନ୍ନ ପଞ୍ଚାୟତର ପ୍ରାୟ ୧୫୦୦ ଭତ୍ତା ହିତାଧିକାରୀଙ୍କ ଗ୍ରାମ୍ୟ ବ୍ୟାଙ୍କ ଆକାଉଣ୍ଟ ଥିବାରୁ ଏହି ବ୍ୟାଙ୍କରେ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ପ୍ରତି ମାସର ପ୍ରଥମ ସପ୍ତାହରେ ଭତ୍ତା ଟଙ୍କା ଆସୁଥିବାବେଳେ ୩ ମାସ ଧରିଲାଣି, କିନ୍ତୁ ଭତ୍ତା ମିଳିଲା ନାହିଁ। ଭତ୍ତା ଟଙ୍କା ନ ପାଇବାରୁ ବୟସ୍କ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଖାମଖିଆଲି ମନୋଭାବ ନା ପ୍ରଶାସନର ଅବହେଳା ଯୋଗୁଁ ଭତ୍ତା ହିତାଧିକାରୀ ଭତ୍ତା ଟଙ୍କା ନ ପାଇ ଧାର ଉଦ୍ଧାର କରି ଚଳୁଥିବା ଆଲୋଚନା ହେଉଛି।

ଏ ସମ୍ପର୍କରେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଆମର କାମ ସାରିଛୁ। ଟଙ୍କା ଆସିବାରେ ବିଳମ୍ବ ହେଉଥିବାରୁ ହିତାଧିକାରୀ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ଶୀଘ୍ର ଭତ୍ତା ଟଙ୍କା ନ ଆସିଲେ ଜିଲ୍ଲାପାଳଙ୍କୁ ଭେଟିବେ ବୋଲି ହିତାଧିକାରୀ କହିଛନ୍ତି।

---

● ଯେତେ ଚଢ଼ଉ କଲେ ବି ମାନୁନାହାନ୍ତି ମାଫିଆ

## ରାତି ଅଧରେ ଜେସିବି ଓ ହାଇଓ୍ୱା ଲଗାଇ ଲୁଟୁଛନ୍ତି ବାଲି

ଡେରାବିଶ, ୧୦।୧(ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳ ଦେଇ ବହିଯାଇଥିବା ଲୁଣା ଓ ବିରୂପା ନଦୀରେ ପ୍ରଚୁର ପରିମାଣରେ ମଧୁର ବାଲି ମହଜୁଦ୍ ରହିଛି। ସରକାରଙ୍କ ପକ୍ଷରୁ ଘାଟ ନିଲାମ ହେଉ ନ ଥିବା ଯୋଗୁଁ ଏହି ବାଲି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ସବୁବେଳେ ରହିଛି।

ପ୍ରଶାସନ ଯେତେ ଚଢ଼ଉ କଲେ ମଧ୍ୟ ବାଲି ମାଫିଆ କିଛି ସରକାରୀ ବାବୁଙ୍କୁ ହାତ କରି ମୋଟା ଅଙ୍କର ହାତଗୁଞ୍ଜା ଦେଇ ରାତି ଅଧରେ ଲୁଟ୍ କରିବାରେ ଲାଗିଛନ୍ତି। କିଛିଦିନ ତଳେ ଡେରାବିଶ ବ୍ଲକ୍‌ର ଆବାସ ହିତାଧିକାରୀଙ୍କ ନିମନ୍ତେ ବାଲି ବିନା ରୟାଲିଟିରେ ଯୋଗାଇ ଦେବାକୁ ଡେରାବିଶ ବିଡିଓ କେନ୍ଦ୍ରାପଡ଼ା ଜିଲ୍ଲା ଖଣି ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଖଣି ବିଭାଗ ପକ୍ଷରୁ ଏହି ଦୁଇଟି ନଦୀରେ ରହିଥିବା ବିଭିନ୍ନ ଘାଟକୁ ସରକାରୀ ଭାବେ ନିଲାମ କରାଯାଉନାହିଁ। ଏପଟେ ଡେରାବିଶ ବ୍ଲକ୍ ଅଞ୍ଚଳ ସମେତ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ସରକାରୀ ଓ ବେସରକାରୀ କୋଠାବାଡ଼ି ଓ ରାସ୍ତାଘାଟର ନିର୍ମାଣ ଜୋରସୋର ଚାଲିଛି। ଯେଉଁଥିପାଇଁ ମଧୁର ବାଲିର ପ୍ରଚୁର ଆବଶ୍ୟକତା ଦେଖାଦେଉଛି । ବାଲିର ପ୍ରଚୁର ଆବଶ୍ୟକତା ବାଲି ମାଫିଆଙ୍କୁ ସୁହାଉଥିବାବେଳେ ସେମାନେ ସରକାରୀ ବାବୁଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ବିଳମ୍ବିତ ରାତିରେ ଜେସିବି ଓ ହାଇଓ୍ୱା ଦ୍ୱାରା ବାଲି ଲୁଟ୍ କରୁଛନ୍ତି।

ଅପରପକ୍ଷେ ଖଣି ବିଭାଗ, ତହସିଲ ଓ ପୁଲିସ ପ୍ରଶାସନ ଲୋକଦେଖାଣିଆ ଚଢ଼ଉ ଜାରି ରଖିଛି। ହେଲେ ସେମାନଙ୍କ ନାକ ତଳେ ବାଲି ମାଫିଆ ଲୁଣା ଓ ବିରୂପା ନଦୀର ବିଭିନ୍ନ ଘାଟରୁ ଲୁଟ କରିଚାଲିଛନ୍ତି। ଫଳରେ ମାଫିଆମାନେ ଅହେତୁକ ଦରରେ ଲୋକଙ୍କୁ ଚୋରା ବାଲି ବିକ୍ରି କରୁଛନ୍ତି। ବାଲି ଦର ବୃଦ୍ଧି ହେବା ଯୋଗୁ ସାଧାରଣ ଲୋକ ସେମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସରକାରୀ ଆବାସ ନିର୍ମାଣ କରିବା କଷ୍ଟସାଧ ହୋଇପଡୁଛି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ସହିତ ଉଭୟ ନଦୀ ଘାଟ ନିଲାମ କରି ଲୋକଙ୍କୁ ସୁଲଭ ମୂଲ୍ୟରେ ବାଲି ଯୋଗାଇ ଦେବାକୁ ଡେରାବିଶ ଅଞ୍ଚଳବାସୀ ଦାବି କରିଛନ୍ତି।

---

## ଶୁଖିଲା ପଡ଼ିଛି କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କେନାଲ

ପଟ୍ଟାମୁଣ୍ଡାଇ,୧୦।୧(ସମିସ): ଖରିଫ ଋତୁ ଧାନ ଅମଳ ପରେ ଅର୍ଥକରି ଫସଲ ଭାବେ ଚାଷୀ ମୁଖ୍ୟତଃ ମୁଗ ଚାଷ ଉପରେ ଭରସା କରିଥା'ନ୍ତି। ଚଳିତବର୍ଷ ଜାନୁୟାରୀ ମାସ ମଧ୍ୟଭାଗରେ ପହଞ୍ଚି ସାରିଥିଲେ ମଧ୍ୟ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡ଼ାଯାଇନାହିଁ। ଫଳରେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଉପରେ ନିର୍ଭର କରୁଥିବା ଶତାଧିକ କେନାଲ ଓ ମାଇନର କେନାଲ ଶୁଖିଲା ପଡ଼ିଛି। ଏସବୁ କେନାଲ ଉପରେ ନିର୍ଭର କରୁଥିବା ହଜାର ହଜାର ହେକ୍ଟର ଚାଷ ଜମିରେ ପାଣି ମାଡ଼ି ନ ପାରିବା ଫଳରେ ମୁଗ ଚାଷକୁ ନେଇ ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ବହୁ ଚାଷୀ ସହଳ କିସମ ବିରି ଫସଲ ପାଇଁ ବିଲରେ ବିହନ ବୁଣିବାକୁ ଚାହୁଁଥିଲେ ମଧ୍ୟ ଧାନ ଅମଳ ପରେ ବିଲରୁ ପାଗ ଛାଡ଼ି ଯାଇଥିବାରୁ ବିହନ ବୁଣା ଯାଇପାରୁନାହିଁ। କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଉପରେ ଡେରାବିଶ, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ହଜାର ହଜାର ଚାଷୀ କୃଷି କାର୍ଯ୍ୟ ପାଇଁ ନିର୍ଭର କରନ୍ତି। ଚାଷୀ ଡିସେମ୍ବର ମଧ୍ୟଭାଗ ସୁଦ୍ଧା ବିଲରୁ ଧାନ ଫସଲ ଅମଳ କରି ସାରିଥିବାବେଳେ କେନାଲରେ ପାଣି ଆସୁ ନ ଥିବାରୁ ଜମିରେ ମୁଗ, ବିରି ବିହନ ବୁଣି ନ ପାରି ହାତ ଟେକି ବସିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାର ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମୁଖ୍ୟ କେନାଲରେ ପାଣି ଛଡ଼ାଯିବ ନେଇ ଜଳସମ୍ପଦ ବିଭାଗ ଜଗତପୁର ନର୍ଥ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ନ ଥିବାରୁ ଉଭୟ ମୁଖ୍ୟ କେନାଲରେ ପାଣି ଛଡ଼ାଯାଇପାରୁନାହିଁ ବୋଲି ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ୭୦ ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରୁଥିବାବେଳେ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କ ଲୁଚକାଳି ଖେଳ ଚାଷୀଙ୍କ ପାଇଁ କାଳ ହୋଇଛି। ଉଭୟ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡ଼ା ନ ଗଲେ ମୁଗ ଓ ବିରି ଚାଷ ପାଇଁ ସମୟ ଗଡ଼ି ଯିବା ସହିତ ଚାଷ କରିବା ସମ୍ଭବ ହେବନାହିଁ ବୋଲି ଚାଷୀ କହିଛନ୍ତି। ଚାଷୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବା ସହିତ ତୁରନ୍ତ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛାଡ଼ିବା ପାଇଁ ପଦକ୍ଷେପ ନେବାକୁ ବିଶିଷ୍ଟ ସମବାୟବିତ ପ୍ରମୋଦ ସାହୁ ବିଭାଗୀୟ ଅଧିକାରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

**ମୁଗ ଚାଷକୁ ନେଇ ଆଶଙ୍କାରେ ଚାଷୀ**

---

■ ରତାଦିଆ ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା

## ଝୋଟ ଅଖା ଯୋଗାଇ ଦେବାକୁ ଚାଷୀଙ୍କ ଦାବି

ଡେରାବିଶ,୧୦।୧(ସମିସ): ଡେରାବିଶ ବ୍ଲକ୍ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ବୁଧବାର ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବିମଳକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥିଭାବେ ରତାଦିଆ ସରପଞ୍ଚ ଶିଶିର ସାମଲ, ବସପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମୃତରାଜ ବେହେରା, ଦାନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ, ସମବାୟ ସମିତି ସମ୍ପାଦକ ସଂଘର ସଭାପତି ଗୌରାଙ୍ଗ ଚରଣ ଦାସ, ସମିତି ପରିଚାଳନା କମିଟିର ସଦସ୍ୟ ପ୍ରମୋଦ କୁମାର ଭଦ୍ର ଓ ସଦସ୍ୟ ମଦନ ମୋହନ ସାହୁ ଯୋଗଦେଇ ଏହି ସମିତିର ପୂର୍ବ ସମ୍ପାଦକଙ୍କ ସମୟରେ ସମିତି ବହୁ କ୍ଷତିରେ ଚାଲୁଥିବାବେଳେ ଏବେ ଏହାର ସୁଧାର ଆଣିବା ପାଇଁ ପରିଚାଳନା କମିଟିର ସଭ୍ୟମାନେ ଉଦ୍ୟମ କରିବାକୁ ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସମିତିର ସମ୍ପାଦକ ସୁଭେନ୍ଦୁ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସ୍ଥିତ ସମିତିର ସଭ୍ୟ ସରୋଜ କୁମାର ଭଦ୍ର, ପ୍ରଭାକର ଭଦ୍ର, ଅନନ୍ତ ଦ୍ୱିବେଦୀ, ସୁଧାଂଶୁ ଷଣ୍ଢ ପ୍ରମୁଖ ବ୍ୟବସ୍ଥିତ ଢଙ୍ଗରେ ଚଳିତ ବର୍ଷ ଚାଷୀମାନଙ୍କଠାରୁ ଧାନ କ୍ରୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସଭାରେ ପଞ୍ଜିକୃତ ଚାଷୀମାନେ ସେମାନଙ୍କ ଚାଷଜମିର ପରିମାଣ ଅନୁଯାୟୀ ନିର୍ଦ୍ଧାରିତ ଧାନ ବିକ୍ରୟ ନିମନ୍ତେ ସମିତି ପକ୍ଷରୁ ଝୋଟ ଅଖା ଯୋଗାଇଦେବାକୁ ଦାବି କରିଥିଲେ। ସମିତି ପରିଚାଳନା କମିଟିର ନିର୍ଦ୍ଦେଶକ ନିରଞ୍ଜନ ତ୍ରିପାଠୀ, ସୁଭେନ୍ଦୁ କୁମାର ଭଦ୍ର,



ପ୍ରଶାନ୍ତ କୁମାର ଭଦ୍ର, ଧ୍ରୁବ ଚରଣ ବାରିକ, ଅନନ୍ତ ଜେନା, ଜିତେନ୍ଦ୍ର ସେଠୀ, ଟୁନିପ୍ରଭା ଭଦ୍ର, ସରୋଜ ଦାସ, ଅନିଲ ନାୟକ, ରଞ୍ଜନ କୁମାର ଲେଙ୍କା, ସଞ୍ଜୟ କେତନ ନାୟକ ପ୍ରମୁଖ ଏନ୍‌ପିଏ ଋଣୀଙ୍କଠାରୁ ଋଣ ଆଦାୟ କରି ପୁନର୍ବାର ସେମାନଙ୍କୁ ଋଣ ପ୍ରଦାନ କରିବା ସହ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପରିଚାଳନା କମିଟିର ଉପସଭାପତି ନମିତା ବଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ସମସ୍ତ କର୍ମଚାରୀ ପରିଚାଳନା କରିଥିବାବେଳେ ସମିତି ଅଧୀନସ୍ଥ ତିନିଟି ପଞ୍ଚାୟତରୁ ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

---

## ଏମ୍‌ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ କାର୍ଯ୍ୟନିର୍ବାହୀ କମିଟି ବୈଠକ



ପଟ୍ଟାମୁଣ୍ଡାଇ,୧୦।୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ମନ୍ମଥ ନାଥ ହାଇସ୍କୁଲ ପୁରାତନ ଛାତ୍ର ସଂସଦର କାର୍ଯ୍ୟନିର୍ବାହୀ କମିଟି ବୈଠକ ଛାତ୍ର ସଂସଦ ସଭାପତି ସଚିନନ୍ଦନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ୧୪ ତାରିଖ ବୁଧବାର ପୂର୍ବାହ୍ନ ୧୦ ଘଟିକା ସମୟରେ ବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏମ୍‌ଏନ ହାଇସ୍କୁଲ ୧୯୮୩ ସିନିୟର ବ୍ୟାଚ୍ ଛାତ୍ରଛାତ୍ରୀ ଏକ ବନ୍ଧୁମିଳନରେ ଏକାଠି ହୋଇ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ସରକାରୀ ସ୍ତରରେ ଉଚ୍ଚପଦାଧିକାରୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ସ୍ଥିର କରିଥିବାରୁ ପୁରାତନ ଛାତ୍ର ସଂସଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଠକରେ ବରିଷ୍ଠ ଉପଦେଷ୍ଟା ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର କୈଳାସ ପାତ୍ର, ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ସମ୍ପାଦକ କସ୍ତୁରି ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ, ଉପଦେଷ୍ଟା ବିଜୟ ସାହୁ, ଇଓ ତପନ ପାତ୍ର, ବ୍ରଜକିଶୋର ପଣ୍ଡା, ସଂଗଠନ ସମ୍ପାଦକ ରାଜେନ୍ଦ୍ର ଦାଶ, ରମେଶ ଦେ, କବି ବ୍ରଜସୁନ୍ଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସଭ୍ୟ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

---

## ଡାମରପୁର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର



ପଟ୍ଟାମୁଣ୍ଡାଇ,୧୦।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ହରେକୃଷ୍ଣ ନୋଡାଲ ଉଚ୍ଚବିଦ୍ୟାଳୟରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ସାରା ରାଜ୍ୟରେ ପଣ୍ଡିତ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଯୋଜନା ଅନୁସାରେ ପ୍ରାଥମିକ ସ୍ତରରେ ସାରା ରାଜ୍ୟରେ ୧୧୮ଟି ବିଦ୍ୟାଳୟରେ ଏହି ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ବିଦ୍ୟାଳୟ ଚୟନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାରେ ୪ଟି ବିଦ୍ୟାଳୟକୁ ଚୟନ କରାଯାଇଥିବାବେଳେ ଡାମରପୁର ପଞ୍ଚାୟତ ଅନ୍ତର୍ଗତ ହରେକୃଷ୍ଣ ନୋଡାଲ ଉଚ୍ଚବିଦ୍ୟାଳୟକୁ ଚୟନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ଜରିଆରେ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରଞ୍ଜନ ମଲିକଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଅଜିତ ବାରିକ, ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, କେନ୍ଦ୍ରାପଡା ସାଂସଦ ପ୍ରତିନିଧି ଭାବେ ମିଟୁ ମନୋଜ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଆରସିସି ପ୍ରେମବାଳା ମହାପାତ୍ର, ଶିକ୍ଷକ ନେତା ଶ୍ରୀ ଜେନା, ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଶୁଭସ୍ମିତା ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଅନୁସୟା ନାଥ, ସମିତି ସଭ୍ୟା ନିରୁପମା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅଲେଖ ମଲିକ, ସିଆରସିସି ଲକ୍ଷ୍ମଣ ସେଠୀ, ମୋ ସ୍କୁଲ ସଭାପତି କିଶୋର ସେନ, ଆଲୁମ୍ନି କମିଟି ସଦସ୍ୟ ଦର୍ପନାରାୟଣ ମାହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ପଲଟଣ ପଡିଆ, ବାଣପୁରରୁ ସିଧା ପ୍ରସାରଣ କରାଯାଇଥିଲା। ହେମମଞ୍ଜରୀ ବେହେରା, ଅର୍ଚ୍ଚନା ପ୍ରିୟଦର୍ଶିନୀ ତରାଇ, ଦୀପ୍ତିରେଖା ବେହେରା, ସୁରେଖା ବେହେରା, ସାରଦା ପଣ୍ଡା, ଅଜୟ ମହାପାତ୍ର, ଆଶୁତୋଷ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

---

### କାମ ଛାଡ଼ି ଠିକାଦାର ଛୁ'

## ଉଜାଙ୍ଗ ମାହାରା ଚେକ୍ ଡ୍ୟାମ ଅଧାପନ୍ତରିଆ

ରାଜକନିକା, ୧୦।୧(ସମିସ)



ରାଜକନିକା ବ୍ଲକ୍ ଅନ୍ତର୍ଗତ ପାରିନୂଆପଡା ହାବଳଗଣ୍ଡ ପଞ୍ଚାୟତ ଉଜାଙ୍ଗ ମାହାରାରେ ନିର୍ମାଣାଧୀନ ଚେକ୍ ଡ୍ୟାମ୍ କାମ ଏବେ ଅଧୁରା ହୋଇପଡ଼ିଛି। କାମ ପୂରା ନ କରି ଠିକାଦାର ଛୁ ମାରିବା ବିଭାଗୀୟ ପାରିବାପଣିଆକୁ ପଦାରେ ପଡିଛି।

ସୂଚନା ମୁତାବକ, ଚାଷୀଙ୍କ ନିମନ୍ତେ ଉଜାଙ୍ଗ ଗାଁମୁଣ୍ଡ ମାହାରା ଉପରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ହୋଇଛି। ଯାଜପୁର ବଡଚଣାର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଏହି କାମ ହେଉଛି। କାମ ଆରମ୍ଭରୁ ଏଠାରେ ଅନିୟମିତତା ସହିତ ନିମ୍ନମାନର କାମ ହେଉଛି ବୋଲି ସେତେବେଳେ ଅଭିଯୋଗ ହୋଇଥିଲା। ତେବେ ବି ଏ ନେଇ ସାମାନ୍ୟ ଦୃଷ୍ଟି ନ ଦେଇ ଯେନତେନ ପ୍ରକାର ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରାରେ କାମ ହୋଇ ଏବେବି ଅଧାପନ୍ତରିଆ ପଡିଛି। କାମ ସରିବାର ନା ଧରୁନି। ଚାଷୀଙ୍କ କହିବା କଥା ସମ୍ପୂର୍ଣ୍ଣରୂପେ ତ୍ରୁଟିପୂର୍ଣ୍ଣ ଭାବେ କାମ ହୋଇଥିବାରୁ ଚେକ୍ ଡ୍ୟାମ୍ କୌଣସି କାମରେ ଲାଗୁନି। ଡ୍ୟାମ୍‌ର ମଝି କଂକ୍ରିଟ ପାଚେରୀ ନିଚ୍ଚା ରହିଥିବାରୁ ନାଳ ପାଣି ସଂରକ୍ଷିତ ରହୁନାହିଁ। ଏହାର ଉଚ୍ଚତା ଆହୁରି ଅଧିକ ହେବାର ଆବଶ୍ୟକତା ଥିଲେ ବି ବିଭାଗ ଏ ନେଇ ତର୍ଜମା ନ କରି ତରବରିଆ ଭାବେ ଏଭଳି କରିଛି ବୋଲି ଅଭିଯୋଗ ହେଉଛି। ଫଳସ୍ୱରୂପ ଚଳିତ ବର୍ଷ ବନ୍ୟା ସମୟରେ ପାଚେରି ଡେଇଁ ପାଣି କେବଳ ନାଳ ଦେଇ ପ୍ରବାହିତ ହୋଇଥିବା ତାହାର ଜ୍ୱଳନ୍ତ ଉଦାହରଣ। ଚେକ୍ ଡ୍ୟାମ୍‌ର ମୂଳ ଲକ୍ଷ୍ୟ ଥିଲା ଯେ ବନ୍ୟା ସମୟରେ ପାଣି ଚେକ୍ ହୋଇ ଚାଷ ଜମିରେ ମାଡିବ। ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ହୋଇଥିବା ଡ୍ୟାମ୍ କିନ୍ତୁ ଓଲଟା ପ୍ରତିଫଳିତ ହେଉଛି। ଏଥିସହ ତଳ ମୁଣ୍ଡକୁ ଡ୍ୟାମ୍‌ରେ ଗଚ୍ଛିତ ପାଣିକୁ ଆବଶ୍ୟକ ଅନୁଯାୟୀ ଛାଡିବା ନିମନ୍ତେ ଦୁଇଟି ନିଷ୍କାସନର ବାଟ ରହିଛି। କବାଟ ନ ଲାଗି ସେମିତି ଫୁଙ୍ଗୁଳା ପଡିଛି। ଏହି ଚେକ୍ ଡ୍ୟାମ୍ ନିର୍ମାଣ କାହା ପାଇଁ ବୋଲି ପ୍ରଶ୍ନ ଉଠିଛି। ଯଦି ଚାଷୀଙ୍କ କାମରେ ଲାଗୁନି, ତେବେ ନିର୍ମାଣର କାରଣ ନିଶ୍ଚିତ ଭାବେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ବିଭାଗୀୟ ଉଚ୍ଚ ପଦାଧିକାରୀ ବୈଷୟିକ ଟିମ୍ ସହିତ ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେବାକୁ ରଜନୀକାନ୍ତ ରାୟ, ଗଙ୍ଗାଧର ନାୟକ, ଦର୍ପହରୀ ନାୟକ, ଅକ୍ଷୟ ନାୟକ, ମଦନମୋହନ ପଣ୍ଡା, ଜ୍ଞାନେନ୍ଦ୍ର ନାୟକ, ଚୈତନ୍ୟ ନାୟକ, ଗଦାଧର ନାୟକ, ଅନଜ ନାୟକ ପ୍ରମୁଖ ଚାଷୀ ଦାବି କରିଛନ୍ତି।

ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ

# ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ପରିବେଷଣ

ପାରାଦୀପ,୧୦।୧(ସମିସ)

ପାରାଦୀପ ବନ୍ଦର ଏବଂ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ସଦନଠାରେ ଆୟୋଜିତ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ୩ୟ ସନ୍ଧ୍ୟାରେ କଲିକତା, ଭିଓ ଚିଦାମ୍ବରନାର, କୋଚିନ୍ ବନ୍ଦରର କଳାକାରମାନେ ନିର୍ଦ୍ଧାରିତ ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଯେଉଁଥିରେ କଳାକାରମାନେ ନିଜ ନିଜର କଳା କ୍ଷେତ୍ରରେ ପାରଦର୍ଶିତାକୁ ଦେଖାଇଥିଲେ। ନିଜ ରାଜ୍ୟର ସାଂସ୍କୃତିକ ପରମ୍ପରାକୁ ପାରାଦୀପ ଅନ୍ତେବାସୀଙ୍କୁ ପରିଚିତ କରାଇଥିଲେ। ତିନୋଟି ଯାକ ବନ୍ଦରର କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ କଳା ଓ ସାଂସ୍କୃତିକ ପରମ୍ପରାରେ ଭରପୁର କାର୍ଯ୍ୟକ୍ରମ ଗୁଡ଼ିକ କେବଳ ମନୋରଞ୍ଜନଧର୍ମୀ ନଥିଲା ତା' ସଙ୍ଗେ ସଙ୍ଗେ ସମାଜର କୌଣସି ନା କୌଣସି କଣରେ ଥିବା ଅନ୍ଧବିଶ୍ୱାସ, ଅସହିଷ୍ଣୁତା, ନିରକ୍ଷରତା ଆଦିର ସମାଜ ଉପରେ ପ୍ରଭାବ ସହିତ ପରିଚିତ କରାଇଥିଲା। ଭାଷା ଓ ସଂସ୍କୃତିର ବିଭିନ୍ନତା ଥିଲେ ମଧ୍ୟ କଳାକାରମାନଙ୍କର ପ୍ରଦର୍ଶନ ଦର୍ଶକଙ୍କର ମନକୁ ଛୁଇଁଥିଲା। କଲିକତା ବନ୍ଦରର କଳାକାରମାନେ ରବୀନ୍ଦ୍ର ସଙ୍ଗୀତ ଓ ଲୋକ ନୃତ୍ୟ ପରିବେଷଣ କରିଥିବା ବେଳେ ଅନ୍ୟ ଦୁଇଟି ବନ୍ଦର ସେମାନଙ୍କର ରାଜ୍ୟର ଶାସ୍ତ୍ରୀୟ ଓ ଲୋକ ସଂସ୍କୃତି ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ନାଟକରେ କଳାକାର ମାନଙ୍କର ନିଖୁଣ ଅଭିନୟ କେବଳ ଦର୍ଶକ ମାନଙ୍କର କରତାଳିକୁ ଆକର୍ଷିତ କରିନଥିଲା ତା ସଙ୍ଗେ ସଙ୍ଗେ ଦର୍ଶକ ମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ୧୧ ତାରିଖ ରବିବାର ଉଦଯାପନୀ ସନ୍ଧ୍ୟାରେ ଆୟୋଜକ ପାରାଦୀପ ବନ୍ଦର ତାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବ। ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ କୃତୀ ପ୍ରତିଯୋଗୀ ତଥା ବିଜୟୀ ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିବେ।



# ବଡ଼ପଡ଼ିଆରେ ଜଲଶା ଆୟୋଜନ



ପାରାଦୀପ,୧୦।୧(ସମିସ): ଆଜି ପାରାଦୀପ ବଡ଼ପଡ଼ିଆ ଜାମା ମସ୍‌ଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଉପରେ ଏକ ଜଲଶାର ଆୟୋଜନ କରାଯାଇଥିଲା। ପାରାଦୀପ ଜାମା ମହଜିଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ବାହାର ରାଜ୍ୟର ମୌଲାନାମାନେ ଅଂଶଗ୍ରହଣ କରି ମହମ୍ମଦଙ୍କ ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପାରାଦୀପରୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ରାକେଶ ପଟ୍ଟନାୟକ, ଗୋଲେଖ ଚନ୍ଦ୍ର ସାହୁ, ପାରିଷଦ ସୁବ୍ରତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମଲ୍ଲାନା ତବରେଜ ଆଲମ, (କାନପୁର ୟୁପି ସାୟର ହବିବୁଲ୍ଲା ନୁରି (ଝାରଖଣ୍ଡ) ସାୟର ସାହିର ରଜା କଲିକତା, ମଲ୍ଲାନା ଆବରାରସମସି ପାରିଲ, ଜାମା ମସଜିଦ ପାରାଦିପ ସଭାପତି ସେଖ ରମଯାନ, ସମ୍ପାଦକ ସୁଫି ଅହେମଦ, ଉପ ସଭାପତି ଅବଦୁଲ ତାହିର ଖାନ, ସେଖ ଆବଦୁଲ ବାରି, ଅବଦୁଲ ରହିମ ଖାନ, ମିର ମମତାଯ ଅଲ୍ଲି, ଅକ୍ରାମ ଖାନ, ସେଖ ସିଦିଖ, ଅଫଜଲ ଖାନ, ସେଖ ଜାଫର, ସହୁଦ ଖାନ, ନସାଦ ଆନଶାରି, ଇନ୍ତାରୁଲ ହକ, ପୈଗମ୍ବର ହଜରତ ମହ୍ମଦଙ୍କ ଜଲସା ବହୁତ ଆଡମ୍ବର ସହିତ ଆଜି ପାଳନ କରାଯାଇଥିଲା। ଏଥିରେ ପାରାଦୀପ ବନ୍ଦରାଞ୍ଚଳର ବହୁ ମୁସଲମାନ ଭାଇମାନେ ଉପସ୍ଥିତ ଥିଲେ।

## ଆଗପଛ ହୋଇ ଚାଲିଗଲେ ଭାଉଜ ଓ ଦିଅର





ରଘୁନାଥପୁର,୧୦।୧(ସମିସ): ଉତ୍ତରକୂଳ ଗ୍ରାମପଞ୍ଚାୟତର ଫିପୁର ଗ୍ରାମରେ ପାଖାପାଖି କିଛି ଘଣ୍ଟା ବ୍ୟବଧାନରେ ଭାଉଜ ଓ ଦିଅରଙ୍କ ମୃତ୍ୟୁ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଉଛନ୍ତି ପ୍ରେମଲତା ପରିଡ଼ା (୮୩) ଓ ତାଙ୍କ ଦିଅର ନିତ୍ୟାନନ୍ଦ ପରିଡ଼ା (୬୭)। ସକାଳ ପ୍ରାୟ ୯.୩୦ରେ ପ୍ରେମଲତାଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଘଟିଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଅନ୍ତିମସଂସ୍କାର ସାରି ଘରକୁ ଫେରିବା ପରେ ଦିଅର ନିତ୍ୟାନନ୍ଦଙ୍କ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ହସପିଟାଲ୍ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଦୁଃଖଦ ଘଟଣା ପରିବାର ଲୋକଙ୍କୁ ହତବାକ କରିଥିଲାବେଳେ ଗ୍ରାମପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରି ଭାଉଜଙ୍କ ଜୁଇ ପାଖରେ ଦାହ କରାଯାଇଥିଲା।

## ବଡ଼ବାପା ଦଶାହରେ ପୁତୁରାର ହୃଦ୍‌ଘାତ



ରଘୁନାଥପୁର,୧୦।୧(ସମିସ): ଦଶାହ କାର୍ଯ୍ୟ ସରିଥିଲା। ରାତି ପାଇଥିଲେ ହୋଇଥାନ୍ତା ବଡ଼ବାପାଙ୍କ ଏକାଦଶାହା କାର୍ଯ୍ୟ। ହେଲେ ବିଧିର ବିଧାନ ବିଚିତ୍ର। ବଡ଼ବାପାଙ୍କ ଦଶ କାର୍ଯ୍ୟ ସାରି ରାତିରେ ଶୋଇଥିଲା ବେଳେ ହୃଦ୍‌ଘାତରେ ଚାଲିଗଲା ଯୁବକଙ୍କ ଜୀବନ। ଏପରି ହୃଦୟ ବିଦାରକ ଘଟଣା ଘଟିଯାଇଛି ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ ଜଇପୁର ଗ୍ରାମରେ। ଯୁବକ ଜଣଙ୍କ ହେଲେ ଉକ୍ତ ଗ୍ରାମର ରମେଶ ମହାନ୍ତିଙ୍କ ବଡ଼ ପୁଅ ହିମାଂଶୁ ମହାନ୍ତି (୩୯)। ଶୁକ୍ରବାର ରାତିରେ ହିମାଂଶୁ ଶୋଇଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଯାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗ୍ରାମବାସୀ ତାଙ୍କୁ ଏକ ଶୋଭାଯାତ୍ରାରେ ନେଇ ସ୍ଥାନୀୟ ଶ୍ମଶାନରେ ସତ୍କାର କରିଥିଲେ। ହିମାଂଶୁଙ୍କ ବିୟୋଗରେ ବଡବାପାଙ୍କ ଏକାଦଶାହ କାର୍ଯ୍ୟ ଅଧୁରା ରହିଯାଇଛି।

## ମାତାମଠ ଶିଶୁ ମନ୍ଦିରର ରୌପ୍ୟ ଜୟନ୍ତୀ



କୁଜଙ୍ଗ,୧୦।୧(ସମିସ): କୁଜଙ୍ଗ ବ୍ଲକ ଗୋବର୍ଦ୍ଧନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହର ଆଶ୍ରମର ସନ୍ଥ ଦୟାନିଧି ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାଥମିକ ଶିକ୍ଷକ ମହାସଂଘ କୁଜଙ୍ଗ ବ୍ଲକ ସଭାପତି ଡ. କେଶବ ଚନ୍ଦ୍ର ଦଳାଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କୁଜଙ୍ଗ ବ୍ଲକ ଓଷ୍ଟାର ସମ୍ପାଦକ ବିନୋଦ କୁମାର ମୁଦୁଲି, ସମାଜସେବୀ ସୁରଥ କୁମାର ସୁତାର, ରଜତଜୟନ୍ତୀ କମିଟିର ସଭାପତି ଶ୍ରୀକାନ୍ତ ରାଉତରାୟ, ପରିଚାଳନା କମିଟି ସଭାପତି ଆଇନଜୀବୀ ଆଲୋକ ସାମନ୍ତରାୟ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ।

## ଗାଦିବ୍ରହ୍ମ ବିଦ୍ୟାପୀଠରେ କ୍ରୀଡ଼ା ଉଦ୍‌ଯାପିତ



ଜଗତସିଂହପୁର,୧୦।୧(ସମିସ): ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ଗାଦିବ୍ରହ୍ମ ସରକାରୀ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ ମୋ ସ୍କୁଲ୍ ଅଭିଯାନର ସଭାପତି ଆଇନଜୀବୀ ନରେଶ ଦାସ, ସିଆର୍‌ସିସି ସୁଶାନ୍ତ କୁମାର ବେହେରା, ଏସ୍‌ଏମ୍‌ସି ସଭାପତି ବଳରାମ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷକ ସୁଦର୍ଶନ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ କ୍ରୀଡ଼ା ଶିକ୍ଷକ ଅଭୟ କୁମାର ମହାନ୍ତି ବାର୍ଷିକ କ୍ରୀଡ଼ା ଉତ୍ସବର ଆଭିମୁଖ୍ୟ ପ୍ରଦାନ ସହିତ କ୍ରୀଡା ପରିଚାଳନା କରିଥିଲେ। ଶିକ୍ଷକ ବିବେକାନନ୍ଦ ଦାସ, ଶିକ୍ଷୟିତ୍ରୀ ନଳିନୀପ୍ରଭା ଷଡ଼ଙ୍ଗୀ, ସୁରଭି ପ୍ରିୟଦର୍ଶିନୀ ଦାସ, ଦେବସ୍ମିତା ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଅରୁନ୍ଧତୀ ସେନାପତି, ରୋଜାଲିନ୍ ମହାପାତ୍ର ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ନିତ୍ୟାନନ୍ଦ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶୀ ମଦ ଜବତ; ଜଣେ ଗିରଫ

ପାରାଦୀପ,୧୦।୧(ସମିସ): ପାରାଦୀପ ଲକଥାନା ଅଧୀନ ପାରାଦୀପ ଗଡ଼ରୁ ଗତକାଲି ରାତିରେ ଜଣେ ଚୋରା ମଦ ବେପାରିକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସେ ହେଲା ନିମିଡି ଗ୍ରାମର ଦୀପକ ସେଠୀ (୩୫)। ତା ନିକଟରୁ ୮.୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଲକ୍ଷାଧିକ ଟଙ୍କାର ହିରୋଇନ ଜବତ; ଜଣେ ଗିରଫ

ପାରାଦୀପ/ଜଗତସିଂହପୁର,୧୦।୧(ସମିସ): ପାରାଦୀପ ଅବକାରୀ ବିଭାଗ ରେଞ୍ଜ ଓ ଷ୍ଟେସନ ମିଳିତ ଭାବେ ଆଜି ଚଢ଼ଉ କରି ୭୮ ଗ୍ରାମର ହିରୋଇନ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ପାରାଦୀପ ଉପକଣ୍ଠ ମୂଷାଡିଆ ଅଞ୍ଚଳ ବ୍ରଜେନ ମଣ୍ଡଳ (୨୯)। ଆଜି ସକାଳ ପାଖାପାଖି ୧୦ଟା ସମୟରେ ବ୍ରଜେନ ମଣ୍ଡଳ ଇଫ୍‌କୋ ଗେଟ ସମ୍ମୁଖରେ ହିରୋଇନ ଗରାଖଙ୍କୁ ବିକ୍ରି କରିଥିବା ବେଳେ ଅବକାରୀ ବିଭାଗ ଟିମ୍ କାବୁ କରି ନେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୁପରିଟେଣ୍ଡେଣ୍ଟ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଇନ୍‌ସପେକ୍ଟର ପ୍ରଶାନ୍ତ ମହାନ୍ତି, ଏଏସଆଇ ଗୟାଧର ସେଠୀ, କନଷ୍ଟେବଲ ମନୋରଞ୍ଜନ ଦାସ, ନବଘନ ମାରାଣ୍ଡି ଓ ସନ୍ତୋସି ସାହୁ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ। ତେବେ ଅଭିଯୁକ୍ତକୁ ଆଜି ଏଡିଜେ କୋର୍ଟରେ ହାଜର କରାଯାଇ ଜେଲକୁ ପଠାଇ ଦିଆଯାଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଦୁଗ୍ଧ ଚାଷୀ ସମ୍ମିଳନୀ

ବିରିଡ଼ି,୧୦।୧(ସମିସ): ବିରିଡି ବ୍ଲକ ହାଜିପୁର ବନାସ୍ ଡାଏରୀ ପକ୍ଷରୁ ଦୁଗ୍ଧ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହାଜିପୁର ଶାଖା ମିଲ୍କ ପକ୍ୟୁମେଣ୍ଟ ଅଧିକାରୀ ବାସନ୍ତୀ ହେମ୍ବ୍ରମଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣପୂର୍ବ ଅପରେସନ ହେଡ଼ ଡ. କେଏନ୍ ପଟେଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଶିଳ୍ପା ରଥ, ସସ୍ମିତା ବେହେରା, ପ୍ରୀତିପର୍ଣ୍ଣା ରାଉତ, ସବିତା ସ୍ୱାଇଁ, ସୁଲୋଚନା ରାଉତ, ଅକ୍ଷୟ ପରିଡା, ଅରବିନ୍ଦ ନାୟକ, ଚିତ୍ତରଞ୍ଜନ ସାହୁ, ଦୁର୍ଗାପ୍ରସାଦ ବେହେରା, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଚାଷୀ ସମ୍ପାଦକ ଯୋଗଦେଇଥିଲେ। କର୍ମଚାରୀ ସୁଦେଷ୍ଣା ପଶାୟତ, ସନ୍ତୋଷ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶ୍ରୀକୃଷ୍ଣ ଏକାଡେମୀର ପ୍ରତିଷ୍ଠା ଉତ୍ସବ




ଜଗତସିଂହପୁର,୧୦।୧(ସମିସ): ଜଗତସିଂହପୁର ଜିଲ୍ଲା ତଥା ରାଜ୍ୟର ସୁନାମଧନ୍ୟ ବିଦ୍ୟାଳୟ ଶ୍ରୀକୃଷ୍ଣ ଏକାଡେମୀର ୯୧ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ତଥା ବିଧାୟକ ଅମରେନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରି ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ।

ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ତଥା ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀକାନ୍ତ ତରାଇ ଯୋଗଦେଇ ପାଠ ପଢ଼ିବା ସମୟର ଅଭୁଲା ସ୍ମୃତି ତଥା ସେ ସମୟର ଗୁରୁମାନଙ୍କର ସ୍ମୃତିଚାରଣ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ସମ୍ମାନନୀୟ ଅତିଥି ଭାବେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ଏଏସ୍‌ପି ସତ୍ୟବ୍ରତ ଦାଶ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଆଶୁତୋଷ ମିଶ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ, ପୁରାତନ ଛାତ୍ର ଗୌରାଙ୍ଗ ହୋତା ଏବଂ ନଟବର ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୩ ଜଣ ପୁରାତନ ଶିକ୍ଷକ ମୁରଲୀଧର ଦାସ, ହୃଷୀକେଶ ମିଶ୍ର ଏବଂ ପ୍ରସନ୍ନ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବର୍ତ୍ତମାନର ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ରୀତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନାଟକ 'ଗାନ୍ଧୀ ମଣିଷ' ପରିବେଷଣ କରାଯାଇଥିଲା। ସଭା ପୂର୍ବରୁ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ନୂତନ ଭାବେ ସ୍ଥାପନ ହୋଇଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ସେହିପରି ବିଦ୍ୟାଳୟ ପରିସରରେ ଥିବା ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ପୁରାତନ ଛାତ୍ରସଂସଦ ପାଇଁ ଉଦ୍ଦିଷ୍ଟ ଗୃହ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୁରାତନ ଛାତ୍ର ସଂସଦର କାର୍ଯ୍ୟକର୍ତ୍ତା, ସଦସ୍ୟ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବୃତ୍ତି ପରୀକ୍ଷାରେ ବିକେସିଏମ୍ ସ୍କୁଲର ସଫଳତା

କୁଜଙ୍ଗ,୧୦।୧(ସମିସ): ବିକେ ଚୌଧୁରୀ ମେମୋରିଆଲ୍ ସ୍କୁଲ ବିଦ୍ୟାଭାରତୀ, ପଙ୍କପାଳର ଛାତ୍ରଛାତ୍ରୀ ୨୦୨୫ ମସିହାରେ ସେଣ୍ଟର ଫର ଚାଇଲ୍ଡ ୱେଲଫେର ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ଦ୍ୱାରା ଅନୁଷ୍ଠିତ ହୋଇଥିବା ୨୬ତମ ରାଜ୍ୟସ୍ତରୀୟ ବୃତ୍ତି ପରୀକ୍ଷାରେ ବହୁ ବିଦ୍ୟାର୍ଥୀ କୃତିତ୍ୱ ହାସଲ କରିଥିବା ଜଣା ପଡ଼ିଛି। ଏହି ସଫଳତା ପାଇ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦ଜଣ ୭୫ ପ୍ରତିଶତରୁ ଊର୍ଦ୍ଧ୍ୱ ପ୍ରଥମ ଅତି ଉତ୍କର୍ଷ ବର୍ଗ, ୨୭ଜଣ ୬୦ ଶତକଡାରୁ ଅଧିକ ଅଙ୍କ ରଖି ଉତ୍କୃଷ୍ଟ ସ୍ଥାନ ଏବଂ ୨୨ଜଣ ୫୦ ଶତକଡାରୁ ଅଧିକ ରଖି ୩ସ୍ଥାନ ଅଧିକାର କରି ବିଦ୍ୟାଳୟର ମାନ ବୃଦ୍ଧି କରିଛନ୍ତି। ସେମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯିବା ସହିତ ସମସ୍ତ ଗୁରୁଜୀ ଗୁରୁମା ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବିଦ୍ୟାଳୟରୁ କମ୍ପ୍ୟୁଟର ଚୋରି ଘଟଣା; ଅଭିଯୁକ୍ତ ଗିରଫ

ତିର୍ତ୍ତୋଲ,୧୦।୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ବୋଧେଇ ସ୍ଥିତ ଜବାହର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗତ ୨୪ ଡିସେମ୍ବର ରାତିରେ ୪ କମ୍ପ୍ୟୁଟର ମନିଟର ଚୋରି ଘଟଣାରେ ପୁଲିସ ଆଜି ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ କୁଜଙ୍ଗ ଥାନା ନିଲକାନି ଗ୍ରାମର ସୁଜଳ ପାଇ। ପୁଲିସ ତା' ନିକଟରୁ ଗୋଟିଏ ମନିଟର ଜବତ କରିଛି। ସୁଜନ ତାର ସହଯୋଗୀ ସହ ବିଦ୍ୟାଳୟ ଛୁଟି ହୋଇଥିବାର ସୁଯୋଗ ନେଇ ବିଦ୍ୟାଳୟ ଇ-ଲାଇବ୍ରେରୀର ତାଲା କାଟି ୪ଟି ମନିଟର ଚୋରି କରିନେଇଥିଲା। ସେ ମନିଟର ଗୁଡ଼ିକୁ ନେଇ ଭୁବନେଶ୍ୱରକୁ ବିକ୍ରୟ କରିବାକୁ ଯାଇଥିଲା। କିନ୍ତୁ ସେଠାରେ ବିକ୍ରୟ କରି ନ ପାରି ନିମକଣା ରେଳ ଷ୍ଟେସନ ନିକଟ ବୁଦାରେ ଲୁଚାଇ ରଖିଥିଲା। ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ସୁଜଳକୁ ଗିରଫ କରିବା ସହ ରେଳଷ୍ଟେସନ ନିକଟ ବୁଦାରୁ ଗୋଟିଏ କମ୍ପ୍ୟୁଟର ମନିଟର ଜବତ କରିଥିଲା। ଆଜି ଅଭିଯୁକ୍ତକୁ ପୁଲିସ ଅଦାଲତ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ସୂଚନା ଦେଇଛନ୍ତୀ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ମଲ୍ଲିକ ଏ ସଂପର୍କରେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପାରାଦୀପରେ ସାଂସଦ ଖେଳ ମହୋତ୍ସବ




ପାରାଦୀପ,୧୦।୧(ସମିସ): ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରେ ପାରାଦୀପ ନିର୍ବାଚନ ମଣ୍ଡଳୀର ସାଂସଦ ଖେଳ ମହୋତ୍ସବ ୨୦୨୬ ଆୟୋଜିତ ହୋଇଯାଇଛି। ଏହି ମହୋତ୍ସବରେ ଉଭୟ ବାଳକ ଓ ବାଳିକା ବର୍ଗରେ ଫୁଟବଲ ଓ ଭଲିବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳ ମହୋତ୍ସବର ଉଦଘାଟନୀ ଉତ୍ସବରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୌର ପାରିଷଦ ପ୍ରତାପ ଚନ୍ଦ୍ର ନାୟକ ଓ ସାଂସଦଙ୍କ ପ୍ରତିନିଧି ଗୌତମ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୋପବନ୍ଧୁ କ୍ରୀଡା ସଂସଦର ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ, ବରିଷ୍ଠ ଭଲିବଲ ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ, ଗୋପବନ୍ଧୁ କ୍ରୀଡା ସଂସଦର ସଦସ୍ୟ ବିପ୍ଳବ କୁମାର ଜେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଜଗତସିଂହପୁର ସଂସଦୀୟ ଏହି ସମସ୍ତ କ୍ରୀଡ଼ାକୁ ପାରାଦୀପ ବନ୍ଦର କ୍ରୀଡ଼ା ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ ସଂଯୋଜନା କରୁଥିବା ବେଳେ ଏହି ଖେଳକୁ କାଳନ୍ଦୀ ଚରଣ ନାଥ, ଭାଗବତ ବେହେରା, ସଞ୍ଜିତ ଜେନା, ରାଜ କିଶୋର ମଣ୍ଡଳ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ କୁଜଙ୍ଗ କ୍ଲବର କ୍ରୀଡା ସମ୍ପାଦକ ରଶ୍ମିକାନ୍ତ ଦାସ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ସରକାର ଉପରେ ବର୍ଷିଲେ କଂଗ୍ରେସ ନେତା

ଜଗତସିଂହପୁର,୧୦।୧(ସମିସ)




ଶନିବାର ଅପରାହ୍ନରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଦେବପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାଚାରୀ ଶାସନ ଏବଂ ଅପାରଗତାକୁ ନେଇ ବିଜେପି ଉପରେ ବର୍ଷିଥିଲେ ଏଥିରେ ଯୋଗ ଦେଇଥିବା ଦଳୀୟ ନେତା। ବିଶେଷ କରି କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ବିକୃତ କରି ଶ୍ରମିକମାନଙ୍କ ଅଧିକାର ଛଡାଇ ନେବା, ଟାଟା ପାୱାରର ମନମାନୀ ଏବଂ ଉପଭୋକ୍ତାମାନଙ୍କୁ ଶୋଷଣ କରିବା ଓ ଧାନ ସଂଗ୍ରହ ମଣ୍ଡି ଗୁଡିକରେ ରହୁଥିବା କଟନୀ ଛଟନୀ ସମସ୍ୟାକୁ ନେଇ ଆଗାମୀ ଦିନରେ କଂଗ୍ରେସ ଦଳର ବ୍ୟାପକ କାର୍ଯ୍ୟକ୍ରମ ସମ୍ପର୍କରେ ଏଥିରେ ସୂଚନା ଦିଆଯାଇଥିଲା। ଜାନୁଆରୀ ୧୧ରେ ମନରେଗା ଉଚ୍ଛେଦ କରିବା ଘଟଣାକୁ ବିରୋଧ କରି ଗାନ୍ଧୀ ଛକଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦଳୀୟ ନେତା, କର୍ମୀ ଓ ଜବକାର୍ଡଧାରୀଙ୍କୁ ନେଇ ଉପବାସ ପାଳନ ପୂର୍ବକ ପ୍ରତୀକାତ୍ମକ ପ୍ରତିବାଦ କରାଯିବ। ସେହିପରି ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ପଞ୍ଚାୟତରେ ଜନସମ୍ପର୍କ ଯାତ୍ରା, ବିଧାନସଭାସ୍ତରୀୟ ସଭା ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହିତ ବିଧାନସଭା ଘେରଉ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ନାୟକ ସୂଚନା ଦେଇଥିଲେ। ଏଥିସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ 'ଚା କପ୍ ଗପସପ' କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ପାୱାର ଓ ସରକାର ମିଳିତ ଭାବେ କିପରି ସାଧାରଣ ଜନତାଙ୍କୁ ଲୁଟ୍ କରୁଛନ୍ତି ସେ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରାଯିବ। କଂଗ୍ରେସ ପର୍ଯ୍ୟବେକ୍ଷକ ଭାବେ ଓପିସିସି ଏସସି ସେଲ୍ ସଭାପତି ମାନସ ମଲ୍ଲିକ, ଏସ୍‌ସି ସେଲ୍ ପ୍ରଭାରୀ ଜେ. ଗୌତମ ଏବଂ ରାଜକିଶୋର ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ପୌରାଞ୍ଚଳର ପୂର୍ବତନ ସଭାପତି ପ୍ରଶାନ୍ତ ମହାପାତ୍ର, ଆଇନଜୀବୀ ଦୀପକ କୁମାର ପଶାୟତ, ମହମ୍ମଦ ଅବଦୁଲ ୱାହିଦ, ପ୍ରିୟବ୍ରତ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା, ଲକ୍ଷ୍ମୀଧର ମଲ୍ଲିକ, ବୃନ୍ଦାବନ ପ୍ରଧାନ, ଶ୍ରୀମୟୀ ସରସ୍ୱତୀ ସାହୁ, ସୁଚିସ୍ମିତା ପଣ୍ଡା, ଉମେଶ ସ୍ୱାଇଁ, ଦୋଳ ଗୋବିନ୍ଦ ପଟ୍ଟନାୟକ, ହିଫଜୁର ରେହମାନ, ଅଶ୍ୱିନୀ ସ୍ୱାଇଁ, ନିହାର ଦାସ, ସଫି ଆଜମ୍, ମହମ୍ମଦ ଇସମାଇଲ, ପ୍ରଦୀପ୍ତ ଦାସ, ସାରଦା ଜେନା, ଅସିମ ରାଉତ, ଅମ୍ରିତ ପଶାୟତ, ଆଲୋକ ସାହୁ, ରିଙ୍କୁ ପାଳ, ଗଗନ ବିହାରୀ ସାହୁ, ଶୁଭାଶିଷ ସ୍ୱାଇଁ, ପ୍ରତ୍ୟୁଷ ନାୟକ, ଅଭିନନ୍ଦନ ସେଠୀ, ସାଇ ପ୍ରଭଞ୍ଜନ ମହାପାତ୍ର ଏବଂ ବିଶ୍ୱଜିତ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୧୦।୧(ସମିସ): ଗାଡ଼ି ଚାଳକଙ୍କ ଉପରେ ମନଇଚ୍ଛା ଜରିମାନା ଓ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ପ୍ରମାଣପତ୍ର ନୀତିର ପ୍ରତିବାଦ କରିଛି ପ୍ରଦେଶ ଯୁବ କଂଗ୍ରେସ। ଶନିବାର ବହୁ ସଂଖ୍ୟାରେ ଯୁବ କଂଗ୍ରେସ କର୍ମୀ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ସରକାରୀ ବାସଭବନ ଘେରାଉ କରିଛନ୍ତି। ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ କଂଗ୍ରେସ ଭବନରୁ ଏକ ସାଇକେଲ ଶୋଭାଯାତ୍ରାରେ ବାହାରି ମନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିଥିଲେ। ସେଠାରେ ପୁଲିସ ବାଧା ଦେବାରୁ ଧସ୍ତାଧସ୍ତି ଭଳି ପରିସ୍ଥିତି ଉପୁଜିଥିଲା। ପରେ ପୁଲିସ ଆନ୍ଦୋଳନରତ ଯୁବ କଂଗ୍ରେସ କର୍ମୀମାନଙ୍କୁ ଉଠାଇ ନେଇଥିଲା।



ସଭାପତି ଶ୍ରୀ ପାତ୍ର କହିଥିଲେ ଯେ ଗାଡ଼ି ଚାଳକମାନଙ୍କର ରକ୍ତଶୋଷଣ କରିବା ପାଇଁ ମୋହନ ସରକାର ବ୍ୟବସ୍ଥା କରିଛି। ଯେଉଁଭଳି ଭାବରେ ଜରିମାନା ଲଦି ଦିଆଯାଇଛି, ତାହା ଅତୀତର ବ୍ରିଟିଶ ଓ ମୋଗଲ ଶାସନର ଜନବିରୋଧୀ ନୀତିକୁ ଅତିକ୍ରମ କରିଛି। ପରିବହନ ମନ୍ତ୍ରୀ ଗାଡ଼ି ଚାଳକମାନଙ୍କ ତଣ୍ଟି ଚିପି ଅର୍ଥ ଆଦାୟ କରିବାର ଦାୟିତ୍ୱ ନେଇଛନ୍ତି। ଓଡ଼ିଶାର ଲକ୍ଷଲକ୍ଷ ଗାଡ଼ିଚାଳକମାନଙ୍କୁ ଯନ୍ତ୍ରଣା ଭିତରକୁ ଠେଲି ଦେଇଥିବା ପରିବହନ ମନ୍ତ୍ରୀ ଓ ତାଙ୍କ ସରକାର ବିରୋଧରେ ଜନଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପାତ୍ର କହିଥିଲେ। ପ୍ରଦୂଷଣ ପ୍ରମାଣପତ୍ର ସହିତ ଫାଇନକୁ ଯୋଡ଼ିବା ବେଆଇନ। ମାତ୍ରାଧିକ ଜରିମାନା ଆଦାୟ ନିଷ୍ପତ୍ତିରୁ ଓହରି ସରକାର ସରଳ ଜରିମାନା ବ୍ୟବସ୍ଥାର ପୁନର୍ବିଚାର କରନ୍ତୁ ବୋଲି ସେ ଦାବି କରିଥିଲେ।

ଏହି ବିକ୍ଷୋଭରେ ମନୋଜ ବିଶ୍ୱାଳ, ଯାସିର ନୱାଜ, ସୁଦିପ ସାମଲ, ଅଭିଜିତ ଜେନା, ଗୋପନ ମାର୍ଥା, ଶିବ ଅଗ୍ରୱାଲ, କିରଣ ସାହୁ, ମହମ୍ମଦ ଗୁଲଫାମଙ୍କ ସହ ବହୁ ଯୁବ କଂଗ୍ରେସ କର୍ମକର୍ତ୍ତା ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ଓସ୍କାରରେ ୩ ବିଭାଗରେ ଅକ୍ଷୟ ପରିଜାଙ୍କ 'ପାପା ବୁକା'

ଭୁବନେଶ୍ୱର, ୧୦।୧(ସମିସ): ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ର 'ପାପା ବୁକା' ୯୮ତମ ଏକାଡେମୀ ଆୱାର୍ଡସ୍ (ଓସ୍କାର)ର ତିନୋଟି ବିଭାଗରେ ସ୍ଥାନ ପାଇ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଏକ ଗୌରବମୟ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଚଳଚ୍ଚିତ୍ରଟି ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଚିତ୍ରନାଟ୍ୟ ଏବଂ ଶ୍ରେଷ୍ଠ ଅଭିନେତା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଏହା ଓଡ଼ିଆ ତଥା ଭାରତୀୟ ସ୍ୱାଧୀନତା ସିନେମା ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଓଡ଼ିଶାର ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା, ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ବିଜେତା ଅକ୍ଷୟ କୁମାର ପରିଜା। ପି.ଏ ରଞ୍ଜିତ ଏବଂ ପ୍ରକାଶ ବେରେ ପ୍ରଯୋଜନାରେ ସହଯୋଗ କରିଛନ୍ତି। ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଡକ୍ଟର ବିଜୁ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

'ପାପା ବୁକା'ରେ ପପୁଆ ନ୍ୟୁ ଗିନିର ଆଦିବାସୀ ସଂସ୍କୃତି ଓ ପରମ୍ପରା ପ୍ରଦର୍ଶିତ ହୋଇଛି। ପପୁଆ ନ୍ୟୁ ଗିନିର ପୃଷ୍ଠଭୂମିରେ ନିର୍ମିତ ଏହି ଚଳଚ୍ଚିତ୍ରଟି ପରିଚୟ, ସ୍ମୃତି ଏବଂ ମାନବୀୟ ଶକ୍ତିକୁ ଉଜ୍ଜୀବିତ କରିଛି। ଅନେକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଏହା ପ୍ରଦର୍ଶିତ ହେବା ସହ ନିଜର ସଚ୍ଚୋଟ କାହାଣୀ ପାଇଁ ବେଶ୍ ପ୍ରଶଂସା ସାଉଁଟିଛି। ଓସ୍କାରର ଏକାଧିକ ବିଭାଗରେ ଏହାର ଚୟନ ଓଡ଼ିଶାର ଚଳଚ୍ଚିତ୍ର ନିର୍ମାତାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଏବଂ ବିଶ୍ୱ ଦରବାରରେ ଭାରତୀୟ ସିନେମାର ବଢୁଥିବା ପ୍ରଭାବକୁ ଦର୍ଶାଉଛି। ଏହି ସଫଳତାକୁ ବିଶ୍ୱସ୍ତରରେ ଓଡ଼ିଆ ସିନେମାର ଏକ ଐତିହାସିକ ବିଜୟ ଭାବେ ପାଳନ କରାଯାଉଛି।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାଡ଼ଭଙ୍ଗା ଜାଡ଼...

ବେଳେ ଏହା ଜାନୁଆରୀ ମାସରେ ସହରର ଇତିହାସରେ ସବୁଠାରୁ ଥଣ୍ଡା ରାତି ବୋଲି ଜଣାପଡ଼ିଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏହାତଳକୁ ରାଉରକେଲାରେ ୪.୧ ଡିଗ୍ରୀ, ଚିପିଲିମାରେ ୫.୫ ଡିଗ୍ରୀ, କିରେଇରେ ୫.୮ ଡିଗ୍ରୀ, ସେମିଳିଗୁଡ଼ାରେ ୬.୨ ଡିଗ୍ରୀ, ଫୁଲବାଣୀ ଓ ଅନୁଗୋଳରେ ୬ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୬.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୬.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ଗତ ୨୪ ଘଣ୍ଟାରେ ରାତି ତାପମାତ୍ରା ୭.୪ ଡିଗ୍ରୀ ରହିଥିବା ବେଳେ ନବରଙ୍ଗପୁରରେ ୭.୫ ଡିଗ୍ରୀ, ଢେଙ୍କାନାଳରେ ୭.୭ ଡିଗ୍ରୀ, ରାଣୀତାଲରେ ୮.୨ ଡିଗ୍ରୀ, ଭବାନୀପାଟଣାରେ ୮.୨ ଡିଗ୍ରୀ, ମହିଷାପାଟରେ ୮.୪ ଡିଗ୍ରୀ, ବାରିପଦାରେ ୮.୮ ଡିଗ୍ରୀ, କଟକରେ ୯ ଡିଗ୍ରୀ, ବାରିପଦାରେ ୮.୮ ଡିଗ୍ରୀ, ସୋନପୁରରେ ୯.୩ ଡିଗ୍ରୀ, ସମ୍ବଲପୁରରେ ୯.୪ ଡିଗ୍ରୀ ରେକର୍ଡ କରାଯାଇଛି। ଏତଦ୍ ବ୍ୟତୀତ ଶୁକ୍ରବାର ବୌଦ୍ଧରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀରରେ ୯.୫ ଡିଗ୍ରୀ, କୋରାପୁଟରେ ୯.୮ ଡିଗ୍ରୀ, ବରଗଡ଼ରେ ୯.୮ ଡିଗ୍ରୀ, ହୀରାକୁଦ ଓ ବାଲେଶ୍ୱରରେ ୯.୯ ଡିଗ୍ରୀ ଏବଂ ରାୟଗଡାରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ରବିବାର ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୋଳରେ ଶୀତ ଲହରୀର ଆଶଙ୍କା ଥିବା ବେଳେ ଉକ୍ତ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ମିଲର୍ ଅଧା ଖୁସି...

ସବୁ ଫନ୍ଦି କରିଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଚଳିତ ୨୦୨୫-୨୬ ଖରିଫ ଋତୁରେ ପ୍ରଥମେ ବରଗଡ଼ରୁ ଧାନ କିଣା ଆରମ୍ଭ ହୋଇଥିଲା। ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଏବେ ଜିଲ୍ଲାରେ ଚାଷୀ ପ୍ରତାରଣାର ଶିକାର ହୋଇଥିବା ନେଇ ଅଭିଯୋଗ କରୁଛନ୍ତି। ଦାନ କ୍ରୟକୁ ଦେଢ଼ ମାସରୁ ଅଧିକ ସମୟ ବିତିଯାଇଥିବା ବେଳେ ଧାନ ଉଠାଣରେ କିନ୍ତୁ ଏହି ଜିଲ୍ଲା ପଛରେ ପଡ଼ିଛି। ଗତ ବର୍ଷ ଆଜିର ତାରିଖ ସୁଦ୍ଧା ପ୍ରାୟ ୫୦ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତବର୍ଷ ମାତ୍ର ୩୩ ଲକ୍ଷ ୪୧୨୩୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଅର୍ଥାତ୍ ଜିଲ୍ଲାରେ ଆଜିସୁଦ୍ଧା ୧୬ ଲକ୍ଷ କୁଇଣ୍ଟାଲ କମ୍ ଧାନ କ୍ରୟ ହୋଇଛି।

ମିଲର୍ସ ସମସ୍ୟା, ମଣ୍ଡି ଅବ୍ୟବସ୍ଥା, କଟନୀ ଛଟନୀ ଯୋଗୁଁ ଚାଷୀଙ୍କ ଦାନ ଉଠୁ ନ ଥିବାବେଳେ ଚାଷୀ ବାଧ ହୋଇ ଅଭାବୀ ବିକ୍ରି କରୁଥିବା ନେଇ ସୂଚନା ମିଳୁଛି। ମୟୂରଭଞ୍ଜରେ ଗତ ଡିସେମ୍ବର ୨୬ ତାରିଖରେ ଆନୁଷ୍ଠାନିକ ଭାବେ ମଣ୍ଡି ଖୋଲାଗଲା। ମାତ୍ର ମୁଣ୍ଡ ଉପରେ ଜିଲ୍ଲାର ଗଣପର୍ବ ମକର ଥିବାବେଳେ ଚାଷୀ କାନ୍ଦକାନ୍ଦ ସ୍ଥିତିରେ ଅଛନ୍ତି। ବିଭିନ୍ନ ସ୍ଥାନରେ ଧାନକିଣାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ଚାଷୀ ଧାନ ଧରି ବସିଥିବା ବେଳେ ସରକାର ଟୋକନ ଜାରି କରୁନାହାନ୍ତି। ମାତ୍ର ଯେଉଁ ଚାଷୀ ବିଲ୍‌କୁଲ୍ ଚାଷ କରିନାହାନ୍ତି, ସେମାନଙ୍କୁ ଟୋକନ ଦିଆଯାଇଛି। ମକର ମେଳା ପାଖେଇ ଆସୁଥିବାରୁ ଚାଷୀ ପଡ଼ୋଶୀ ଝାଡ଼ଖଣ୍ଡର ଦଲାଲଙ୍କୁ ଖୁବ୍ କମ୍ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛି। ନିକଟରେ ରାଇରଙ୍ଗପୁରରେ ଝାଡ଼ଖଣ୍ଡୀ ଦଲାଲଙ୍କ ଧାନ ଜବତ ହୋଇଥିଲା। ତେବେ ଭାତ ହାଣ୍ଡିରୁ ଗୋଟିଏ ଦାନା ଚିପିବା ପରି ଏହା ଏକ ଉଦାହରଣ ବୋଲି ଚାଷୀ ନେତାମାନେ ଅଭିଯୋଗ କରିଛନ୍ତି।

ନୂଆପଡ଼ାରେ ଗତ ଡିସେମ୍ବର ୪ ତରିଖରେ ମଣ୍ଡି ଖୋଲିଥିଲା; ମାତ୍ର ୫ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀକୁ ନେଇ ନାକେଦମ୍ ହେଲେଣି ଚାଷୀ। ସେହିପରି ସବୁ ମଣ୍ଡିରେ ମିଲର୍ ପହଞ୍ଚି ପାରୁ ନ ଥିବା ବେଳେ ଚାଷୀ ବାଧ ହୋଇ ବାହାରେ ଧାନ ବିକ୍ରି କରୁଛନ୍ତି। କଟକ ଜିଲ୍ଲାରେ ମଧ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଗତ ୭ ତାରିଖରୁ ଚାଷୀଙ୍କ ନିକଟକୁ ଧାନ ବିକ୍ରି ପାଇଁ ଟୋକନ ଆସିସାରିଛି; ମାତ୍ର ଏଯାବତ୍ ମଣ୍ଡି ଖୋଲିନାହିଁ। ଚାଷୀ କୋଉଠି ଧାନ ବିକ୍ରି କରିବେ ବୋଲି ପ୍ରଶ୍ନ କରୁଛନ୍ତି।

ଭଦ୍ରକ ଜିଲ୍ଲାରେ ମଧ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଗତ ୫ ତାରିଖରେ ଜିଲ୍ଲାରେ ଆନୁଷ୍ଠାନିକ ଭାବେ ମଣ୍ଡି ଖୋଲିଲା। ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳରେ ମଣ୍ଡି ଖୋଲିବାରେ ଲାଗିଛି। ଚାଷୀଙ୍କୁ ଟୋକନ ମଧ ଜାରି ହେଲାଣି; ମାତ୍ର ଖୋଲିଥିବା କେତେକ ମଣ୍ଡିରେ କିନ୍ତୁ ଧାନ କିଣାଯାଉ ନାହିଁ। ଅନୁଗୋଳରେ ଆଜି (ଶନିବାର)ଠାରୁ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଆରମ୍ଭରୁ ବିଭ୍ରାଟ ଦେଖାଦେଲାଣି। ପ୍ରଥମ ଦିନରୁ ଚାଷୀଙ୍କର ୫ କେଜି ଯାଏଁ ଧାନ କଟ୍‌ନୀଛଟ୍‌ନୀ ହେଉଥିବା ବେଳେ ବସ୍ତା ଦିଆଯାଉ ନାହିଁ। ଯାହାକୁ ନେଇ ଚାଷୀ ତାତିଲେଣି। ସମ୍ବଲପୁରରୁ ବଲାଙ୍ଗିର, ବ୍ରହ୍ମପୁରରୁ ବାଲେଶ୍ୱର- ସବୁଠି ଧାନ କିଣା ଜନିତ ଅବ୍ୟବସ୍ଥାରେ ମାଳମାଳ ଚିତ୍ର ସାମ୍ନାକୁ ଆସୁଛି।

ଅପରପକ୍ଷେ ୪ ଦଫା ଦାବି ନେଇ ମିଲର୍ସ ସଂଘ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ବର୍ତ୍ତମାନ ଆନ୍ଦୋଳନକୁ ସ୍ଥଗିତ ରଖିଛି ସଂଘ। ସରକାର ସଂଘର ଗୋଟିଏ ଦାବି ମାନି ନେଇଥିବା ବେଳେ ଆଉ ୩ଟି ଦାବି ପୂରଣ କରିବାକୁ ୧୫ ଦିନର ସମୟ ମାଗିଛନ୍ତି। ମକର ସଂକ୍ରାନ୍ତିକୁ ଦୃଷ୍ଟିରେ ରଖି ସଂଘ ମଧ ସରକାରଙ୍କ କଥାକୁ ମାନି ନେଇଛି। ମାତ୍ର ଏହି ୧୫ ଦିନରେ ମିଲରଙ୍କ ସବୁ ଦାବି ସରକାର ମାନି ନ ନିଅନ୍ତି, ତା'ହେଲେ ପୁଣିଥରେ ରାଜ୍ୟରେ ଧାନ କିଣା ଠପ୍ ହୋଇଯିବା ନେଇ ଆଶଙ୍କା କରାଯାଉଛି।

### ରାଜ୍ୟରେ ଭୁଶୁଡ଼ିପଡ଼ିଛି...

ଶୀତରେ ଚାଷୀମାନେ ମଣ୍ଡିରେ ନିଜ ଅମଳ ଧାନକୁ ଜଗି ବସିଛନ୍ତି। ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଚାଷୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇ ବିଜେପିର ଡବଲ୍ ଇଞ୍ଜିନ୍ ସରକାର କ୍ଷମତାକୁ ଆସିଲା; ହେଲେ ସରକାର ଗଢ଼ିବା ପରେ ପ୍ରତିଶ୍ରୁତି ସବୁ କୁଆଡ଼େ ଗଲା ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସେହିପରି ଧାନ କିଣାରେ ବୋନସ୍ ଘୋଷଣା କରି ଚାଷୀଙ୍କୁ ଦିବାସ୍ୱପ୍ନ ଦେଖାଇଥିବା ସରକାରରେ ଆରମ୍ଭରୁ ଟୋକନଠୁ ନେଇ ମଣ୍ଡି ଅବ୍ୟବସ୍ଥା ଓ ଧାନ ସଂଗ୍ରହ ପର୍ଯ୍ୟନ୍ତ ସବୁଠି ଚାଷୀ ହତାଶ ହୋଇଛନ୍ତି। ସରକାର ଚାଷୀଙ୍କ ଧାନ କେବେ ଉଠାଇବେ ବୋଲି ନବୀନ ପଚାରିଛନ୍ତି।

ନବୀନ ଆହୁରି ମଧ କହିଛନ୍ତି, ଯେତେବେଳେ ନିଜ ଅମଳ ଧାନ ବିକ୍ରି କରି ନ ପାରି ଚାଷୀ ଆନ୍ଦୋଳନ କରୁଛି ସେତେବେଳେ ଏ ସରକାର ତାଙ୍କୁ 'ନୌଟଙ୍କି' ବୋଲି କହି ତାଚ୍ଛଲ୍ୟ କରୁଛି। ଏହା କ'ଣ ଡବଲ୍ ଇଞ୍ଜିନ୍ ସରକାରର ଚାଷୀଙ୍କୁ ସମ୍ମାନ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଧାନ ସଂଗ୍ରହ ଆରମ୍ଭରୁ ସବୁ ବ୍ୟବସ୍ଥା ହୋଇଯାଇଛି, ଟୋକନ୍ ସମସ୍ତଙ୍କୁ ମିଳିବ, ମନ୍ତ୍ରୀମାନେ ମଣ୍ଡି ଜଗିବେ ବୋଲି ସରକାର ଚାଷୀଙ୍କୁ କହିଲେ। ହେଲେ କ'ଣ ହେଲା? ମଣ୍ଡିରେ ମନ୍ତ୍ରୀମାନଙ୍କ ପାଦ ପଡ଼ିବା ତ ଦୂରର କଥା, ଦୁଃଖ ସମୟରେ ଚାଷୀଙ୍କ ପାଖରେ ବି ସରକାରୀ ଦଳର କାହାକୁ ଦେଖିବାକୁ ମିଳୁ ନାହିଁ। ଚଳିତ ବର୍ଷ ଅଧିକ ଆୟର ଆଶା ବାନ୍ଧିଥିବା ଚାଷୀ ଶେଷରେ ଅଭାବୀ ବିକ୍ରି କରିବାକୁ ବାଧ ହେଉଛି। ଚାଷୀଙ୍କ ସ୍ୱାର୍ଥ ସବୁଠୁ ଆଗରେ। ଆମ ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ସହ ଡବଲ୍ ଇଞ୍ଜିନର ଏ ବିଜେପି ସରକାରର ଏପରି ଛଳନାର ଜବାବ ଓଡ଼ିଶାବାସୀ ନିଶ୍ଚୟ ଦେବେ। ବିଜୁ ଜନତା ଦଳ ଚାଷୀଙ୍କ ସାଥିରେ ସବୁବେଳେ ଅଛି। ଚାଷୀଙ୍କ ହକ୍ ପାଇଁ ସବୁସ୍ତରରେ ଦଳ ତା'ର ସ୍ୱର ଶାଣିତ କରିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### କ୍ଷେତରେ ଖସିପଡ଼ିଲା...

କଂସର ନିକଟବର୍ତ୍ତୀ ଗାଡିଆଟୋଲା ଅଞ୍ଚଳର ଏକ କ୍ଷେତରେ ବିମାନର ଜରୁରୀକାଳୀନ ଅବତରଣ କରିଥିଲେ। ଅବତରଣ ବେଳେ ପାଖରେ ଥିବା ଏକ ଗଛ ଡାଳରେ ପିଟି ହୋଇଯିବାରୁ ବିମାନର ଡାହାଣ ଅଂଶ ଭାଙ୍ଗି ଯାଇଥିଲା। ପରେ ବିମାନଟି ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଖସି ପଡ଼ିଥିଲା। ପରେ ସତର୍କତା ମୂଳକ ଭାବରେ ସମସ୍ତ ଚ୍ୟାନେଲକୁ ସକ୍ରିୟ କରାଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଥିଲା। ଆହତମାନଙ୍କ ମଧ୍ୟରେ ପାଇଲଟ୍ କ୍ୟାପ୍ଟେନ୍ ନବୀନ ଖଡାଙ୍ଗା, କ୍ୟାପ୍ଟେନ୍ ତରୁଣ ଶ୍ରୀବାସ୍ତବ, ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ଅନିତା ସାହୁ, ସୁନୀଲ ଅଗ୍ରୱାଲ୍ ଓ ସବିତା ଅଗ୍ରୱାଲ୍ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ବିପଦମୁକ୍ତ ଥିବା ଜଣାପଡ଼ିଛି। ପୁଲିସ, ଅଗ୍ନିଶମବିଭାଗ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଡିଆଇଜି ବ୍ରଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ପରିସ୍ଥିତିର ସମୀକ୍ଷା କରିଛନ୍ତି। ବେସାମରିକ ବିମାନ ଚଳାଚଳ ବିଭାଗର ଏକ ବିଶେଷଜ୍ଞ ଦଳ ଦୁର୍ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ଯାନ୍ତ୍ରିକ ତ୍ରୁଟି ପାଇଲଟଙ୍କୁ ଏକ କ୍ଷେତରେ ଅବତରଣ କରିବାକୁ ବାଧ କରିଥିଲା ବୋଲି ଜଣାପଡ଼ିଛି।

ଅପରପକ୍ଷେ, ଏହି ଘଟଣାରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ୨ଜଣ ଅଧିକାରୀଙ୍କୁ ରାଉରକେଲା ପଠାଯାଇଛି। ଡିଜିସିଏ ଏକ ଟିମ୍ ଖୁବ୍‌ଶୀଘ୍ର ରାଉରକେଲାରେ ପହଞ୍ଚିବ। ବିସ୍ତୃତ ତଦନ୍ତ ପାଇଁ ଏଏଆଇବି ରବିବାର ସୁଦ୍ଧା ପହଞ୍ଚିବ। ସେହିପରି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟରେ ଏକ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବା ସହ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। କଣ୍ଟ୍ରୋଲ ରୁମ୍‌ର ଲ୍ୟାଣ୍ଡଲାଇନ୍ ନମ୍ବର ୦୬୭୪-୨୫୯୬୧୨୮ ହୋଇଥିଲା ବେଳେ ମୋବାଇଲ୍ ୯୮୬୧୦୯୬୩୭୧ ରହିଛି। ସେହିପରି ପ୍ରଶାସନ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ, ସ୍ଥାନୀୟ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହା ଉପରେ କଡ଼ା ନଜର ରଖିଛନ୍ତି ବୋଲି ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### 'ପ୍ରଥମେ କ୍ଲିନ୍‌ଚିଟ୍, ...

ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। ସେତେବେଳେ କ୍ରାଇମବ୍ରାଞ୍ଚ ଖୋଲା ହାତରେ ସିଲିକନ୍‌କୁ ମାର୍କ ଦେଇଥିଲା। ପରୀକ୍ଷା ପରିଚାଳନା ପାଇଁ ସିଲିକନ୍ ସମସ୍ତ ମାନଦଣ୍ଡ ପୂରଣ କରୁଛି ବୋଲି ଦର୍ଶାଇଥିଲା। କିନ୍ତୁ ସଂପୃକ୍ତ ସଂସ୍ଥା ଏବେ ଚାକିରି ବିକ୍ରିର ମୁଖ୍ୟ ସୂତ୍ରଧର ବୋଲି କ୍ରାଇମବ୍ରାଞ୍ଚ ରିପୋର୍ଟ ଦେଇଛି। ତେବେ ପୁଲିସ ନିଯୁକ୍ତି ଅନିୟମିତତା ମାମଲାର ତଦନ୍ତ କରୁଥିବା ସିବିଆଇ ଏବେ କେଳେଙ୍କାରୀରେ ସମ୍ପୃକ୍ତ ବଡ଼ବଡ଼ିଆଙ୍କ ନିକଟରେ ପହଞ୍ଚିପାରିବ କି ନାହିଁ, ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସିଲିକନ୍‌କୁ ପରୀକ୍ଷା ପରିଚାଳନା ପାଇଁ ବଛାଯିବା ପୂର୍ବରୁ ସଂସ୍ଥା ସଂପର୍କରେ କ୍ରାଇମବ୍ରାଞ୍ଚ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରିବର୍ତ୍ତେ ଗୁଗୁଲ୍ ଓ କିଛି ନିର୍ଦ୍ଦିଷ୍ଟ ପୋର୍ଟାଲ ଉପରେ ନିର୍ଭର କରିଥିଲା। ସିସିଟିଏନ୍‌ଏସ୍ ଏବଂ ଆଇସିଜିଏସ୍ ଭଳି ଆପରାଧିକ ରେକର୍ଡଭୁକ୍ତ ପୋର୍ଟାଲରୁ ସିଲିକନ୍ ସଂପର୍କରେ କୌଣସି ଆପତ୍ତିଜନକ ତଥ୍ୟ ନମିଳିବାରୁ କ୍ରାଇମବ୍ରାଞ୍ଚ ଆଖିବୁଜା କ୍ଲିନ୍‌ଚିଟ୍ ଦେଇ ଦେଇଥିଲା। ସେହିପରି, ପ୍ରତିଦ୍ୱନ୍ଦ୍ୱୀ ସଂସ୍ଥାଙ୍କଠାରୁ 'ସିଲିକନ୍' ବାବଦରେ ଭିତିରିଆ ତଥ୍ୟ ସଂଗ୍ରହ କରିବା ପରିବର୍ତ୍ତେ ଖୋଦ୍ 'ସିଲିକନ୍'ର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ କମ୍ପାନୀ ବାବଦରେ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଥିଲା। ଖାଲି ସେତିକି ନୁହେଁ, ରେଜିଷ୍ଟ୍ରାର୍ ଅଫ୍ କମ୍ପାନୀଠାରୁ ଫୋନ୍ ଯୋଗେ ସିଲିକନ୍‌ର ତଥ୍ୟ ସଂଗ୍ରହ କରିଥିଲା। କ୍ରାଇମବ୍ରାଞ୍ଚର ଏହି ବେପରୁଆ ଅନୁସନ୍ଧାନ ଯୋଗୁଁ ହଜାର ହଜାର ନିଯୁକ୍ତି ଆଶାୟୀଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲା। କୌତୂହଳର କଥା ହେଲା, କେଳେଙ୍କାରୀ ପଦାକୁ ଆସିବା ପରେ ଏବେ ସେଇ କ୍ରାଇମବ୍ରାଞ୍ଚ 'ସିଲିକନ୍'କୁ ମୁଖ୍ୟ ଖଳନାୟକ ଦର୍ଶାଇଛି। ସୂଚନାନୁଯାୟୀ, ସିଲିକନ୍ ୨୦୦୯ ମସିହାରେ କମ୍ପାନୀ ଆକ୍ଟରେ ପଞ୍ଜୀକୃତ ହୋଇଥିଲା। ଏହାର କାର୍ଯ୍ୟାଳୟ ପଟିଆ ଡିଏଲ୍‌ଏଫ୍ ସାଇବର୍ ସିଟିରେ ରହିଥିଲା। ସିଲିକନ୍ ସଫ୍ଟୱେୟାର୍ ସଲ୍ୟୁସନ୍ ପ୍ରଦାନ କରୁଥିଲା। ଏହା ସହ ସିଲିକନ୍ ଏଣ୍ଟରପ୍ରାଇଜେସ୍ ଗ୍ରେଡ୍ ଆଇଟି ସେବା ବିଭିନ୍ନ ସରକାରୀ ଅନୁଷ୍ଠାନକୁ ପ୍ରଦାନ କରୁଥିଲା। ଉକ୍ତ ସଂସ୍ଥା ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଅରୁଣାଚଳ ପ୍ରଦେଶ ଏବଂ ଦିଲ୍ଲୀ ସମେତ ଏକାଧିକ ରାଜ୍ୟରେ ପରିଚାଳନା କରୁଥିଲା। ଆଗରୁ ଏକାଧିକ ପରୀକ୍ଷା ମଧ ପରିଚାଳନା କରିଛି।

### ମମତାଙ୍କ ବିରୋଧରେ...

ଇଡି ଆଜି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ତେବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ତାଙ୍କ ଦଳ ଟିଏମ୍‌ସିର ନିର୍ବାଚନ ରଣନୀତି ଫାଇଲ ଚୋରି କରିବା ଲାଗି ଇଡି ଚଢ଼ଉ କରିଥିଲା। ଏହା ସଂପୂର୍ଣ୍ଣ ରୂପେ ରାଜନୈତିକ ଥିଲା ଏବଂ ଏହା ସହିତ କୋଇଲା ଦୁର୍ନୀତିର କୌଣସି ସଂପର୍କ ନାହିଁ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଆଜି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଓକିଲ ନୋଟିସ ପଠାଇଛନ୍ତି। ଏଥିରେ ୭୨ ଘଣ୍ଟା ମଧ୍ୟରେ ନିଜ ଅଭିଯୋଗର ପ୍ରମାଣ ଦେବା ଲାଗି ମମତାଙ୍କୁ କୁହାଯାଇଛି। ଏହି ସମୟ ମଧ୍ୟରେ ଯଦି ମମତା ଏହାର ଜବାବ ନ ଦିଅନ୍ତି, ସେ ତାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିବେ ବୋଲି ଶୁଭେନ୍ଦୁ ଧମକ ଦେଇଛନ୍ତି। ଗତ ୮ ତାରିଖରେ ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ଚଢ଼ଉ ପ୍ରତିବାଦରେ କୋଲକାତାରେ ଏକ ରାଲିକୁ ସମ୍ବୋଧନ କରିବା ବେଳେ ମମତା କୋଇଲା ଦୁର୍ନୀତି ପ୍ରସଙ୍ଗ ଉଠାଇ ଶୁଭେନ୍ଦୁ ଅଧିକାରୀଙ୍କୁ ଟାର୍ଗେଟ୍ କରିଥିଲେ। କୋଇଲା ଘୋଟାଲାରେ କେନ୍ଦ୍ରୀୟ ନେତାଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ପେନ୍‌ଡ୍ରାଇଭ୍‌ରେ ରହିଛି ବୋଲି ମମତା କହିଥିଲେ।

### ଖୋଲୁନି ଓଏସ୍‌ଏସ୍‌ସି...

ଧିମା ହେଉଥିବାରୁ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ଦିନ ସମୟରେ ଆଦୌ ଖୋଲୁ ନ ଥିବାରୁ ଅନେକ ଆଶୟୀ ରାତି ଉଜାଗର ରହି ଆବେଦନ କରୁଛନ୍ତି। ପରୀକ୍ଷା ଫି' ଦାଖଲ ବେଳେ ଭଗବାନଙ୍କୁ ଭରଷା କରିବାକୁ ବାଧ ହେଉଛନ୍ତି। ୱେବସାଇଟ୍ ଧିମା କାରଣରୁ ଅନେକ ସମୟରେ ଆକାଉଣ୍ଟରୁ ଟଙ୍କା କଟିଗଲେ ମଧ ପେମେଣ୍ଟ ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ସେହିପରି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର୍ ସମେତ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ଗତ ୭ ତାରିଖରୁ ଆବେଦନ ଆରମ୍ଭ ହୋଇଛି। ମାତ୍ର, ଏହି ୱେବସାଇଟ୍ ମୂଳରୁ ହିଁ ଖୋଲୁ ନଥିବାରୁ ବାରମ୍ବାର ପ୍ରୟାସ ସତ୍ତ୍ୱେ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ପାଖାପାଖି ବର୍ଷେ ପରେ କେବଳ ସ୍ନାତକ ପଢୁଆଙ୍କ ନିଯୁକ୍ତି ବାହାରିଥିବା ବେଳେ ଆବେଦନ ହେଉ ନଥିବାରୁ ଆଶାୟୀମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଆବେଦନ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ତୁରନ୍ତ ୱେବସାଇଟ୍‌କୁ ଠିକ୍ କରିବା ସହ ଆବେଦନ ଅବଧି ବୃଦ୍ଧି କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

### ୯୦ ଲକ୍ଷ ଟଙ୍କା...

ପୁଲିସ ସୂତ୍ରରୁ ପ୍ରକାଶ ଯେ, ମଧୁପାଟଣା ଥାନାରେ ୨ ଦିନ ପୂର୍ବରୁ ଟ୍ରେଡିଂ ଆଳରେ ଲକ୍ଷାଧିକ ଟଙ୍କା ଠକେଇ ନେଇ ଏକ ଅଭିଯୋଗ ହୋଇଥିଲା। ସେଦିନ ଅନ୍ୟ ଜଣେ ବ୍ୟକ୍ତି ମଧ ସମାନ ଅଭିଯୋଗ କରିବାରୁ ଘଟଣାକୁ ପୁଲିସ ଗୁରୁତ୍ୱର ସହ ଗ୍ରହଣ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ଏକ ବଡ଼ ରାକେଟ୍ ଏହି ଅପରାଧରେ ସାମିଲ ଥିବା ଜଣାପଡ଼ିଥିଲା। ତେଣୁ ମଧୁପାଟଣା ଥାନା ପୁଲିସ କଟକ ସାଇବର ଥାନା ପୁଲିସ ସହାୟତାରେ ଟଙ୍କା ଟ୍ରାନ୍ସଫର ହୋଇଥିବା ଏକାଧିକ ଆକାଉଣ୍ଟର ତଥ୍ୟ ଆଣି ଯାଞ୍ଚ କରିଥିଲା।

ପ୍ରଥମ ଘଟଣାରେ ନିର୍ଦ୍ଦିଷ୍ଟ ଏକ ବ୍ୟାଙ୍କର ସମସ୍ତ ଆକାଉଣ୍ଟ ବ୍ୟବହାର ହୋଇଥିବାରୁ ଠକେଇ ପଛରେ ବ୍ୟାଙ୍କ କର୍ମଚାରୀଙ୍କ ସଂପୃକ୍ତି ଥିବା ପୁଲିସ ସ୍ପଷ୍ଟ ହୋଇଥିଲା। ତଦନ୍ତକ୍ରମେ ପୁଲିସ ଜଗତସିଂହପୁର ଆକ୍ସିସ ବ୍ୟାଙ୍କର ପିଆରଓ ଦେବାଶିଷକୁ ଗିରଫ କରିଥିଲା। ତାଙ୍କ ସୂଚନା ଆଧାରରେ ପୁଲିସ ପର୍ଯ୍ୟାୟକ୍ରମେ ବ୍ୟାଙ୍କ ଅଧିକାରୀ ହରେକୃଷ୍ଣ, ଅଭିଷେକ ଓ ସ୍ୱରାଜକୁ ଗିରଫ କରିଥିଲା। ସେମାନଙ୍କୁ ପୁଲିସ ଜେରା କରିବାରୁ ଠକେଇ ପଛର ମାଷ୍ଟରମାଇଣ୍ଡ ବି.ଟେକ୍ ଛାତ୍ର ରୁଦ୍ରମାଧବ ସମେତ ବବ୍‌ଲୁ ଓ ନାରାୟଣ ଧରାପଡ଼ିଥିଲେ। ଏହି ୩ ଜଣ ଅଭିଯୁକ୍ତ ଟ୍ରେଲିଗ୍ରାମ୍ ଭଳି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଟ୍ରେଡିଂରେ ଅର୍ଥ ବିନିଯୋଗ ପାଇଁ ବିଜ୍ଞାପନ ଦେଉଥିଲେ। ସ୍ୱଳ୍ପ ନିବେଶରେ କମ ସମୟ ମଧ୍ୟରେ ଅଧିକ ଫେରସ୍ତ ମିଳିବାର ପ୍ରତିଶ୍ରୁତି ଦିଆଯାଉଥିଲା। ଏମିତିକି ନିବେଶକଙ୍କ ବିଶ୍ୱାସ ଜିଣିବା ପାଇଁ ପ୍ରଥମ ଦଫାରେ ତାଙ୍କୁ ଅଳ୍ପ କିଛି ଟଙ୍କା ଫେରସ୍ତ ମଧ କରୁଥିଲେ। ଏଥିରେ ପ୍ରଲୋଭିତ ହୋଇ ଏକସଂଗେ ମୋଟା ଅଙ୍କର ନିବେଶ କରିବାମାତ୍ରେ ତାଙ୍କର ଆକାଉଣ୍ଟ ବନ୍ଦ କରିଦେଉଥିଲେ। ଏହିଭଳି ଭାବେ ୩ ଅଭିଯୁକ୍ତ କୋଟି କୋଟି ଟଙ୍କା ଠକି ନେଇଥିଲେ। ଆଉ ଟଙ୍କା ଦେଣନେଣ ପାଇଁ ସେମାନେ ବ୍ୟବହାର କରୁଥିବା ମୂଳ ଆକାଉଣ୍ଟଗୁଡ଼ିକୁ ଉପରୋକ୍ତ ୪ଜଣ ବ୍ୟାଙ୍କ କର୍ମଚାରୀ ଖୋଲିଥିଲେ। ସେମାନେ ବିଭିନ୍ନ ଲୋକଙ୍କ ଅଜାଣତରେ ସେମାନଙ୍କର ପ୍ରମାଣପତ୍ର ଆଣି ମହାକାଳୀ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍, ପ୍ରିୟା ଫିଟେକ ଭଳି ବେନାମୀ କମ୍ପାନୀ ନାଁରେ କରେଣ୍ଟ ଆକାଉଣ୍ଟ ଖୋଲୁଥିଲେ। କାଗଜପତ୍ରରେ କମ୍ପାନୀ କାର୍ଯ୍ୟକ୍ଷମ ଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ସମ୍ପୃକ୍ତ କମ୍ପାନୀର ଚିହ୍ନବର୍ଣ୍ଣ ନଥିଲା। ଆଉ କିଛି ବନ୍ଦ ଥିବା ତଥା କାରବାର ହେଉନଥିବା ଆକାଉଣ୍ଟଗୁଡ଼ିକୁ ମଧ ଠକଙ୍କୁ ଦେଇଥିଲେ। ଏହା ବଦଳରେ ସେମାନେ ପ୍ରତି ଆକାଉଣ୍ଟ ପିଛା ୧୦ରୁ ୫୦ ହଜାର ଟଙ୍କା ବ୍ୟାଙ୍କର ଅଭିଯୁକ୍ତ କର୍ମଚାରୀ କମିଶନ ନେଉଥିଲେ। ଠକେଇ ଟଙ୍କା ପର୍ଯ୍ୟାୟକ୍ରମେ ଯେଉଁ ୧୦ରୁ ୧୫ଟି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେଉଥିଲା ସେସବୁ ଆକାଉଣ୍ଟ ଉପରୋକ୍ତ ୪ଜଣ ଅଭିଯୁକ୍ତ ଖୋଲିଥିଲେ। ସେହିପରି ଠକମାନେ ବ୍ୟାଙ୍କରୁ ଆଣିଥିବା ଜାଲ ପ୍ରମାଣପତ୍ରରେ ବିଭିନ୍ନ ଟେଲିକମ୍ ଦୋକାନରୁ ସିମକାର୍ଡ କିଣି ନେଉଥିଲେ। ପ୍ରତି ଠକେଇ ଘଟଣା ପରେ ଆକାଉଣ୍ଟ ବନ୍ଦ କରିଦେବା ସହିତ ସିମକାର୍ଡଗୁଡ଼ିକୁ ଭାଙ୍ଗି ଫିଙ୍ଗିଦେଉଥିବା ତଦନ୍ତରୁ ଜଣାପଡ଼ିଛି। ଏହିଭଳି ଭାବେ ଅଭିଯୁକ୍ତମାନେ ପୂର୍ବରୁ ବିହାର ସୁପାଉଲ ଏବଂ ଉତ୍ତରପ୍ରଦେଶ ଚାନ୍ଦୁଲି ଜିଲ୍ଲାର ୨ ଜଣଙ୍କୁ ଠକିଥିବା ଜଣାପଡିଛି। ସାଇବର ଥାନା ଏସିପି ସତ୍ୟଜିତ ଦାସ, ଇନ୍ସପେକ୍ଟର ରଶ୍ମିତା ଜେନା, ମଧୁପାଟଣା ଥାନା ଇନ୍ସପେକ୍ଟର୍ ଚିତ୍ତରଞ୍ଜନ ରାଉତ, ଇନ୍ସପେକ୍ଟର ଦେବୀପ୍ରସାଦ ସାହୁ, ଇନ୍ସପେକ୍ଟର ବିକାଶ କୁମାର ପଲେଇ, ଏସଆଇ ମୁଦ୍ରା ଯୁଧିଷ୍ଠିର, ଏଏସଆଇ ଆଶୁତୋଷ ଷଡଙ୍ଗୀକୁ ନେଇ ଗଠିତ ଟିମ୍ ଏହି ଗ୍ୟାଙ୍ଗକୁ ପର୍ଦ୍ଦାଫାସ କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

# ପି. ସାଇ ପ୍ରସାଦଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

ଭୁବନେଶ୍ୱର, ୧୦।୧(ସମିସ): ରାୟଗଡ଼ା ଜିଲ୍ଲା ରାୟଗଡ଼ା ମ୍ୟୁନିସିପାଲିଟି ଅନ୍ତର୍ଗତ ରୋହିତ କଲୋନୀର ପି. ସାଇ ପ୍ରସାଦଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି ବିଜେଡି। ଏନେଇ ଦଳ ପକ୍ଷରୁ ଶନିବାର ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 01, dated. 02.01.2026, I TILAI MINYAKA, W/o - Lala Minyaka, D/o - Lambudhar Mandiga , currently residing At - Bandikar, PO - Burja, PS - Laxmipur, Dist-koraput, Pin-765013 declare that SANJI MANDIGA and TILAI MINYAKA is one and same person. Henceforth, I shall be known as **TILAI MINYAKA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 03, dated 03.01.2026, I, LAXMISWAR MAJHI, S/o - Tiro Majhi, Residences of Village - Mentry, PO - Mentry, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Son from DEBENDRA MAJHI to DHARMENDRA KUMAR MAJHI. Henceforth, he shall be known as DHARMENDRA KUMAR MAJHI for all purposes.

**Sd/- Laxmiswar Majhi**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର CAOCRSPBBS-39-2025 ତା.05.01.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟନା ମେନ୍ ଲାଇନରେ ଝାଡୁପୁଡ଼ି-ଇଚ୍ଛାପୁରମ ରେଳ ଷ୍ଟେସନ ମଧ୍ୟରେ ରେଲୱେ ଚେନେଜ୍ 631/22-24 ଠାରେ ଲେଭେଲ କ୍ରସିଙ୍ଗ୍-333 ପରିବର୍ତ୍ତେ 2 X 18.0 ମିଟର କମ୍ପୋଜିଟ୍ ଗର୍ଡ଼ର + 1 X 60.0 ମିଟର କ୍ୟାମେଲ୍ ବ୍ୟାକ୍ ଗର୍ଡ଼ର ସ୍ପାନ୍‌ର ରୋଡ୍ ଓଭର ବ୍ରିଜ୍ (ROB) ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 66,48,28,422.08, EMD : ₹ 34,74,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.02.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B.G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର

PR-226/CI/25-26

**AFFIDAVIT**

I, Madhab Chandra Meher, aged about 39 years, S/o- Mohan Meher, resident of Ulunda, Po- Ulunda, Ps- Ulunda, Dist- Subarnapur, Odisha, Pin- 767062, do hereby declare by this affidavit No.87, dtd- 10/01/2026, that now onwards I shall be known as **MADHABA CHANDRA MEHER** for all future purposes.

**AFFIDAVIT**

I, Zubeda Begum, aged about 68 years, W/o- Mohammed Ashraff Saheb, resident of Sunari Sahi, Po- Nabarangpur, Ps- Nabarangpur, Dist- Nabarangpur, Odisha, Pin- 764059, do hereby declare by this affidavit No. 86, dtd- 10/01/2026, that now onwards I shall be known as **JUBEDA BEGUM** for all future purposes.

**AFFIDAVIT**

I, Pravati Chaini, W/o- Pabitra Mohan Chaini, resident of Birat Bazar, Charbatia, Choudwar, Dist- Cuttack, Pin- 754028, Odisha, do hereby declare by this affidavit No. 332, dated- 10/01/2026, that now onwards I shall be known as **PRABHATI CHAINI** for all future purposes.

**PUBLIC NOTICE**

It is herewith informed that, I the undersigned being the absolute recorded owner as per Mutation ROR in respect of Mutation Khata No. 1988/1873, Plot No 8819/9813, Area Ac0.090 decimal. with Status – Stitiban, Kisam –Gharabari (Homestead) under Mouza- Ghatikia , PS- Chandaka in Khurda District. That due to negligence the original Regd. Sale Deed No.9507 Dt.22.12.1988 under Revenue Mouza- Ghatikia executed in favour of Mr. Gurudutta Ray, Mr. Debadutta Ray and Mr. Prabhudutta Ray, S/o Late Baikunthnath Ray as the previous link document was misplaced somewhere from my custody in the locality of Ghatikia, area at Bhubaneswar and as I am unable to trace/find the same despite my best efforts. Neither I nor my family members have not created any type of mortgage/charge/lien with any bank or financial institutions by depositing the said document/s in respect of the property as mentioned above. That the Punjab National Bank, Bapuji nagar Branch, Bhubaneswar have in principle agreed to sanctioned to advance a housing loan in favour of Bhumika Ray, D/o Mr. Gurudutta Ray against the security of above said immovable property and if any individual, Bank, Financial Institution is holding the said document/s in original as security for any mortgage/loan granted, they are requested to inform the **Punjab National Bank, Bapuji Nagar Branch, Bhubaneswar (Mob. No.7978840128)** within 15 days from the date of Publication of notice/advertisement relating to the above property.

**Bhumika Ray, D/o Mr. Gurudutta Ray**
**Plot No.-1504, At.-Mahanadi Vihar, PO.-Nayabazar,**
**PS.-Chauliaganj, District- Cuttack-753004, Odisha**

**LOST**

I, **Nandkumar Nana Khatake,** aged about 52years, S/o: Nana Khatake, At: Biswanath Lane, Balu Bazar, PO: Chandinichowk, PS.: Lalbag, Dist.: Cuttack, Odisha and Permanent resident At: Khatake Vasti, PO/PS: Lingivare, Sangli, Maharashtra-415315, I am the owner of the property bearing Khata No.: 767/7792, Plot No.: 1009/5273 of an Area: Ac.0.027dec., Kissam: Gharabari, Khata No.: 767/7797, Plot No.: 1007/4245 of an Area: Ac.0117, Kissam No.: 767/7793, Plot No.: 1009 of an Area: Ac.0.018dec., Kissam: Gharabari & Khata No.: 767/8312, Plot No.: 1007/5844 of an Area: Ac.0.0052 dec., Kissam: Gharabari of Mouza: Sribantapur, PS: Cuttack Sadar, Tahasil: Baranga, Dist.: Cuttack. That, the said link documents i.e. sale deed vide No. 11831800962 on dtd. 05.07.2018 in favour of Pabitra Ku. Sahoo, ROR bearing Khata No.: 767/1333 of Pabitra Ku. Sahoo, Sale Deed vide No. 11832303241 on dtd. 27.09.2023 in favour of Chandramani Rout, ROR bearing Khata No. 767/2682 of Chandramani Rout, Sale Deed vide No. 11831600834 on dtd. 25.06.2016 of Sudarsan Dhal, ROR bearing Khata No. 767/1124 of Sudarsan Dhal, Sale Deed vide No. 11832303230 on dtd. 27.09.2023 of Chandramani Rout, ROR bearing Khata No. 767/2683 of Chandramani Rout, Sale Deed vide No. 11831900294 on dtd. 08.02.2019 of Dillip Ku. Kar, Sale Deed vide No. 11832401051 on dtd. 21.03.2024 of Chandramani Rout & ROR bearing Khata No. 767/2316 of Chandramani Rout were lost somewhere from my custody and despite all diligent search by me the same could not be found. The loan and even thereafter till any claims of the Bank arising out of this declaration are fully settled. I have not taken any loan from any bank. Any person claiming any interest or title in the property or otherwise having any objection can make representation to Contact Adv. Fagu Samal-9438670857 within 15 days of this notice.



# ବାଇସ୍କୋପ୍





## ଜାନୁଆରୀ ୧୪ରେ ‘ବାପାଙ୍କ ସ୍ୱପ୍ନ’

ଜାନୁଆରୀ ୧୪ ମକର ସଂକ୍ରାନ୍ତି ଅବସରରେ ସୁଧାକର ପିକଚର୍ସ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେବ ନୂଆ କ୍ଷୁଦ୍ର ସିନେମା ‘ବାପାଙ୍କ ସ୍ୱପ୍ନ’ । ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ଲେଖିଛନ୍ତି ମନୋରଞ୍ଜନ ରାଉଳ । ସନ୍ତୋଷ ନାୟକ ଗୀତ ରଚନା କରିଥିବା ବେଳେ ସଂଗୀତରେ ଅଛନ୍ତି ଶାନ୍ତନୁ ନାୟକ । ଏଥିରେ ପପି ସନ୍ତୁକା ମୁଖ୍ୟ ଚରିତ୍ରରେ ଅଛନ୍ତି । ସତ୍ୟବ୍ରତ ଓଝା, କନକଲତା ମଧ୍ୟ ଅଭିନୟ କରିଛନ୍ତି । ସେହିପରି ସିନେମାରେ ନୂଆ ମୁହଁ ମନୋଜ କୁମାର ପ୍ରଧାନଙ୍କୁ ସୁଧାକର ପରିଚିତ କରାଇଛନ୍ତି । ସିନେମାଟିର କାହାଣୀକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି ।

## ‘ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ’ ହେବ ଆକର୍ଷଣୀୟ



ଜୀ ସାର୍ଥକରେ ପ୍ରସାରିତ ହେଉଛି ‘ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ’ । ପ୍ରଥମ ଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରେଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିଛି ଏହି ଡାନ୍ସ ରିଆଲିଟି ଶୋ । ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ଦୁଇଟି ଦଳ ଗଠନ କରିଛନ୍ତି । ଯାହାର ନାମ ହେଲା ‘ରଙ୍ଗବତୀ ୨. ୦’ ଆଉ ‘ଲଚକମଣି ୨.୦’ । ଯେଉଁମାନେ ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଥିମ୍ ରାଉଣ୍ଡରେ ପ୍ରତିଯୋଗିତା କରି ଦର୍ଶକଙ୍କ ମନ ଜିତିଛନ୍ତି । ଯେଉଁଥିପାଇଁ ଜୀ ସାର୍ଥକ ଟିମ୍ ତା’ର ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଛି । ସେଲିବ୍ରେଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ସୋନାଲିସା, ସୁଲଗ୍ନା, ହିତେସା ଓ ମାନସୀ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ସ ଯୋଡ଼ିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିଛନ୍ତି ଏକ ନୂତନ ଅନୁଭୂତି । ଏହି ଶୋ’କୁ ଲୋକପ୍ରିୟ ଆଙ୍କର ସୁଜିତ ପାଇକରାୟ ପରିଚାଳନା କରିବା ସହ ବିଚାରକଙ୍କ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି । ରାଜୁ ଦାସଙ୍କ କମେଡି ତଡ଼କା ଦର୍ଶକଙ୍କୁ ଦେଇଛି ସମ୍ପୂର୍ଣ୍ଣ ନୂଆ ଅନୁଭୂତି ।



## ସାମନ୍ଥାଙ୍କ ଆକ୍ସନ

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ‘ମା ଇନ୍‌ଟି ବଙ୍ଗରାମ୍’ର ଟିଜର୍ ରିଲିଜ୍ ହୋଇଛି । ଏହି ଟିଜର୍‌ରେ ସାମନ୍ଥାଙ୍କ ଦମ୍‌ଦାର ତଥା ଭୟାନକ ଆକ୍ସନ ଦୃଶ୍ୟ ଦେଖିବାକୁ ମିଳିଛି । ବଡ଼ ବଡ଼ ଭୟଙ୍କର ଆକ୍ସନ ଦୃଶ୍ୟକୁ ବେଶ ସହଜରେ କରିଥିବା ଟିଜର୍‌ରେ ନଜର ଆସିଛନ୍ତି । ଏହାକୁ ଦେଖି ଦର୍ଶକେ ସାମନ୍ଥାଙ୍କର ଖୁବ୍ ପ୍ରଶଂସା କରୁଛନ୍ତି । ଏହି ଫିଲ୍ମର ଟିଜର ତଥା ଟ୍ରେଲରର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଭାଇରାଲ ହେଉଛି । ଅନ୍ୟପଟେ ସିନେମାର ଟିଜର୍‌ରୁ ଫିଲ୍ମକୁ ନେଇ ଅଧିକ ଉତ୍ସୁକତା ଦର୍ଶକଙ୍କ ମଧ୍ୟରେ ବୃଦ୍ଧି ପାଇଛି ।

## ଫେବୃଆରୀରେ ‘ଓ ରୋମିଓ’ ରିଲିଜ୍

ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଆଗାମୀ ନୂଆ ସିନେମା ‘ଓ ରୋମିଓ’ର ପୋଷ୍ଟର୍ ରିଲିଜ୍ ହୋଇଛି । ତେବେ ନିଜେ ଅଭିନେତା ଏହାର ପୋଷ୍ଟର୍ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଏହାସହିତ ଏହାର ରିଲିଜ୍ ତାରିଖ ସମ୍ପର୍କରେ କହିଛନ୍ତି । ସେହିପରି ସିନେମାର ପୋଷ୍ଟର୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଏହି ସିନେମାରେ ଶାହିଦ୍‌ଙ୍କ ସହିତ ତୃପ୍ତୀ ଡିମରି, ନାନା ପାଟେକର, ଅବିନାଶ ତିୱାରୀ, ତମନ୍ନା ଭାଟିଆ, ବିକ୍ରାନ୍ତ ମେସି ଦିଶା ପଟାନି ଏବଂ ଫରିଦା ଜଲାଲ ନଜର ଆସିବେ । ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଫେବୃଆରୀ ୧୩ରେ ପ୍ରେକ୍ଷାଳୟକୁ ଆସିବ ।





## ଖୁସିଙ୍କ ବ୍ରେକ୍‌ଅପ୍

ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁରଙ୍କ ବ୍ରେକ୍‌ଅପ୍ ହୋଇଛି । ସେ ଦୀର୍ଘ ସମୟ ହେବ ବେଦାଙ୍ଗ ରୈନାଙ୍କ ସହିତ ସମ୍ପର୍କରେ ଥିଲେ । ହେଲେ ଏବେ ଚର୍ଚ୍ଚା ହେଉଛି ଦୁହିଁଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଛି । ଦୁହେଁ ଏକାଠି ‘ଆର୍ଚିଜ୍’ରେ କାମ କରିଥିଲେ । ଏହି ସିନେମାରୁ ହିଁ ଦୁହେଁ ବଲିଉଡ୍‌କୁ ଡେବ୍ୟୁ କରିଥିଲେ । ସେହିପରି ଏହି ସିନେମାରୁ ଦୁହେଁ ସମ୍ପର୍କରେ ଥିବା ଆଲୋଚନା ହେଲା । ଦୁଇ ବର୍ଷ ମଧ୍ୟରେ ଦୁହିଁଙ୍କୁ ଏକାଠି ଅନେକ ଇଭେଣ୍ଟ, ପାର୍ଟି ଏବଂ ପାରିବାରିକ ଉତ୍ସବରେ ଦେଖିବାକୁ ବି ମିଳିଥିଲା । ଅବଶ୍ୟ ବ୍ରେକ୍‌ଅପ୍‌କୁ ନେଇ ବେଦାଙ୍ଗ ଓ ଖୁସି ଏଯାଏଁ କିଛି କହି ନାହାନ୍ତି ।

## ନାଗିନ୍-୭’ରେ ପ୍ରିୟଙ୍କା



ଟେଲିଭିଜନର ଲୋକପ୍ରିୟ ଶୋ’ ‘ନାଗିନ୍’ର ୬ଟା ସିଜନ୍‌କୁ ଦର୍ଶକୀୟ ଆଦୃତି ମିଳିଛି । ଏବେ ଆସିବାକୁ ଯାଉଛି ଏହାର ସିଜନ୍-୭ । ତେବେ ‘ନାଗିନ୍-୭’ରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ପ୍ରିୟଙ୍କା ଚାହର ଚୌଧରୀ । ଏଥିରେ ତାଙ୍କୁ ଇଚ୍ଛାଧାରୀ ନାଗିନ୍ ଚରିତ୍ରରେ ଦେଖିବାକୁ ମିଳିବ । ଏହି ଶୋ’ରେ ସାମିଲ ହୋଇ ସେ ଗର୍ବ ଅନୁଭବ କରୁଥିବା କହିଛନ୍ତି । ସେହିପରି ପ୍ରିୟଙ୍କା ଏହି ଚରିତ୍ର ଲାଗି ଖୁବ୍ ପରିଶ୍ରମ କରୁଥିବା କହିଛନ୍ତି । ତାଙ୍କ ମତରେ, ଜଣେ କଳାକାର ଭାବେ ସବୁବେଳେ ନିଜ ଅଭିନୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ । ତା’ସହ କାହାରି ସହିତ ନିଜକୁ ତୁଳନା ନ କରି ଅନ୍ୟମାନଙ୍କ ସମାଲୋଚନାରେ ପ୍ରଭାବିତ ହେବା କଥା ନୁହେଁ । ସେହିପରି ତୁଳନାକୁ ସବୁବେଳେ ସକାରାତ୍ମକ ଭାବେ ଗ୍ରହଣ କରିବା ଦରକାର ବୋଲି ସେ କହିଛନ୍ତି । ଅନ୍ୟପଟେ ପ୍ରିୟଙ୍କାଙ୍କ ସମେତ ଈଶା ସିଂହ, ସାହିଲ, ବିହାନ ବର୍ମା, ପ୍ରତୀକ୍ଷା ରାୟ, ନିବେଦିତା ପଲ୍ ପ୍ରମୁଖ ନଜର ଆସିବେ ।

## “ଅଭିନୟ ମୋ ପେଶା ଓ ନିଶା”

### ସୌମ୍ୟ ସ୍ୱରୂପ ପାଢ଼ୀ, ଅଭିନେତା

ଅଭିନୟ ଗଣତନ୍ତ୍ର ସଦୃଶ । ଏହା ଦର୍ଶକମାନଙ୍କର, ଦର୍ଶକମାନଙ୍କ ଦ୍ୱାରା ଏବଂ ଦର୍ଶକମାନଙ୍କ ପାଇଁ । ଏହି ମନ୍ତ୍ରକୁ ପାଥେୟ କରିଛନ୍ତି ଅଭିନେତା ସୌମ୍ୟ ସ୍ୱରୂପ ପାଢ଼ୀ । ଫୁଲବାଣୀରେ ତାଙ୍କର ଜନ୍ମ । ବ୍ରହ୍ମପୁରରେ ସେ ବଡ଼ ହୋଇଛନ୍ତି । ଶ୍ରଦ୍ଧାରେ ସମସ୍ତେ ତାଙ୍କୁ ବୁନୁ ଡାକନ୍ତି । ତେବେ ଭବିଷ୍ୟତରେ କ୍ରିକେଟର୍ ହେବାକୁ ସେ ସ୍ୱପ୍ନ ଦେଖୁଥିଲେ । ହେଲେ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ଅଭିନୟ ଜଗତକୁ । ବିଟେକ୍ ପଢ଼ିବା ସମୟରେ ସେ ଅଭିନେତା ଅଜିତ ଦାସଙ୍କ ଥିଏଟର୍‌ରେ ଯୋଗ ଦେଲେ । ‘ଏକା’, ‘ସାହାଯ୍ୟକାରିଣୀ’ ଆଦି ନାଟକରେ ଅଭିନୟ କରିଛନ୍ତି । ପରେ ଏକ ରିଆଲିଟି ଶୋ’ ମାଧ୍ୟମରେ ଧାରାବାହିକକୁ ଏଣ୍ଟ୍ରି କରିଥିଲେ । ଟେଲି ସିନେମାରେ ବି ସେ କାମ କରିଛନ୍ତି । ଏବେ ‘ମୋ ସିନ୍ଦୂରର ଅଧିକାର’ରେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଛନ୍ତି । ସୌମ୍ୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।



**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● କ୍ରିକେଟ୍ ଖେଳ ପ୍ରତି ଦୁର୍ବଳତା ରହିଥିଲା । ଏଥିରେ କ୍ୟାରିୟର୍ ନଥିବା ଚିନ୍ତା କରି ବିଟେକ୍ ପଢ଼ିବା ସମୟରେ ସ୍ୱର୍ଗତ ଅଜିତ ସାର୍‌ଙ୍କ ‘ଅଜିତ୍ ନାଟ୍ୟ ସଂସ୍ଥା’ରେ ଅଭିନୟ ପାଇଁ ତାଲିମ ନେଇଛି । ତାଙ୍କ ମାର୍ଗଦର୍ଶନରେ ବିଭିନ୍ନ ମଞ୍ଚରେ ଡ୍ରାମା କରିବାକୁ ସୁଯୋଗ ପାଇଛି । ପରେ ‘ତରଙ୍ଗ’ ଚ୍ୟାନେଲ୍‌ରେ ‘ବିଗ୍ ବ୍ରେକ୍’ ରିଆଲିଟି ଶୋ’ରେ ଯୋଗ ଦେଇଥିଲି । ଏହି ପ୍ଲାଟଫର୍ମ ଆଗକୁ ଯିବାକୁ ମୋତେ ସୁଯୋଗ ଦେଲା । ‘ତ୍ରିଲୋଚନୀ ଗୌରୀ’ ମୋର ପ୍ରଥମ ଧାରାବାହିକ । ଏଥିରେ ଡାକ୍ତର ଶଙ୍କର ଚରିତ୍ର ପାଇଁ ମୋତେ ଶ୍ରେଷ୍ଠ ନବାଗତ ପୁରସ୍କାର ମିଳିଥିଲା ।

**ନାୟକରୁ ହଠାତ୍ ଖଳନାୟକ କାହିଁକି ସାଜିଲେ ?**

● ‘ତ୍ରିଲୋଚନୀ ଗୌରୀ’ ପରେ ‘ରାଜଯୋଗ’ରେ ଖଳନାୟକ ସିଦ୍ ଭାବେ ନଜର ଆସିଥିଲି । ନାୟକ ଆଉ ଖଳନାୟକ ଉଭୟ କାହାଣୀର ମୁଖ୍ୟ ଚରିତ୍ର । ଏହି ଭୂମିକା ନିଭାଇବାକୁ କିଛି ଚରିତ୍ରକୁ ଗଭୀର ଭାବେ ତର୍ଜମା କଲି । ବଡି ଲାଙ୍ଗୁଏଜରେ ପରିବର୍ତ୍ତନ ଆଣିଥିଲି । ମୁଁ ଜଣେ ମଞ୍ଚ ଅଭିନେତା ହୋଇଥିବାରୁ ମୂଳଦୁଆ ସୁଦୃଢ଼ ଥିଲା । ଖଳନାୟକ ଚରିତ୍ର କରିବାକୁ ସମସ୍ୟା ହୋଇ ନ ଥିଲା । ଏଥିରେ ମୁଁ ଘରର ସାନ ପୁଅ ଥିଲି । ପ୍ରେମର ପ୍ରତିଶୋଧ ନେବାକୁ ଖଳନାୟକ ସାଜିଛି । ଦର୍ଶକଙ୍କୁ ଖଳନାୟକ ଚରିତ୍ରଟି ବହୁତ ପସନ୍ଦ ଆସିଥିଲା । ଏଥିପାଇଁ ଶ୍ରେଷ୍ଠ ଖଳନାୟକ ଭାବେ ସମ୍ମାନିତ ହୋଇଥିଲି ।

**‘ସିନ୍ଦୂରର ଅଧିକାର’ରେ ଆପଣଙ୍କ ଭୂମିକା?**

● ଏଥିରେ ମୁଁ ବିବେକ ଭୂମିକାରେ ଅଭିନୟ କରୁଛି । ହିରୋଇନ୍‌ର ଭାଇ ହୋଇଥିବାରୁ ମୁଁ ମୋ ଭଉଣୀକୁ ଲଢ଼ିବା ଓ ନ୍ୟାୟ ଦେବାକୁ ସର୍ପୋଟ କରୁଛି ।

**ସ୍ମରଣୀୟ ମୁହୂର୍ତ୍ତ?**

● ରାଜଯୋଗ ଧାରାବାହିକ ସରିବାର ଦିନକ ପରେ ଟେଲି ସିନେମା ‘ସ୍ୱୟମ୍ବର’ ସୁଟିଂ ଆରମ୍ଭ ହୋଇଥିଲା । ମୁଁ ଭାଗ୍ୟଶାଳୀ ଯେ ଏମିତି ଏକ ସୁଯୋଗ ମିଳିଥିଲା । ବହୁତ ଖୁସି ଥିଲି । ଖଳନାୟକ ପରେ ଦର୍ଶକ ପୁଣି ନାୟକ ଭୂମିକାକୁ ଆପଣାଇଥିଲେ ।

**ଅଭିନୟ କରି କେବେ ଥକି ପଡ଼ିଛନ୍ତି କି ?**

● ଯେଉଁ କାମ ଖୁସି ଦିଏ ସେଥିରେ ଥକ୍କିବାର ପ୍ରଶ୍ନ ଉଠୁନାହିଁ । ମୋ ଗୁରୁ ମୋତେ ଶିଖାଇଛନ୍ତି ଯେ, କାମ ପ୍ରତି ଭଲ ପାଇବା ଥିଲେ କଷ୍ଟ ଜଣାପଡ଼େନି । ତେଣୁ ଅଭିନୟ ମୋ ପାଇଁ ନିଶା ଆଉ ପେଶା ।

**ଆଗାମୀ ଯୋଜନା?**

● ଇଚ୍ଛା ଅଛି ବଡ଼ ପରଦା ପାଇଁ ଅଭିନୟ କରିବି । ଏଥିପାଇଁ ବ୍ୟକ୍ତିଗତ ଭାବେ ମୋ’ ନିଜକୁ ପ୍ରସ୍ତୁତ କରୁଛି । ସୁଟିଂ ଭିତରେ ଅଭ୍ୟାସ ଜାରି ରହିଛି । ଆଉ ଗୋଟେ କଥା କହିବାକୁ ଚାହିଁବି, ଦର୍ଶକ ପରଦାରେ ମୋତେ ପ୍ରଥମେ ଦେଖିବା ସମୟରେ ଯେତିକି ଉତ୍ସାହିତ ଥିଲେ, ସେହି ଭଲ ପାଇବା ସବୁବେଳେ ଥାଉ । ଦର୍ଶକ ମୋ’ ପାଇଁ ଭଗବାନ ।

**ସୁଟିଂ ନଥିଲେ କ’ଣ କରନ୍ତି?**

● ସୁଟିଂ ନଥିଲେ । ମୁଁ କ୍ରିକେଟ ଖେଳେ । ଗାଁ’ର ଫାର୍ମ ହାଉସକୁ ଯାଏ । ଫିଟ୍ ରହିବାକୁ ପ୍ରକୃତି କୋଳରେ ସମୟ ବିତାଇଏ । ମାମା ସହିତ ସମୟ ଅତିବାହିତ କରେ । ପୌରାଣିକ ବିଷୟବସ୍ତୁ ରାମାୟଣ, ମହାଭାରତ, ଗୀତା ପଢ଼େ । କାରଣ ଆମ ଜୀବନର ସବୁ ସମସ୍ୟାର ସମାଧାନ ଭଗବଦ୍ ଗୀତାରେ ରହିଛି ।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ’ଣ କହିବେ?**

● ଯଦି ଜଣେ ଅଭିନୟରେ ନିଖୁଣ ହେବାକୁ ଚାହୁଁଛି ତାକୁ ପ୍ରଥମେ ରାମାୟଣ ଓ ମହାଭାରତ ବିଷୟରେ ଗଭୀର ଜ୍ଞାନ ଆହରଣ କରିବା ଦରକାର । ମୂଳଦୁଆକୁ ସୁଦୃଢ଼ କରିବା ନିହାତି ଦରକାର । ଭଲ କଳାକାର ତ ସମସ୍ତେ ହୋଇପାରିବେ । ହେଲେ ପ୍ରଥମେ ଭଲ ମଣିଷ ହୁଅନ୍ତୁ । କଳାକାରଟି ଅଭିନୟ ଦର୍ଶକଙ୍କ ପାଇଁ କରେ । ଦର୍ଶକ ଏହାକୁ କିପରି ଗ୍ରହଣ କରୁଛନ୍ତି ତାହା ମଧ୍ୟ ଗୁରୁତ୍ୱ ବହନ କରେ ।

### ପରଦା ପଛର କାହାଣୀ

## ଖାରଜ କାହାଣୀରୁ ହିଟ୍ ଫିଲ୍ମ

ଫିଲ୍ମରେ ସ୍କ୍ରିପ୍ଟ ବା କାହାଣୀର ହାତଲେଖା ଖାରଜ ବା ଅମନୋନୀତ ହେବା ସାଧାରଣ କଥା । ବଲିଉଡ୍‌ର ସ୍କ୍ରିପ୍ଟ ବାରମ୍ବାର ଖାରଜ ହେବା ପରେ ମଧ୍ୟ ଅନେକ ଫିଲ୍ମ ତିଆରି ହୋଇଛି । ହେଲେ ରିଜେକ୍ଟ ସ୍କ୍ରିପ୍ଟ ପଛରେ ପ୍ରଯୋଜକମାନେ ଟଙ୍କା ଖର୍ଚ୍ଚ କରିବାକୁ ପସନ୍ଦ କରନ୍ତିନି । ତେବେ ୭୦ ଦଶକରେ ଏକ ଫିଲ୍ମ ଥିଲା, ଯାହାର କାହାଣୀ ବାରମ୍ବାର ରିଜେକ୍ଟ ହେବା ପରେ ମଧ୍ୟ ଫିଲ୍ମ ସୁପରହିଟ୍ ହୋଇଥିଲା । ଏହି ଫିଲ୍ମଟି ଥିଲା ୬ ଫେବୃଆରୀ ୧୯୭୬ ମସିହାରେ ମୁକ୍ତିଲାଭ କରିଥିବା ‘କାଳିଚରଣ’ । ଏଥିରେ ଶତ୍ରୁଘ୍ନ ସିହ୍ନା, ରୀନା ରାୟ, ପ୍ରେମନାଥ ଅଜିତ୍, ମଦନପୁରୀ ଏବଂ ଡ୍ୟାନି ଡେନଜୋଙ୍ଗପା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଏହି ଫିଲ୍ମର ନିର୍ଦ୍ଦେଶନା ସୁବାଷ ଘାଇ ଦେଇଥିଲେ । ଫିଲ୍ମର କାହାଣୀ ସୁବାଷ ଘାଇ, ଭରତ ବି, ଭଲ୍ଲା ଲେଖିଥିବାବେଳେ, ଏହାର ଡାଏଲଗ୍ ଜୈନେନ୍ଦ୍ର ଜୈନ ଲେଖିଥିଲେ । ପ୍ରକାଶ ମେହରା, ୟେଶ୍ ଚୋପ୍ରାଙ୍କ ଭଳି ନାମୀଦାମୀ ପ୍ରଯୋଜକଙ୍କୁ କାହାଣୀ ଶୁଣାଇଥିଲେ । କିନ୍ତୁ କେହି ହେଲେ ଏହି ଫିଲ୍ମରେ ଟଙ୍କା ନିବେଶ କରିବାକୁ ଚାହୁଁ ନ ଥିଲେ । ପରବର୍ତ୍ତୀ ସମୟରେ ପ୍ରଯୋଜକ ଏନ୍. ଏନ୍. ସିପି ତାଙ୍କୁ ଭେଟିବାକୁ ଡାକିଥିଲେ । ତାଙ୍କୁ ଏହି ଖାରଜ କାହାଣୀଟି ପସନ୍ଦ ଆସିଥିଲା । ସିପି ଚାରିଦିନ ପରେ ପୁଣି ଥରେ ଏହି ସ୍କ୍ରିପ୍ଟ ଶୁଣିଥିଲେ । ଆଉ ଫିଲ୍ମର ନିର୍ଦ୍ଦେଶନା ସୁବାଷ ଘାଇ ଦେବେ ବୋଲି କହିଥିଲେ । ସେହିପରି ସୁବାଷ ଏଥିରେ ଅଭିନୟ କରିବା ପାଇଁ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ ନାଁ ନେଇଥିଲେ । ସେହି ସମୟରେ ସେ ଖଳନାୟକ ଭୂମିକାରେ ଅଭିନୟ କରୁଥିଲେ । ତେଣୁ ସେ ଏହି ଫିଲ୍ମକୁ ଛାଡ଼ିବାକୁ ଭାବିଥିଲେ । କିନ୍ତୁ ସିପି ଏଥିପାଇଁ ତାଙ୍କୁ ମାର୍କେଟ୍ ଅନୁଯାୟୀ ଅଧିକ ଟଙ୍କା ଦେଇଥିଲେ । ଫଳରେ ସେ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ । ଫିଲ୍ମ ସମେତ ଏଥିରେ ଥିବା ଗୀତ ଏବଂ ସଂଳାପ ମଧ୍ୟ ସୁପରହିଟ୍ ହୋଇଥିଲା । ତେବେ ଆଶ୍ଚର୍ଯ୍ୟର କଥା ବାରମ୍ବାର ଖାରଜ ହୋଇଥିବା କାହାଣୀକୁ ନେଇ ନିର୍ମିତ ଫିଲ୍ମ ‘କାଳିଚରଣ’ ହିଟ୍ ହୋଇଥିଲା ।



**ରୋହିତ-କୋହଲି ମୁଖ୍ୟ ଆକର୍ଷଣ**

# ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍ ଆଜିଠାରୁ

ଭଦୋଦରା,୧୦।୧(ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଘରୋଇ ଭାରତ ମଧ୍ୟରେ ଆସନ୍ତାକାଲିଠାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଅନ୍ତର୍ଜାତୀୟ କ୍ରିକେଟରେ ଖେଳାଯାଉଥିବା ୩ଟି ଫର୍ମାଟ ମଧ୍ୟରୁ ଏହି ଫର୍ମାଟର ବିଶେଷ ଗୁରୁତ୍ୱ ନାହିଁ। ଏଥିରେ କିନ୍ତୁ ଗତ ଏକ ଦଶନ୍ଧି ଧରି ଭାରତୀୟ କ୍ରିକେଟ ଦଳର କେନ୍ଦ୍ରବିନ୍ଦୁ ସାଜିଥିବା ବିରାଟ କୋହଲି ଏବଂ ରୋହିତ ଶର୍ମା ଭାରତ ପକ୍ଷରୁ ଏହି ସିରିଜ୍ ଖେଳୁଛନ୍ତି। ଉଭୟ ଖେଳାଳି ହିଁ ଏହି ଫର୍ମାଟରେ ସାଜିଛନ୍ତି ମୁଖ୍ୟ ଆକର୍ଷଣ। ଦୀର୍ଘ ୨୨ ଦିନ ପରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଯାଉଛି। ଭାରତୀୟ କ୍ରିକେଟ ଲାଗି ବାଣିଜ୍ୟିକ ସଂସ୍ଥାଗୁଡ଼ିକ ଯେଉଁ କ୍ଷତି ସହିଛନ୍ତି ତାହାକୁ ପୂରଣ କରିବା ଲାଗି ଜୋରରେ ଲାଗି ପଡ଼ିଛନ୍ତି। ଏଭଳି ସ୍ଥିତିରେ ନ୍ୟୁଜିଲାଣ୍ଡ ଏକ ଦୁର୍ବଳ ଦଳ ସହ ଏହି ସିରିଜ୍ ଖେଳିବାକୁ ଆସିଛି। ନ୍ୟୁଜିଲାଣ୍ଡ ସିନିଅର ଦଳରେ ସ୍ଥାନ ପାଇବାକୁ ସଂଘର୍ଷ କରୁଥିବା ୩୫ ବର୍ଷୀୟ ଅଲରାଉଣ୍ଡର ମାଇକେଲ ବ୍ରେସ୍‌ୱେଲ ଦଳର ନେତୃତ୍ୱ ନେଉଛନ୍ତି। ଦୁଇବର୍ଷ ପୂର୍ବେ ହାଇଦରାବାଦ୍‌ରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ବ୍ରେସ୍‌ୱେଲ ୧୪୦ ରନ୍ କରି ହାରିଯାଉଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଜିତାଇଥିଲେ। ଏହା ପରେ ସେ କେବଳ ବୋଲିଂରେ କିଛିଟା କମାଲ ଦେଖାଇଛନ୍ତି। ଏହି ଦଳରେ ସ୍ଥାନ ପାଇଥିବା ୧୫ଖେଳାଳିଙ୍କ ମଧ୍ୟରୁ ୮ଜଣ ଭାରତରେ ଖେଳିବାର ଅଭିଜ୍ଞତା ନାହିଁ। ୨ଜଣ ଖେଳାଳି ଅନ୍ତର୍ଜାତୀୟ ପଦାର୍ପଣ କରିନାହାନ୍ତି। ଜଣେ ଖେଳାଳି ଆଦୌ ଦିନିକିଆ ମ୍ୟାଚ୍ ଖେଳିନାହାନ୍ତି। ୫ଜଣ ଖେଳାଳି ୧୦ରୁ କମ୍ ମ୍ୟାଚ୍ ଖେଳିଛନ୍ତି। ସିନିଅର ଏବଂ ନିୟମିତ ଖେଳାଳିଙ୍କ ମଧ୍ୟରୁ ମିଚେଲ ସାଣ୍ଟନର, ମ୍ୟାଟ ହେନେରୀ ଓ ମାର୍କ ଚାପ୍‌ମ୍ୟାନ୍ ଆହତ ସମସ୍ୟାରୁ ଧୀରେ ଧୀରେ ସୁସ୍ଥ ହେଉଛନ୍ତି।



ୱିଲିୟମ ଓ’ରୁର୍କୀ ଓ ନାଥାନ ସ୍ମିଥ୍ ଏଯାଏ ଫିଟ୍ ହୋଇନାହାନ୍ତି। ବାପା ହେବାକୁ ଯାଉଥିବାରୁ ଟମ୍ ଲାଥମ ଛୁଟିରେ ଅଛନ୍ତି। ତାରକା ଖେଳାଳିଙ୍କୁ ନ୍ୟୁଜିଲାଣ୍ଡ କ୍ରିକେଟ ରିଟେନ କରିନାହିଁ। ସାଉଥଆଫ୍ରିକା-ଟି୨୦ ଖେଳୁଥିବାରୁ କେନ୍ ୱିଲିୟମସନଙ୍କୁ ଏହି ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏହା ସତ୍ତ୍ୱେ ଦିନିକିଆ କ୍ରିକେଟରେ ନ୍ୟୁଜିଲାଣ୍ଡ କ୍ରମାଗତ ୯ଟି ମ୍ୟାଚରେ ଅପରାଜେୟ ରହିଛି। ଆଉ ଗୋଟିଏ ମ୍ୟାଚ୍ ଜିତିଲେ ଭ୍ରମଣକାରୀ ଦଳ ରେକର୍ଡ କରିବ।

**ଖେଳ ଆରମ୍ଭ: ଅପରାହ୍ଣ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଅନ୍ୟପକ୍ଷରେ ଘରୋଇ ଦଳ ଭାରତ ଦିନିକିଆ କ୍ରିକେଟରେ ବେଶ ଶକ୍ତିଶାଳୀ। ଏହି ଦଳରେ ବିଶ୍ୱର ଦୁଇ ସୁପରଷ୍ଟାର ‘ରୋ-କୋ’ ବା ରୋହିତ ଶର୍ମା ଓ ବିରାଟ କୋହଲି ଖେଳୁଛନ୍ତି। ଇଂଲଣ୍ଡରେ ଟେଷ୍ଟ ଅଧିନାୟକ ଭାବେ ଦମ୍‌ଦାର ଡେବ୍ୟୁ କରିଥିବା ଶୁବମନ ଗିଲ୍ ଆହତ ହେବା ଫଳରେ ନିୟମିତ ଖେଳିପାରି ନାହାନ୍ତି। ଏବେ ଫିଟ୍ ହୋଇ ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ଫର୍ମ ହରାଇବା କାରଣରୁ ତାଙ୍କୁ ଟି-୨୦ ବିଶ୍ୱକପ୍ ଓ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏବେ ଦିନିକିଆ ସିରିଜ୍ ତାଙ୍କ ଲାଗି ଚ୍ୟାଲେଞ୍ଜ ହୋଇଛି। ଏଥିରେ ସେ ଉଭୟ ଫର୍ମ ଓ ନେତୃତ୍ୱର ପ୍ରମାଣ ଦେବାକୁ ପ୍ରସ୍ତୁତି କରିଛନ୍ତି। ଗିଲ୍‌ଙ୍କ ପରି ଦଳର ଉପଅଧିନାୟକ ଶ୍ରେୟସ ଆୟର ମଧ୍ୟ ଆହତ ସମସ୍ୟାରୁ ମୁକୁଳିବା ପରେ ବିଜୟ ହଜାରେ ଟ୍ରଫି ଖେଳି ନିଜକୁ ମ୍ୟାଚ୍ ଫିଟ୍ ପ୍ରମାଣିତ କରିଛନ୍ତି। ଏଣୁ ଉଭୟ ଅଧିନାୟକ ଓ ଉପଅଧିନାୟକଙ୍କ ଲାଗି ଏହି ସିରିଜ୍ ବେଶ ଗୁରୁତ୍ୱ ବହନ କରୁଛି। ଦଳର ଆଉ ଦୁଇଜଣ ପ୍ରମୁଖ ଖେଳାଳି ତଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦିନିକିଆ ସିରିଜ୍ ଲାଗି ମନୋନୀତ କରାଯାଇନାହିଁ। ବୁମ୍‌ରାଙ୍କ ସ୍ଥାନରେ ସିରାଜ ଦଳରେ ଖେଳିବା ନିଶ୍ଚିତ। ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଅନ୍ୟ ଦୁଇ ପେସ୍‌ର ଭାବେ ଦଳରେ ସ୍ଥାନ ପାଇବେ।

### ରେକର୍ଡ

୨୦୨୪ରେ ନ୍ୟୁଜିଲାଣ୍ଡ ହୁଏତ ଭାରତକୁ ଟେଷ୍ଟ କ୍ରିକେଟରେ କ୍ଲିନ୍ ସୁଇପ୍ କରିଛି, କିନ୍ତୁ ଦିନିକିଆରେ ଏହି ଦଳର ରେକର୍ଡ ବହୁତ ଖରାପ। ଭ୍ରମଣକାରୀ ଦଳ ଭାରତରେ ଗୋଟିଏ ହେଲେ ଦିନିକିଆ ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇନାହିଁ। ଅନ୍ୟପକ୍ଷରେ ଭାରତ ଗତ ଦୁଇବର୍ଷରେ କ୍ରମାଗତ ୨୦ଟି ମ୍ୟାଚ୍‌ରେ ଟସ୍ ହାରିବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଗତ ସିରିଜ୍‌ରେ ଟସ୍ ଜିତି ଏହି ନକରାତ୍ମକ ରେକର୍ଡକୁ ଅତିକ୍ରମ କରିଛି। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ନ୍ୟୁଜିଲାଣ୍ଡ ଦଳ ମ୍ୟାଚ୍‌କୁ ପ୍ରତିଯୋଗିତାମୂଳକ କରାଇବ ବୋଲି ଆଶା କରାଯାଉଛି।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ୍ (ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ।

**ବେଞ୍ଚ:** ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତ, ପ୍ରସିଦ୍ଧ କ୍ରିଷ୍ଣା ଓ ନୀତୀଶ କୁମାର ରେଡ୍ଡୀ।

**ନ୍ୟୁଜିଲାଣ୍ଡ:** ଡେଭନ କନୱେ (ୱିକେଟରକ୍ଷକ), ନିକ୍ କେଲୀ, ୱିଲ ୟଙ୍ଗ୍, ଡାରିଲ ମିଚେଲ, ହେନରୀ ନିକୋଲସ, ଗ୍ଲେନ ଫିଲିପ୍ସ, ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ଜାକାରୀ ଫୋକ୍ସ, କାଏଲ ଜାମିସନ, ମାଇକେଲ ରେ, ଆଦିତ୍ୟ ଅଶୋକ।

**ବେଞ୍ଚ:** ମିଚେଲ ହେ, ଜେଡେନ ଲେନ୍ନକ୍ସ, କ୍ରିଷ୍ଟିଆନ କ୍ଲାର୍କ, ଜୋଶ କ୍ଲାର୍କସନ।

### ପିଚ୍ ଓ ପରିବେଶ

କୋଟାମ୍ବି ଷ୍ଟାଡିୟମ୍‌ରେ ପୁରୁଷ ବିଭାଗର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜିତ ହେବାକୁ ଯାଉଛି। ଏଠାରେ ଦୁଇଟି ମହିଳା ଦିନିକିଆ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଛି। ଏଠିକାର ପିଚ୍ ପେସ୍ ବୋଲରଙ୍କୁ ସୁହାଇଛି। ମହିଳା ବିଭାଗର ଏଠାରେ ଖେଳାଯାଇଥିବା ଉଭୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୧୦୦ରୁ ଊର୍ଦ୍ଧ୍ୱ ରନ୍ ବ୍ୟବଧାନରେ ବିଜୟୀ ହୋଇଛି। କିନ୍ତୁ ଟସ୍ ଜିତିବା ପରେ ଚେଜ୍ କରିବାକୁ ଦଳ ପସନ୍ଦ କରିବେ। ଏଠାରେ ପ୍ରଚୁର କାକର ପଡ଼ୁଛି। ଏଣୁ ଦ୍ୱିତୀୟରେ ବ୍ୟାଟିଂ କରୁଥିବା ଦଳ ଲାଗି ଏହା ବେଶ ସହାୟକ ହେବ। ସବୁଠାରୁ ବଡ଼ କଥା ହେଲା ଦେଶ ସାରା ଶୀତ ଲହରୀ ଚାଲିଥିଲାବେଳେ ଏଠାରେ ତାପମାତ୍ରା ୨୦ରୁ ଅଧିକ ଡିଗ୍ରି ରହିଛି। ଏଣୁ ମୁକାବିଲା ଲାଗି ଏଠିକାର ପରିବେଶ ବେଶ ଉପଯୋଗୀ ହେବ।

### ଦିନିକିଆ ଖେଳସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ବରୋଦା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |

**ମହିଳା ପ୍ରିମିୟର ଲିଗ୍**

# ‘ଜାଏଣ୍ଟସ’ର ପ୍ରଥମ ବିଜୟ

ନଭି ମୁମ୍ବାଇ, ୧୦।୧(ଏଜେନ୍ସି): ଜର୍ଜିଆ ୱେଆରହାମ୍‌ଙ୍କ ଅଲରାଉଣ୍ଡ ସଫଳତା ଓ ଅଧିନାୟିକା ଆଶଲେ ଗାର୍ଡନର (୬୩)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଶନିବାର ଖେଳାଯାଇଥିବା ୨୦୨୬ ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ ମାତ୍ର ୧୦ ରନ୍‌ରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଏହା ଫଳରେ ଗୁଜରାଟ ମହିଳା ପ୍ରିମିୟର ଲିଗ୍‌ରେ ଖେଳିଥିବା ପ୍ରଥମ ମ୍ୟାଚ୍ ଓ ଏହି ଷ୍ଟାଡିୟମ୍‌ରେ ୪ର୍ଥ ମ୍ୟାଚ୍‌ରୁ ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ମାତ୍ର ୧୦ ବଲ୍‌ରୁ ଅପରାଜିତ ୨୭ ଓ ୪ ଓଭରରେ ୩୦ ରନ୍ ଦେଇ ୨ଟି ୱିକେଟ ନେଇଥିବା ଗୁଜରାଟର ୱେଆରହାମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ମହିଳା ପ୍ରିମିୟର ଲିଗ୍ ଇତିହାସରେ ଏହି ମ୍ୟାଚ୍‌ରେ ଦ୍ୱିତୀୟ ସର୍ବାଧିକ ସ୍କୋର ୪୦୪ ରନ୍ ସଂଗୃହୀତ ହୋଇଛି।

ଏହି ମ୍ୟାଚ୍‌ରେ ଗୁଜରାଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୦୭ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଗାର୍ଡନର ୪୧ବଲ୍‌ରେ ୬ ଚୌକା ଓ ୩ଛକା ସହ ୬୫, ଅନୁଷ୍କା ଶର୍ମା ୩୦ ବଲ୍‌ରୁ ୪୪, ସୋଫି ଡିଭାଇନ୍ ୨୦ ବଲ୍‌ରୁ ୩୮ ରନ୍ କରିଥିଲେ। ଜବାବରେ ୨୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୟୁପି ୱାରିୟର୍ଜ ଫୋଏବି ଲିଚ୍‌ଫିଲ୍ଡଙ୍କ ଲଢୁଆ ୭୮ (୪୦ବଲ୍, ୮ଚୌକା, ୫ଛକା) ରନ୍ ସତ୍ତ୍ୱେ ଦଳ ସମାନ ସଂଖ୍ୟକ ଓଭର ଖେଳି ୮ ୱିକେଟରେ ୧୯୭ ରନ୍ କରିଥିଲା। ଅଧିନାୟିକା ମେଗ୍ ଲାନିଙ୍ଗ୍ ୩୦, ଆଶା ଶୋଭନାଙ୍କ ଅପରାଜିତ ୨୭ ଓ ଶ୍ୱେତା ସେରାୱତ୍‌ଙ୍କ ୨୫ ରନ୍ ମଧ୍ୟ କିଛି କାମ ଦେଇ ନଥିଲା। ଗୁଜରାଟ ପକ୍ଷରୁ ରେଣୁକା ସିଂ ଠାକୁର, ସୋଫି ଡିଭାଇନ୍ ଓ ୱେଆରହାମ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ।

# କ୍ୟାପିଟାଲ୍ସକୁ ହରାଇଲା ଇଣ୍ଡିଆନ୍ସ

ନଭି ମୁମ୍ବାଇ,୧୦।୧(ଏଜେନ୍ସି): ନାତାଲି ସିଭର-ବ୍ରଣ୍ଟ ଓ ଅଧିନାୟିକା ହରମନପ୍ରୀତ କୌର ଅର୍ଦ୍ଧଶତକ ଓ ନାତାଲି କ୍ୟାରୀ ଓ ଆମେଲିଆ କେର୍‌ଙ୍କ ଚତୁର ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍‌ର ତୃତୀୟ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ୫୦ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ମୁକାବିଲାରେ ପ୍ରଥମ ବିଜୟ ହାସଲ କରିଛି। ଏଠାରେ ସିଭର-ବ୍ରଣ୍ଟ ୪୬ ବଲ୍‌ରୁ ୧୩ ଚୌକା ସହ ୭୦ ଓ ହରମନପ୍ରୀତ୍ ୪୨ ବଲ୍‌ରୁ ୮ ଚୌକା ଓ ୩ ଛକା ସହ ଅପରାଜିତ ୭୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ଓଭରରେ ୧୪୫ ରନ୍ କରିଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଚିନେଲେ ହେନରୀ କିଛିଟା ଲଢୁଆ ବ୍ୟାଟିଂ କରି ସର୍ବାଧିକ ୫୬ ରନ୍ କରିଥିଲେ। ଅନ୍ୟ ତାରକା ଖେଳାଳିଙ୍କ ମଧ୍ୟରେ ଶେଫାଳି ବର୍ମା ୮, ଲୌରା ୱଲଭାର୍ଟ ୯, ଅଧିନାୟିକା ଜେମିମା ରୋଡ୍ରିଗ୍ୱେଜ୍ ୧ ଓ ମାରିଜାନ କାପ୍ ୧୦ ରନ୍ କରିଥିଲେ। ମୁମ୍ବାଇର ପେସ୍ ବୋଲର ନିକୋଲା କ୍ୟାରୀ ଓ ଆମେଲିଆ କେର୍ ୩ଟି ଲେଖାଏଁ ଓ ସିଭର-ବ୍ରଣ୍ଟ ୨ଟି ୱିକେଟ ପାଇଥିଲେ।

# ଅଭ୍ୟାସ ବେଳେ ପନ୍ତ ଆହତ

ଭଦୋଦରା,୧୦।୧(ଏଜେନ୍ସି): ଭାରତୀୟ ଦଳର ୱିକେଟରକ୍ଷକ ଋଷଭ ପନ୍ତ ଆଜି ବ୍ୟାଟିଂ ଅଭ୍ୟାସ କଲାବେଳେ ଆହତ ହୋଇଛନ୍ତି। ଥ୍ରୋୟର ତାଙ୍କୁ ବଲ ପକାଉଥିଲାବେଳେ ଗୋଟିଏ ବଲ ତାଙ୍କ ମଣିବନ୍ଧରେ ବାଜିଥିଲା। ଏଥିରେ ତାଙ୍କୁ ଭୀଷଣ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା କରାଯାଇଥିଲା। ହେଡ୍ କୋଚ୍ ଗୌତମ ଗମ୍ଭୀର ତାଙ୍କ ନିକଟରେ ଛିଡା ହୋଇ ଚିକିତ୍ସା ଦେଖିଥିଲେ। ଏହା ପରେ ସେ ପଡ଼ିଆ ଛାଡିଥିଲେ। ନିକଟରେ ଫିଟ୍ ହେବା ପରେ ପନ୍ତ ବିଜୟ ହଜାରେ ଟ୍ରଫି ଖେଳିଥିଲେ। କିନ୍ତୁ ସେ ଫର୍ମରେ ନ ଥିଲେ ମଧ୍ୟ ତାଙ୍କୁ ଦ୍ୱିତୀୟ ୱିକେଟରକ୍ଷକ ଭାବେ ଦଳରେ ସାମିଲ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଖେଳି ନ ଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆରେ ସ୍ଥାନ ପାଇଛନ୍ତି।

**■ ମାଲେସିଆ ଓପନ୍**

# ସେମିରେ ଅଟକିଲା ସିନ୍ଧୁଙ୍କ ବିଜୟ ଯାତ୍ରା

କ୍ୱାଲାଲୁମ୍ପୁର, ୧୦।୧ (ଏଜେନ୍ସି): ମାଲେସିଆ ଓପନ୍‌ରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ବିଜୟ ଯାତ୍ରା ସେମିଫାଇନାଲରେ ଅଟକି ଯାଇଛି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସିନ୍ଧୁ ୧୬-୨୧, ୧୫-୨୧ ସିଧାସଳଖ ଗେମରେ ଚାଇନାର ୱାଙ୍ଗ ଝିୟିଙ୍କ ନିକଟରୁ ହାରିଯାଇଛନ୍ତି। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ୱାଙ୍ଗ’ଙ୍କ ବିରୋଧରେ ସିନ୍ଧୁ ଚାପକୁ ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଏହି ପରାଜୟସହ ମାଲେସିଆ ଓପନରୁ ଭାରତର ଅଭିଯାନ ଶେଷ ହୋଇଛି। ଗତକାଲି ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ କ୍ୱାର୍ଟର ଫାଇନାଲରୁ ହାରି ବିଦାୟ ନେଇଥିଲେ।

# କୋଚ୍ ଜେଲେଜ୍ନିଙ୍କଠାରୁ ଅଲଗା ହେଲେ ନୀରଜ

ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ତଥା ଭାରତର ଷ୍ଟାର ଆଥଲେଟ ନୀରଜ ଚୋପ୍ରା ତାଙ୍କ କୋଚ୍ ଜାନ ଜେଲେଜ୍ନିଙ୍କଠାରୁ ଅଲଗା ହୋଇଛନ୍ତି। ନୀରଜ ଓ ୫୯ ବର୍ଷୀୟ ଚେକ ଗଣରାଜ୍ୟର ଜେଲେଜ୍ନି ମିଳିତ ଭାବେ ଏକ ବିବୃତ୍ତି ଜାରି କରି ଏହି ସୂଚନା ଦେଇଛନ୍ତି। ଜାନଙ୍କ ସହ କାମ କରିବା ଫଳରେ ସେ ବହୁତ ନୂଆ ଚିନ୍ତାଧାରା ଦ୍ୱାରା ମୋ ଆଖି ଖୋଲିଦେଇଥିଲେ। ନୂଆ ଟେକନିକ, ରିଦିମ୍ ଓ ଗତିକୁ ନେଇ ସେ ଯେଉଁଭଳି କାମ କରନ୍ତି ତାହା ଅବିଶ୍ୱସନୀୟ। ଆମେ ଏକାଠି କରିଥିବା ପ୍ରତ୍ୟେକ ସେସନରୁ ମୁଁ ବହୁତ କିଛି ଶିଖିବାକୁ ପାଇଲି ବୋଲି ନୀରଜ ତାଙ୍କ ବିବୃତ୍ତିରେ କହିଛନ୍ତି। ପ୍ରକାଶଯୋଗ୍ୟ ଜେଲେଜ୍ନି କେବଳ ଗୋଟିଏ ସିଜନ ଅର୍ଥାତ ୨୦୨୫ରେ ନୀରଜଙ୍କ କୋଚ୍ ଦାୟିତ୍ୱ ତୁଲାଇଥିଲେ। ଜେଲେଜ୍ନିଙ୍କ ଅଧିନରେ ନୀରଜଙ୍କ ପ୍ରଦର୍ଶନ ମିଶ୍ରିତ ରହିଥିଲା। ଦୋହା ଡାଇମଣ୍ଡ ଲିଗରେ ସେ ଦମ୍‌ଦାର ପ୍ରଦର୍ଶନ କରି ୯୦ ମିଟର ମାର୍କ ଅତିକ୍ରମ କରିଥିଲେ। ଯାହା ତାଙ୍କ କ୍ୟାରିୟରର ପ୍ରଥମ ୯୦ ମିଟର ଥିଲା।

# ଆଇସିସି ଉତ୍ତରକୁ ବାଂଲାର ଅପେକ୍ଷା

ଢାକା,୧୦।୧(ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ନ ଖେଳିବାକୁ ଓ ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ଆଇସିସିକୁ ଯେଉଁ ଅନୁରୋଧ କରିଥିଲା ତାହାର ଉତ୍ତର ଏଯାଏ ମିଳିନାହିଁ। ଯାହା ଫଳରେ ବୋର୍ଡର ସଭାପତି ଅମିନୁଲ ଇସ୍‌ଲାମ ତାଙ୍କ ଦଳ ବିଶ୍ୱକପ୍‌ରେ ଭାଗନେବ କି ନାହିଁ ସନ୍ଦେହରେ ରହିଛନ୍ତି। ଭାରତରେ ନିଜ ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେଠାରେ ଖେଳିବାକୁ ନ ଯିବା ଲାଗି ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ବୋର୍ଡର କିଛି କରିବାର ଦକ୍ଷତା ନାହିଁ। କେବଳ ଆଇସିସି ଉପରେ ନିର୍ଭର କରିବା ଛଡ଼ା ଆଉ କିଛି ଉପାୟ ନାହିଁ। ବୋର୍ଡର ଜଣେ ଡାଇରେକ୍ଟର ତମିମ୍ ଇକବାଲଙ୍କୁ ଭାରତୀୟ ଏଜେଣ୍ଟ କହିବା ଘଟଣା ବାଂଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସେ ଏହି ମନ୍ତବ୍ୟଲାଗି ଭୁଲ କ୍ଷମାପ୍ରାର୍ଥନା କରିଛନ୍ତି। ତାଙ୍କୁ ମଧ୍ୟ ବୋର୍ଡ ଓ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଜାତୀୟ କନିଷ୍ଠ ଅସିଚାଳନା ଉଦ୍‌ଯାପିତ**

# ଏସ୍‌ଏସ୍‌ସିବି, ହରିୟାଣା ଚାମ୍ପିଅନ




ଭୁବନେଶ୍ୱର,୧୦।୧(ସମିସ): କଟକରେ ଚାଲିଥିବା ଜାତୀୟ କନିଷ୍ଠ ଅସିଚାଳନା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ ଏସ୍‌ଏସ୍‌ସିବି ଓ ମହିଳା ବିଭାଗରେ ହରିୟାଣା ସର୍ବାଧିକ ପଏଣ୍ଟ ପାଇ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପୁରୁଷ ବିଭାଗରେ ହରିୟାଣା ଓ ମହିଳା ବିଭାଗରେ ମଣିପୁର ରନର୍ସ ଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କର୍ମକର୍ତ୍ତା ଏବଂ ଆୟୋଜକ ଓଡ଼ିଶା ଅସିଚାଳନା ସଂଘର କର୍ମକର୍ତ୍ତାମାନେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ୍ ଲିଗ୍: ଜାମ୍‌ସେଦ୍‌ପୁର ଏଫ୍‌ସି ବିଜୟୀ

ଭୁବନେଶ୍ୱର,୧୦।୧(ସମିସ): କ୍ୟାପିଟାଲ ଫୁଟବଲ ପଡ଼ିଆରେ ଆଜି ଅନୁଷ୍ଠିତ ଏଆଇଏଫ୍‌ଏଫ୍ ଏଲିଟ ୟୁଥ୍ ଲିଗ୍‌ର ମ୍ୟାଚ୍‌ରେ ଜାମସେଦ୍‌ପୁର ଏଫସି ୨-୦ ଗୋଲରେ ଫାଓ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୌମିକ ଦାସ ଓ ସତ୍ୟଜିତ ଦାସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଭିତ୍ତିକ ଦଳ ଫାଓ ଏକାଡେମୀ କୌଣସି ଗୋଲ ସ୍କୋର କରିପାରି ନ ଥିଲା।

# ଆହାନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟିକଲେ ଶାଜ୍‌ଫା

ଭୁବନେଶ୍ୱର,୧୦।୧(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଅଲ୍‌ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଯୁବ ଖେଳାଳି ସେକ୍ ଶାଜ୍‌ଫା ୱାନିଆ ମହିଳା ଏକକ ସେମିଫାଇନାଲରେ ଟପ୍ ସିଡ୍ ଆହାନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ସେ ପ୍ରିଶା ସାହୁଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ପ୍ରିଶା ୯-୨ ପଏଣ୍ଟରେ ସାନଭିକ୍ ମହାନ୍ତିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗ ଫାଇନାଲରେ ମଧ୍ୟ ଶାଜ୍‌ଫାଙ୍କ ସହ ପ୍ରିଶାଙ୍କର ମୁକାବିଲା ହେବ। ଏହି ବିଭାଗ ସେମିଫାଇନାଲରେ ସୁଶ୍ରୀ କର୍ମକାରଙ୍କୁ ଶାଜ୍‌ଫା ଓ ସଂରଚନା ଦାସଙ୍କୁ ପ୍ରିଶା ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା ପୁରୁଷ ବିଭାଗ ସେମିଫାଇନାଲରେ ଆଦିତ୍ୟ ଶତପଥୀଙ୍କ ସହ କମଲେଶ ରଥ ଓ ଆହାନ ମିଶ୍ରଙ୍କ ସହ ମହମ୍ମଦ୍ ଫର୍ଦ୍ଦିନଙ୍କର ମୁକାବିଲା ହେବ। ୩.୫୦ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହେବ।

**ଅଲଓଡ଼ିଶା ଉତ୍କଳ ଓପନ ଟେନିସ**




# ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ





ଭୁବନେଶ୍ୱର,୧୦।୧(ସମିସ): ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆଜିଠାରୁ ୭୪ଟ ଟିମ୍‌କୁ ନେଇ ଆରମ୍ଭ ହୋଇଛି ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା। ଏହି ପ୍ରତିଯୋଗିତାକୁ ଓସିଏ ସିନିଅର ସିଲେକ୍ସନ କମିଟି ଚେୟାରମ୍ୟାନ ସୌରଜିତ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ରେଭେନ୍‌ଶା କୁଳପତି ପ୍ରଫେସର ଧର୍ମବ୍ରତ ମହାପାତ୍ର, ରେଜିଷ୍ଟ୍ରାର କାହ୍ନୁଚରଣ ମଲିକ ଅତିଥିଭାବେ ଉପସ୍ଥିତ ଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଡ. ଅଞ୍ଜନ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଆଜି ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ସରଳା ବିର୍ଲା, ଫକିର ମୋହନ, ହେମଚାନ୍ଦ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି। କିଟ୍ କ୍ରିକେଟ ଗ୍ରାଉଣ୍ଡରେ ରାଞ୍ଚି ଓ ବିର୍ଲା ଗ୍ଲୋବାଲ, ଏମ୍‌ଜିଏମ୍ ଗ୍ରାଉଣ୍ଡରେ ପଣ୍ଡିତ ରବିଶଙ୍କର, ବିଏନ୍ ମଣ୍ଡଳ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି।

**ମହିଳା ହକି ଇଣ୍ଡିଆ ଲିଗ୍**

# ପାଇପର୍ସ ଚାମ୍ପିଅନ, ଟାଇଗର୍ସ ରନର୍ସଅପ୍

ରାଞ୍ଚି,୧୦।୧(ଏଜେନ୍ସି): ଏସ୍‌ଜି ପାଇପର୍ସ ମହିଳା ହକି ଇଣ୍ଡିଆ ଲିଗ୍‌ର ନୂଆ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାଇପର୍ସ ୩-୨ ସୁଟ୍‌ଆଉଟ ଗୋଲରେ ଶ୍ରାଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରି ଟାଇଟଲ ସହ ୧.୫ କୋଟି ଟଙ୍କାର ପୁରସ୍କାର ଜିତିନେଇଛି। ରନର୍ସଅପ୍ ବେଙ୍ଗଲ ଟାଇଗର୍ସକୁ ଟ୍ରଫି ସହ ୧ କୋଟି ଟଙ୍କାର ପୁରସ୍କାର ମିଳିଛି। ଏହି ମ୍ୟାଚଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ନିର୍ଦ୍ଧାରିତ ଖେଳରେ ଉଭୟ ଦଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲେ। ଖେଳର ୧୫ତମ ମିନିଟ୍‌ରେ ବେଙ୍ଗଲ




ଟାଇଗର୍ସ ପକ୍ଷରୁ ଲାଲରେମସିଆମି ଫିଲ୍ଡ ଗୋଲ ଜରିଆରେ ଦଳକୁ ଅଗ୍ରଣୀ କରାଇଥିଲେ। ସେହିପରି ଚତୁର୍ଥ କ୍ୱାର୍ଟରରେ ଅର୍ଥାତ୍ ୫୪ତମ ମିନିଟ୍‌ରେ ପାଇପର୍ସର ଯୁବ ଖେଳାଳି ପାତି ଦୁବେ ମଧ୍ୟ ଫିଲ୍ଡ ଗୋଲ ଦେଇ ଖେଳକୁ ସମାନସ୍ତରକୁ ଆଣିଥିଲେ। ଏହା ଫଳରେ ମ୍ୟାଚ୍‌ର ମୀମାଂସା ଲାଗି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ପାଇପର୍ସ ୩ଟି ଗୋଲ ଦେଇ ବାଜି ମାରିନେଇଥିଲା। ଟାଇଗର୍ସ ସମଗ୍ର ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ ମଧ୍ୟ ସୁଟ୍‌ଆଉଟରେ ୨ଟି ଗୋଲ ଦେବାକୁ ସମର୍ଥ ହୋଇଥିଲା।

ତୃତୀୟ ସ୍ଥାନ ଅଧିକାର କରିଥିବା ରାଞ୍ଚି ରୟାଲ୍ସକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ଏହା ବ୍ୟତୀତ ପାଇପର୍ସର ଅଧିନାୟକ ନବନୀତ ରାଣା ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ଖେଳାଳିଙ୍କୁ ୨୦ ଲକ୍ଷ ଟଙ୍କା ପୁରସ୍କାର ପାଇଛନ୍ତି। ଏହା ବ୍ୟତୀତ ଚାମ୍ପିଅନ ଦଳର ବାଂଶୁରୀ ସୋଲାଙ୍କି ଶ୍ରେଷ୍ଠ ଗୋଲରକ୍ଷକ, ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଉଦୀୟମାନ ଖେଳାଳି, ବେଙ୍ଗଲ ଟାଇଗର୍ସର ଅଗଷ୍ଟିନା ଗୋର୍ଜେଲାନୀ ଟପ୍ ସ୍କୋରର ବିବେଚିତ ହୋଇ ୫ ଲକ୍ଷ ଲେଖାଏଁ ଟଙ୍କା ପାଇଛନ୍ତି।

**୧୫ ବର୍ଷରୁ କମ୍ ବାଳିକା କ୍ରିକେଟ**

# ଓଡ଼ିଶାର ବୃହତ୍ ବିଜୟ

ଭୁବନେଶ୍ୱର,୧୦।୧(ସମିସ): ନାଗପୁରରେ ଚାଲିଥିବା ବିସିସିଆଇ ୧୫ ବର୍ଷରୁ କମ୍ ବାଳିକା ୩୫ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଆଜିର ମୁକାବିଲାରେ ଓଡ଼ିଶା ୭ ୱିକେଟରେ ଜମ୍ମୁ-କାଶ୍ମୀରକୁ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଅନ୍ୱେଷା ସ୍ୱାଇଁ ୪ଟି ଓ ରୋମି ପ୍ରଲୀପ୍ତା ମଲ୍ଲିକ ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଜାମ୍ମୁ-କାଶ୍ମୀର ୧୧୭ ରନ୍ କରି ଅଲଆଉଟ ହୋଇଥିଲା। ଜାହ୍ନବୀ ରାଜପୁର ୨୮ ଓ ସାନ୍‌ମି ସୁନୀଲ ୧୫ ରନ୍ କରିଥିଲେ। ଜବାବରେ ଓଡ଼ିଶା ଦଳ ୨୬.୪ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଅନ୍ୱେଷା ବ୍ୟାଟିଂରେ ମଧ୍ୟ କମାଲ ଦେଖାଇ ୪୭ ରନ୍ ଓ ଚିରଶ୍ରୀ ରାଉତ ୪୦ ରନ୍‌ରେ ଅପରାଜିତ ରହିଥିଲେ।


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୮ • ପାଉଣ୍ଡ ୧୨୧.୦୮
- ୟୁରୋ ୧୦୫.୦୭ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୭,୭୦୦ (ଭୁବନେଶ୍ୱର)
- ରୁପା : ୨,୬୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୪୦୨.୦୦
- ନିଫ୍ଟି ୨୫,୬୮୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଆମେରିକା ବଣ୍ଡରୁ ଅର୍ଥ କାଢୁଛନ୍ତି ଭାରତ, ଚୀନ୍

**ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି):** ରୁଷିଆର ୟୁକ୍ରେନ ଆକ୍ରମଣ ସମୟରେ ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା ବିଶ୍ୱର ନୂଆ ଘଟଣାକ୍ରମ ତାହାକୁ ବଢ଼ାଇ ଦେଇଛି । ତେଣୁ ବିଦେଶରେ ରଖିଥିବା ଧନକୁ ଦେଶଗୁଡ଼ିକ କାଢ଼ି ଆଣୁଛନ୍ତି । ଏହାର ପ୍ରଭାବ ଆମେରିକା ଟ୍ରେଜେରି ବଣ୍ଡ ଉପରେ ମଧ୍ୟ ପଡ଼ିଛି । ଭାରତ, ଚୀନ୍, ବ୍ରାଜିଲ, ସାଉଦି ଆରବ, ହଂକଂ ଆଦି ଦେଶ ଏହି ବଣ୍ଡରେ କରିଥିବା ନିବେଶକୁ କାଢ଼ି ଆଣୁଛନ୍ତି । ଏହି କ୍ରମରେ ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇର ଆମେରିକା ଟ୍ରେଜେରି ବଣ୍ଡରେ ନିବେଶ ୨୦୦ ବିଲିୟନ ଡଲାର ତଳକୁ ଖସି ଆସିଛି । ଗତ ବର୍ଷ ଅକ୍ଟୋବର ସୁଦ୍ଧା ଭାରତ ପାଖରେ ୧୯୦ ବିଲିୟନ ଡଲାରର ବିଦେଶୀ ମୁଦ୍ରା ଫଣ୍ଡାର (ଫୋରେକ୍ସ) ଥିଲା । ଏହା ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୫୦.୭ ବିଲିୟନ ଡଲାର କମ୍ । ଏହି ସମୟରେ ଆରବିଆଇ ସୁନାରେ ନିବେଶ ବଢ଼ାଇଛି । ଗତ ଅକ୍ଟୋବର ଶେଷ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ୮୮୦ ମେଟ୍ରିକ ଟନ୍ ସୁନା ଥିଲା । ସେହିପରି ଆମେରିକା ବଣ୍ଡରେ ଚୀନ୍ ନିବେଶ ୭୬୦.୧ ବିଲିୟନ ଡଲାରରୁ ୬୮୮.୭ ବିଲିୟନ ଡଲାରକୁ ଖସି ଆସିଛି । ବ୍ରାଜିଲ ମଧ୍ୟ ୨୨୮.୮ ବିଲିୟନ ଡଲାରରୁ ହ୍ରାସ କରି ୧୬୭.୮ ବିଲିୟନକୁ ଆଣିଛି ।

## ଭେନେଜୁଏଲା ତୈଳ ଭାରତକୁ ବିକିବ ଆମେରିକା

**ୱାଶିଂଟନ, ୧୦।୧ (ଏଜେନ୍ସି):** ରାଷ୍ଟ୍ରପତିଙ୍କୁ ଅପହରଣ ପରେ ଆମେରିକା ନିଜ ଗୋଟି ଚାଳନା ଆରମ୍ଭ କରିଛି । ଭେନେଜୁଏଲାର ତୈଳ ବିକିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରୟାସ ଆରମ୍ଭ କରିଛନ୍ତି । ଏହି କ୍ରମରେ ସେ ତୈଳ କିଣିବା ପାଇଁ ଭାରତକୁ ଅନୁମତି ଦେଇପାରନ୍ତି । ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି । ମାତ୍ର ଏହି ବିକ୍ରି ଆମେରିକାର ନିୟନ୍ତ୍ରଣ ଏବଂ ସର୍ତ୍ତରେ ହେବ । ଏଥିପାଇଁ କି ସର୍ତ୍ତ ରହିବ ତାହାର କୌଣସି ସୂଚନା ଆମେରିକା ଦେଇନାହିଁ । ରିପୋର୍ଟ ଅନୁଯାୟୀ, ଭାରତୀୟ କମ୍ପାନୀ ରିଲାଏନ୍ସ ମଧ୍ୟ ଏହି ତୈଳ କିଣିବାକୁ ଆମେରିକା ଠାରୁ ଅନୁମତି ଚାହୁଁଛି ।

**ବଡ଼ ତୈଳ କମ୍ପାନୀଙ୍କ ଅଧିକାରୀଙ୍କୁ ଭେଟିଲେ ଟ୍ରମ୍ପ**

**ଟ୍ରମ୍ପ ଚାପ ପାଇଁ ଚିନ୍ତାରେ କମ୍ପାନୀ**

ଅନ୍ୟପଟେ ଶୁକ୍ରବାର ହ୍ୱାଇଟ ହାଉସରେ ଟ୍ରମ୍ପ ବଡ଼ ତୈଳ କମ୍ପାନୀଙ୍କ ଶୀର୍ଷ ଅଧିକାରୀଙ୍କ ସହ ବୈଠକ କରିଛନ୍ତି । ସେ ଭେନେଜୁଏଲାର ତୈଳ କ୍ଷେତ୍ରରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ନିବେଶ କରିବାକୁ କହିଛନ୍ତି । ମାତ୍ର କମ୍ପାନୀଗୁଡ଼ିକ ଟ୍ରମ୍ପଙ୍କ ଯୋଜନାରେ ଅସହମତି ପ୍ରକାଶ କରିଥିଲେ । ଏକ୍ସାନ ମୋବିଲର ସିଇଓ ଡେରେନ ଉଡ୍ସ କହିଥିଲେ ଯେ ବର୍ତ୍ତମାନ ସ୍ଥିତିରେ ଭେନେଜୁଏଲା ନିବେଶ ଯୋଗ୍ୟ ନୁହେଁ । କମ୍ପାନୀଙ୍କ ଅସହମତିକୁ ଦେଖି ଟ୍ରମ୍ପ ସୁରକ୍ଷାର ଭରସା ଦେଇଥିଲେ । ସେଠାରେ ନିବେଶ କରୁଥିବା କମ୍ପାନୀଙ୍କୁ ଆମେରିକା ଶାରୀରିକ ଏବଂ ଆର୍ଥିକ ସୁରକ୍ଷାର ଗ୍ୟାରେଣ୍ଟି ଦେବ । ଟ୍ରମ୍ପ ଏକ ସରଳ ସୂତ୍ର ଦେଇଥିଲେ । କମ୍ପାନୀ ନିବେଶ କରି ଶୀଘ୍ର ସେହି ଅର୍ଥକୁ ଫେରାଇ ଆଣନ୍ତୁ । ଲାଭକୁ ଭେନେଜୁଏଲା, ଆମେରିକା ଏବଂ କମ୍ପାନୀଙ୍କ ମଧ୍ୟରେ ବାଣ୍ଟି ନିଅନ୍ତୁ ।

## ପଟିଆ ଶୋ'ରୁମ୍ ରିଲଞ୍ଚ୍ କଲା ଚାନ୍ଦି ଭଣ୍ଡାର

**ଭୁବନେଶ୍ୱର, ୧୦।୧ (ସମିସ):** ଓଡ଼ିଶାର ଅଗ୍ରଣୀ ରୂପା ଗହଣା ଏବଂ ଲାଇଫ୍‌ଷ୍ଟାଇଲ୍ ବ୍ରାଣ୍ଡ ଭାବେ 'ଚାନ୍ଦି ଭଣ୍ଡାର' ପଟିଆ ସିଲ୍‌ଭର ଶୋ ରୁମ୍‌ର ରିଲଞ୍ଚ୍ କରିଛି । ପୂର୍ବାପେକ୍ଷା ଏହା ବୃହତ୍ ରିଟେଲ କେନ୍ଦ୍ର ପାଲଟିଛି । ଏହା ସହିତ କଟକ ଲିଙ୍କ୍ ରୋଡରେ ଚାନ୍ଦି ଭଣ୍ଡାରର ୨୬ତମ ଶୋ'ରୁମ୍ ଖୋଲିଛି । ୩୦୦୦ ବର୍ଗଫୁଟ ପରିବ୍ୟାପ୍ତ ପଟିଆ ସିଲଭର ସୋ'ରୁମ୍ ଏକ ସତେଜ ଏବଂ ସମସାମୟିକ ଲୁକ୍‌ରେ ପୁନଃଉପସ୍ଥାପିତ ହୋଇଛି । ଶୋ'ରୁମ୍‌ରେ ବ୍ୟାପକ ରେଞ୍ଜ୍ ସିଲ୍‌ରର ଡିନରୱେର ଏବଂ ଲାଇଫଷ୍ଟାଇଲ୍ ପ୍ରଡକ୍ଟ ସହିତ ପୁରୁଷ, ମହିଳା, ପିଲାଙ୍କ ପାଇଁ ବ୍ରାର ସିଗ୍‌ନେଚର ଗହଣା ସମ୍ଭାର ଉପଲବ୍ଧ । ସେହିଭଳି ଲିଙ୍କ୍ ରୋଡସ୍ଥିତ ଶୋ'ରୁମ ୨୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ । ଏଠାରେ ଟ୍ରେଜର୍ସ, ଆମୋଘ, ବ୍ଲିଜ୍, ଆର୍ଯ୍ୟ, ପାର୍ଟି ଏଡିଟ୍, ଭିନସ୍ ଏବଂ ପାୟଲ ଆଦି ବ୍ୟାପକ ସମ୍ଭାର ରହିଛି । ଚାଦି ଭଣ୍ଡାର ଏହାର ସର୍ବନିମ୍ନ ଗହଣା ସମ୍ଭାର 'ନୋଆ'କୁ ଆଣିଛି । ଏହା ଆଧୁନିକ ଏବଂ ବହୁମୁଖୀ ଜୀବନଶୈଳୀ ପାଇଁ ଉଦ୍ଦିଷ୍ଟ । ଏହି ଅବସରରେ ସ୍ୱତନ୍ତ୍ର ଅଫରରେ ଗ୍ରାହକଙ୍କୁ ୧୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି । ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ । ଗ୍ରାହକଙ୍କ ଅନୁଭୂତି ବଢ଼ାଇବାରେ ଏହି ଦୁଇ ଶୋ'ରୁମ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କହିଛନ୍ତି ।



## ଓଡ଼ିଶା ମାଇନିଂ ଏକ୍ସପୋ
## ବିଶ୍ୱ ଖଣି ଶକ୍ତି ଭାବେ ଓଡ଼ିଶାର ଉଦୟ ପ୍ରଦର୍ଶିତ

**ଭୁବନେଶ୍ୱର, ୧୦।୧ (ସମିସ):** ବରମୁଣ୍ଡା ପଡ଼ିଆରେ ଆୟୋଜିତ 'ଓଡ଼ିଶା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ'ର ତୃତୀୟ ଦିନରେ ବିଶ୍ୱ ଖଣି ଶକ୍ତି ଭାବରେ ଓଡ଼ିଶାର ଉଦୟ ପ୍ରଦର୍ଶିତ ହୋଇଯାଇଛି । ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଆଜି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ବିଜେପି ସଭାପତି ମନମୋହନ ସାମଲ ଏବଂ ବିଜେପି ଉପସଭାପତି ଗୋଲକ ମହାପାତ୍ର, ଫ୍ୟୁଚରେକ୍ସ ଗ୍ରୁପର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଶୀ, ଫ୍ୟୁଚରେକ୍ସ ଗ୍ରୁପର ନିର୍ଦ୍ଦେଶକ ନମିତ ଗୁପ୍ତା ଏବଂ ନାଲକୋର ପୂର୍ବତନ ସିଏମଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡକ୍ଟର ତପନ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚୀନ୍ ଏବଂ ଚିଲି ଭଳି ଦେଶର ବିଶ୍ୱସ୍ତରୀୟ ଅଂଶଗ୍ରହଣ ଏବଂ ୧୭ ଲକ୍ଷ କୋଟିର ରେକର୍ଡ ପୁଞ୍ଜିନିବେଶ ସମ୍ପର୍କରେ ଉଲ୍ଲେଖ କରି ଓଡ଼ିଶା ଆଗାମୀ ଦିନରେ ବିଶ୍ୱ ଖଣି ସମ୍ମିଳନୀ ପାଇଁ ଏକ ପ୍ରମୁଖ ହବ୍ ହେବ ବୋଲି ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ । ୨୦୩୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଗଠନରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । ସେହିପରି ଏହି ଏକ୍ସପୋ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ସାମଲ କହିଥିଲେ ।




## ୪୪ତମ ଜୁନିଅର ଜାତୀୟ ଚାମ୍ପିଅନସିପ୍
## ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ଆଥଲେଟଙ୍କ ଦମ୍‌ଦାର ପ୍ରଦର୍ଶନ

**ଭୁବନେଶ୍ୱର, ୧୦।୧ (ସମିସ):** ବେଙ୍ଗାଲୁରୁର ଗୁଞ୍ଜୁର ସ୍ଥିତ ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମଠାରେ ଗତ ୩୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ୪୪ତମ ଜୁନିୟର ଜାତୀୟ ଖୋ-ଖୋ ଚାମ୍ପିୟନସିପ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ଏଏମ୍/ଏଏସ୍ ଇଣ୍ଡିଆ ଖୋ-ଖୋ ହାଇ ପରଫରମାନ୍ସ ସେଣ୍ଟର (ଏଚପିସି)ର ଆଥଲେଟ୍‌ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏଚପିସିର ମୋଟ ୧୬ ଜଣ ଆଥଲେଟ୍ ବିଭିନ୍ନ ରାଜ୍ୟର ଟିମରେ ପ୍ରତିନିଧିତ୍ୱ କରିଥିଲେ । ସେମାନଙ୍କ ମଧ୍ୟରେ ଓଡ଼ିଶା ବାଳିକା ଦଳରୁ ୭ ଜଣ, ଓଡ଼ିଶା ବାଳକ ଦଳରୁ ୬ ଜଣ, କୋହ୍ଲାପୁର ବାଳକ ଦଳରୁ ୨ ଜଣ ଏବଂ ଆନ୍ଧ୍ରପ୍ରଦେଶ ବାଳିକା ଦଳରୁ ଜଣେ ଆଥଲେଟ୍ ଅନ୍ତର୍ଭୁକ୍ତ ଥିଲେ । ଏହା ଉଚ୍ଚକୋଟୀର କ୍ରୀଡ଼ାବିତ୍ ପ୍ରସ୍ତୁତ କରିବାରେ କେନ୍ଦ୍ରର ବଢୁଥିବା ପ୍ରଭାବକୁ ଦର୍ଶାଉଛି । ଓଡ଼ିଶା ବାଳିକା ଦଳର ରନର୍ସ-ଅପ୍ ସଫଳତା ଟୁର୍ଣ୍ଣାମେଣ୍ଟରେ ଆକର୍ଷଣର କେନ୍ଦ୍ରରେ ରହିଥିଲା । ମହାରାଷ୍ଟ୍ର ବିପକ୍ଷରେ ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମ୍ୟାଚ୍ ସହ ଏହି ଯାତ୍ରା ଶେଷ ହୋଇଥିଲା । ମ୍ୟାଚ୍‌ଟି ଟାଇ ହୋଇଥିବା ବେଳେ ଟାଇ-ବ୍ରେକରରେ ଓଡ଼ିଶା ୩୪-୩୩ ସ୍କୋରରେ ଅଳ୍ପକେ ଟାଇଟଲ୍‌ରୁ ବଞ୍ଚିତ ହୋଇଥିଲା । ଅର୍ଚ୍ଚନା ପ୍ରଧାନ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଖେଳ ପ୍ରଦର୍ଶନ କରି ‹ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡର› ଖେଳାଳି ପୁରସ୍କାର ପାଇଥିଲେ । ତାଙ୍କ ସହ ଲିସାରାଣୀ ରାଇତା, ଶୁଭଶ୍ରୀ ମଲ୍ଲିକ, କେ. ରମ୍ୟା, ଆଶିକା କୁଜୁର, ରକ୍ତିମା ଭାଣ୍ଡା ଏବଂ ଚିନ୍ମୟୀ ପ୍ରଧାନ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ ।



## ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଜିରୋ-ଫରେକ୍ସ ଡାଇମଣ୍ଡ ରିଜର୍ଭ କ୍ରେଡିଟ କାର୍ଡ

**ଭୁବନେଶ୍ୱର, ୧୦।୧ (ସମିସ):** ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ପକ୍ଷରୁ ଜିରୋ-ଫରେକ୍ସ ଡାଇମଣ୍ଡ ରିଜର୍ଭ କ୍ରେଡିଟ କାର୍ଡର ଶୁଭାରମ୍ଭ କରାଯାଇଛି । ଜିରୋ ଫରେକ୍ସ ମାର୍କଅପ୍, ଟ୍ରାଭେଲ ଲାଉଞ୍ଜ, ଉନ୍ନତ ଟ୍ରାଭେଲ ରିୱାର୍ଡ ଓ ଲାଇଫଷ୍ଟାଇଲ ସୁବିଧା ପାଇବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ପାଇଁ ଏହା ଏକ ପ୍ରିମିୟମ ଟ୍ରାଭେଲ ଓ ଲାଇଫଷ୍ଟାଇଲ ଉତ୍ପାଦ ବୋଲି ଆଇଡିଏଫସି ଫାଷ୍ଟ ବ୍ୟାଙ୍କର କ୍ରେଡିଟ କାର୍ଡସ, ଫାଷ୍ଟ୍ୟାଗ ଓ ଲୟାଲ୍ଟି ବିଭାଗର ମୁଖ୍ୟ ଶିରିଶ ଭଣ୍ଡାରୀ କହିଛନ୍ତି । ୩୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ଜିଏସ୍‌ଟି ମୂଲ୍ୟର ଏହି ଡାଇମଣ୍ଡ ରିଜର୍ଭ କ୍ରେଡିଟ କାର୍ଡ ୬ ଲକ୍ଷ ଟଙ୍କାର ବାର୍ଷିକ ବ୍ୟୟରେ ଫି ଛାଡ ସହିତ ଆକର୍ଷଣୀୟ ପ୍ରିମିୟମ ଦେଉଛି । ଆପ୍ ମାଧ୍ୟମରେ ହୋଟେଲ ବୁକିଙ୍ଗରେ ପ୍ରତି ୧୫୦ ଟଙ୍କା ବ୍ୟୟ ପାଇଁ ୬୦ଟି ପର୍ଯ୍ୟନ୍ତ ରିୱାର୍ଡ ପଏଣ୍ଟ । ପ୍ରତ୍ୟେକ ରିୱାର୍ଡ ପଏଣ୍ଟର ମୂଲ୍ୟ ୦.୨୫ ଟଙ୍କା ରହିଛି । ହୋଟେଲ ରହଣୀ ଉପରେ ୧୦% ରିଟର୍ଣ୍ଣ ଏବଂ ଫ୍ଲାଇଟ ବୁକିଙ୍ଗରେ ପ୍ରତି ୧୫୦ ଟଙ୍କାରେ ୪୦ଟି ରିୱାର୍ଡ ପଏଣ୍ଟ ପ୍ରଦାନ କରୁଛି ।




## ୨୦୨୫ରେ ଫୋନ୍‌ପେ ୟୁଜର୍ସ ସଂଖ୍ୟା ୬୦ କୋଟି ଟପିଲା

**ଭୁବନେଶ୍ୱର, ୧୦।୧ (ସମିସ):** ଭାରତର ଅଗ୍ରଣୀ ଫିନଟେକ୍ କମ୍ପାନୀ 'ଫୋନପେ' ୧୦ ବର୍ଷର ଯାତ୍ରା ସଫଳତାର ସହ ପୂରଣ କରିଛି । କମ୍ପାନୀ କୋଟି କୋଟି ଭାରତୀୟଙ୍କ ଟଙ୍କା କାରବାର ଏବଂ ପରିଚାଳନା ଶୈଳୀରେ ବଡ଼ ପରିବର୍ତ୍ତନ ଆଣିଛି । ଗତ ବର୍ଷ ଫୋନପେର ବ୍ୟବହାରକାରୀଙ୍କ ସଂଖ୍ୟା ୬୦ କୋଟି ଟପିଛି । ଲୋକଙ୍କ ବିଶ୍ୱାସ ଏବଂ ଭଲ ପାଇବା ଯୋଗୁଁ ଫୋନପେ ସଫଳ ହୋଇପାରିଛି ବୋଲି ପ୍ରତିଷ୍ଠାତା ତଥା ସିଇଓ ସମୀର ନିଗମ ଏବଂ ସହପ୍ରତିଷ୍ଠାତା ତଥା ସିଟିଓ ରାହୁଲ ଚାରି କହିଛନ୍ତି । ଗ୍ରାହକଙ୍କ ସୁବିଧା ଓ ସୁରକ୍ଷା ପାଇଁ କମ୍ପାନୀ ଚଳିତ ବର୍ଷ 'ୟୁପିଆଇ ସର୍କଲ' (ଯେଉଁଥିରେ ଆପଣ ପରିବାର ଲୋକଙ୍କ ପାଇଁ ପେମେଣ୍ଟ କରିପାରିବେ) ଏବଂ ଫୋନପେ ପ୍ରୋଟେକ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଆରମ୍ଭ କରିଛି ।

## କଟକ ଓ ସମ୍ବଲପୁରରେ ବଜାରକୁ ଆସିଲା 'ନିଉ କିଆ ସେଲ୍‌ଟସ୍'

**କଟକ,୧୦।୧(ସମିସ):** କିଆ ଇଣ୍ଡିଆ ଲିମିଟେଡର ବହୁ ପ୍ରତିକ୍ଷୀତ ମଡେଲ 'ନିଉ କିଆ ସେଲଟସ' ଏକାକାଳୀନ ଦୁଇଟି ସହର କଟକ ଓ ସମ୍ବଲପୁରରେ ଶନିବାର ବଜାର ପ୍ରବେଶ କରିଛି । ସ୍ୱୀକୃତି ପ୍ରାପ୍ତ ଡିଲର୍ 'ସେଣ୍ଟ୍ରାଲ କିଆ' କଟକ ରିଙ୍ଗ ରୋଡ ସ୍ଥିତ ମଙ୍ଗଳା ବାଗ ଶୋ'ରୁମରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଅଶୋକ କୁମାର ଜେନା ଅତିଥି ଭାବେ ଯୋଗ ଦେଇ ଏହି କାର୍‌ର ଅନାବରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆର ମ୍ୟାନେଜିଂ ଡାଇରେକ୍ଟର ବିଶାଲ୍ ଧୱନ୍, କିଆ ଇଣ୍ଡିଆର ଏରିଆ ମ୍ୟାନେଜର ହେମନ୍ତ ମିଶ୍ର, ସେଲ୍ସ ଜେନେରାଲ ମ୍ୟାନେଜର ଚମ୍ପକ ରାଜ ନନ୍ଦ, ଏଜିଏମ୍ ଆଲାଏଡ୍ ଅରବିନ୍ଦ ସିହ୍ନା, ଏଜିଏମ୍ ସରୋଜ କୁଆଁର, ଏଜିଏମ୍ ରୋସନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅତ୍ୟାଧୁନିକ ଡିଜାଇନ୍ ଏବଂ ଉନ୍ନତ ବୈଶିଷ୍ଟ୍ୟ ବିଶିଷ୍ଟ ଏହି ମଡେଲ ବଜାରରେ ନୂଆ ଯୁଗ ଆରମ୍ଭ କରିବ । ଏହାର ଆଭ୍ୟନ୍ତରୀଣ ଡିଜାଇନ୍ 'ନିଉ କିଆ ସେଲଟସ'ର ବିଶାଳ ଅତ୍ୟାଧୁନିକ ଡିଜାଇନକୁ ଦର୍ଶାଉଛି । କିଆ ସେଲଟସରେ ଅତ୍ୟାଧୁନିକ ୨୧ ଟି ଅଟୋନୋମସ୍ ଆଡାସ ଲେଭେଲ ୨.୦ ରହିଛି । ଏହା ମଧ୍ୟ ଅଡ୍ଡାଟିଭ କ୍ରୁଜ୍ କଣ୍ଟ୍ରୋଲ, ଲେନ୍ କିପ ଆସିଷ୍ଟ, କଲିଜନ୍ ଆଡ଼ଭାନ୍ସ ରହିଛି । ଏହା ୪୬ ଭେରିଏଣ୍ଟ ସହିତ ମାର୍କେଟରେ ଉପଲବ୍ଧ । ଏହାର ଟେଷ୍ଟ ଡ୍ରାଇଭ୍ ମଧ୍ୟ କରିପାରିବେ । ସେହିପରି ସମ୍ବଲପୁର ସ୍ଥିତ ସେଣ୍ଟ୍ରାଲ କିଆର ଏକ୍ସକ୍ଲୁସିଭ ଶୋ'ରୁମ୍ ଆୟୋଜିତ ଉତ୍ସବରେ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ବଲପୁର ଜୋନର ଆଞ୍ଚଳିକ ମୁଖ୍ୟ ତାରିଣୀ ପ୍ରଧାନ, ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ବଲପୁର ଶାଖାର ମୁଖ୍ୟ ଶାଖା ପ୍ରବନ୍ଧକ ଶ୍ୟାମ ନନ୍ଦନ ତାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଉ ସେଲଟସ୍ କାର୍‌କୁ ଗ୍ରାହକଙ୍କ ସମ୍ମୁଖରେ ଅନାବରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆ ସମ୍ବଲପୁରର ଶାଖା ପ୍ରବନ୍ଧକ ଦେବାଶିଷ ଦାଶ, ସେଲ୍ସ ମ୍ୟାନେଜର୍ ସନ୍ଦୀପ ପାଢ଼ୀ ଓ ସମସ୍ତ ଷ୍ଟାଫ୍ ଉପସ୍ଥିତ ଥିଲେ ।



## ଓଡ଼ିଶା ସ୍କିଲ୍ସରେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିକୁ ସଫଳତା

**ଭୁବନେଶ୍ୱର, ୧୦।୧ (ସମିସ):** ରାଜ୍ୟସ୍ତରୀୟ ଦକ୍ଷତା ପ୍ରତିଯୋଗିତା 'ଓଡ଼ିଶାସ୍କିଲ୍ସ ୨୦୨୫-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟି (ସିଜିୟୁ) ର ଛାତ୍ରଛାତ୍ରୀମାନଙ୍କୁ ବଡ଼ ସଫଳତା ମିଳିଛି । ପ୍ରତିଯୋଗୀ ୨୭ଟି ଦକ୍ଷତା ବିଭାଗରେ ଅଂଶଗ୍ରହଣ କରି ୨୩ଟି ସ୍ୱର୍ଣ୍ଣ ପଦକ, ୧୯ଟି ରୌପ୍ୟ ଏବଂ ୨୧ଟି କାଂସ୍ୟ ପଦକ ହାସଲ କରି ରାଜ୍ୟର ସମସ୍ତ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଶୀର୍ଷ ସ୍ଥାନରେ ରହିଛନ୍ତି । ସିଜିୟୁ ଅଧ୍ୟକ୍ଷ ସଂଜୀବ କୁମାର ରାଉତ କହିଛନ୍ତି ଯେ ଭାରତ ସରକାରଙ୍କ ଜାତୀୟ ଶିକ୍ଷା ନୀତି ଅନୁସାରେ ୟୁନିଭର୍ସିଟି ତାର ସମସ୍ତ ପାଠ୍ୟକ୍ରମରେ ଦକ୍ଷତାକୁ ସାମିଲ କରିଛି । ଏହା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସେମାନେ ଦେଶ ବିଦେଶରେ ନିଯୁକ୍ତି ପାଇବାରେ ସଫଳତା ହାସଲ କରୁଛନ୍ତି । ସିଜିୟୁର ଏହି ପ୍ରଦର୍ଶନୀ ରାଜ୍ୟରେ ଦକ୍ଷତା ବିକାଶ ଓ ବୃତ୍ତିଗତ ଉତ୍କର୍ଷତା ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି ।



# ରାଜ୍ୟ ଖବର

## ପ୍ରତିଷ୍ଠା ଦିବସକୁ ନିଆରା ଭାବେ ପାଳନ କଲା ନିଃସ୍ୱାର୍ଥ ସେବା ଓଡ଼ିଶା

ଭୁବନେଶ୍ୱର,୧୦।୧(ସମିସ): ନିଃସ୍ୱାର୍ଥ ସେବା ଓଡ଼ିଶାର ସପ୍ତମ ପ୍ରତିଷ୍ଠା ଦିବସ କୁ ନିଆରା ଢଙ୍ଗରେ ପାଳନ କରିଛି ସଂଗଠନ । କୌଣସି ଚାକଚକ୍ୟ ଉତ୍ସବ ପାଳନ ନକରି ଜଣେ ଅସହାୟ କର୍କଟ ରୋଗୀଙ୍କ ମୁହଁରେ ହସ ଫୁଟାଇଛି । ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ କର୍କଟ ରୋଗୀଙ୍କୁ ୨୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି ସଂଗଠନର କର୍ମକର୍ତ୍ତା । ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲାର ୫୦ବର୍ଷୀୟ କର୍କଟ ରୋଗୀ ଜୟନ୍ତ ଗିରି ଦୀର୍ଘଦିନ ହେବ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ପରିବାରର ସେ ଏକମାତ୍ର ରୋଗାରିଆ ବ୍ୟକ୍ତି ହୋଇଥିବା ପରିବାର ଚଳିବା ସହ ତାଙ୍କର ଖର୍ଚ୍ଚ ତୁଲାଇବା କଷ୍ଟସାଧ୍ୟ ହୋଇପଡ଼ିଛି । ଏନେଇ ସାମାଜିକ ଗଣମାଧ୍ୟମରୁ ଖବର ପାଇବା ପରେ ନିଃସ୍ୱାର୍ଥ ଓଡ଼ିଶା ସଂଗଠନ ନିଜର ବାର୍ଷିକ କାର୍ଯ୍ୟକ୍ରମରେ ଅର୍ଥ ବିନିଯୋଗ ନକରି ଗରିବ ଉକ୍ତ ବ୍ୟକ୍ତିଙ୍କ ନିକଟକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ତେବେ ଅନୁଷ୍ଠାନର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ସେହିପରି ଭୁବନେଶ୍ୱର ଭରତପୁରରେ ଉଦ୍‌ଘାଟନ ହେବାକୁ ଥିବା ମୋ ଘର ବୃଦ୍ଧାଶ୍ରମକୁ ଆବଶ୍ୟକୀୟ ସାମଗ୍ରୀ ମଧ୍ୟ ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି । ଏହି ସାମାଜିକ କାର୍ଯ୍ୟକ୍ରମରେ ସଂଗଠନ ପ୍ରତିଷ୍ଠାତା ରଶ୍ମି ରଞ୍ଜନ ମାର୍ଥା, ସଭାପତି ମିଥୁନ ନାୟକ, ସମ୍ପାଦକ ଅମରଜିତ ବାରିକ, ରିଙ୍କୁ ଷଡଙ୍ଗୀ, ତାରାଶଙ୍କର ସାହୁ, ସୁଶାନ୍ତ ସାମନ୍ତରାୟ, ଜ୍ୟୋତିରଞ୍ଜନ ତ୍ରିପାଠୀ ଓ ରାଜଧାନୀ ସେବାସଂଘର ସଭାପତି ଧୀରେନ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

**କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ**




## ୧୧ରୁ ହୀରକ ତ୍ରିଭୁଜରେ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହ

ଭୁବନେଶ୍ୱର, ୧୦।୧ (ସମିସ): ଲାଇଟ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହର ଦ୍ୱିତୀୟ ସଂସ୍କରଣ ଏବଂ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀର ଆୟୋଜନ କରାଯିବ । ବିଶ୍ୱବିଖ୍ୟାତ ବୌଦ୍ଧପୀଠ ରତ୍ନଗିରି-ଉଦୟଗିରି-ଲଳିତଗିରି (ଓଡ଼ିଶାର ହୀରକ ତ୍ରିଭୁଜଠାରେ ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଛଅ ଦିନ ଧରି ପ୍ରାର୍ଥନା ସଭାର ଆୟୋଜନ ହେବା ସହ ଜାନୁଆରୀ ୧୪ ଏବଂ ୧୫ ତାରିଖ ଦିନ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀର ଆୟୋଜନ କରାଯିବ । କାର୍ଯ୍ୟକ୍ରମରେ ଦେଶ ବିଦେଶର ବୌଦ୍ଧଗୁରୁ, ବୌଦ୍ଧ ଧର୍ମାବଲମ୍ବୀ, ଗବେଷକ ଓ ବିଶିଷ୍ଟ ଐତିହାସିକମାନେ ଯୋଗ ଦେବେ । ଗୁରୁ ପଦ୍ମସମ୍ଭବଙ୍କ ଜୀବନୀ ଓ ଶିକ୍ଷା ଏବଂ ବୌଦ୍ଧଧର୍ମ ସମ୍ବନ୍ଧରେ ଆଲୋଚନା ହେବା ସହ ଓଡ଼ିଶାରେ ରହିଥିବା ବୌଦ୍ଧ କୀର୍ତ୍ତିରାଜି, ପର୍ଯ୍ୟଟନ ସ୍ଥଳୀ ଏବଂ ବୌଦ୍ଧଧର୍ମର ଇତିହାସ ଏବଂ ପ୍ରଚାରପ୍ରସାରରେ ଓଡ଼ିଶାର ଭୂମିକାକୁ ନେଇ ସୁବିସ୍ତୃତ ଆଲୋଚନା କରାଯିବ । ଆନ୍ତର୍ଜାତିକ ସମ୍ମିଳନୀରେ ହେବାକୁ ଥିବା ବୌଦ୍ଧଧର୍ମ ସମ୍ବନ୍ଧୀୟ ସମସ୍ତ ଆଲୋଚନାର ନିଷ୍କର୍ଷକୁ ନେଇ ଏକ ପୁସ୍ତକ ପ୍ରକାଶନ କରାଯିବାର ମଧ୍ୟ ଯୋଜନା ରହିଛି ।

## ମେଡିକାଲ ଓ ବୈଷୟିକ ଶିକ୍ଷାରେ ପଛୁଆ ବର୍ଗକୁ ୧୧.୨୫% ସଂରକ୍ଷଣ

ଭୁବନେଶ୍ୱର, ୧୦।୧(ସମିସ): ମେଡିକାଲ ଶିକ୍ଷା ପାଇଁ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କୁ ମିଳିବ ସଂରକ୍ଷଣ । ପୂର୍ବରୁ ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ପିଲାଙ୍କୁ ମିଳୁଥିବା ସଂରକ୍ଷଣ ଦ୍ୱିଗୁଣିତ ହେବ । ଆସନ୍ତା ଶିକ୍ଷାବର୍ଷରୁ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଗତ ୨୨ରେ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗର 'ନୀତି ନିର୍ଦ୍ଧାରଣ କମିଟି' ବୈଠକରେ ସଂରକ୍ଷଣ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ପାଇଁ ସୁପାରିଶ କରାଯାଇଛି । ଏନେଇ ବିରୋଧୀ ବିଜେଡି ସମେତ ବିଭିନ୍ନ ସାମାଜିକ ସଂଗଠନ ଲଗାତାର ଭାବେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଆସୁଥିଲେ । ବିଶେଷକରି ନିକଟରେ ଉଚ୍ଚଶିକ୍ଷାରେ ରାଜ୍ୟ ସରକାର ସଂରକ୍ଷଣ ଘୋଷଣା କରିଥିଲେ ହେଁ ମେଡିକାଲ ତଥା ବୈଷୟିକ ଶିକ୍ଷାରୁ ଏ ପ୍ରକାରର ସଂରକ୍ଷଣକୁ ବାଦ୍ ଦେଇଥିଲେ । ଯାହାକୁ ନେଇ ବିଜେଡି ତୀବ୍ର ସ୍ୱର ଉତ୍ତୋଳନ କରିଥିଲା । ଫଳସ୍ୱରୂପ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଥିବା କୁହାଯାଉଛି ।

ନୂତନ ସୁପାରିଶ ଅନୁଯାୟୀ, ମେଡିକାଲ ଓ ବୈଷୟିକ ଶିକ୍ଷାରେ ପଛୁଆ ବର୍ଗ (ଓବିସି/ ଏସ୍‌ଇବିସି) ଛାତ୍ରଛାତ୍ରୀଙ୍କୁ ୧୧.୨୫% ସଂରକ୍ଷଣ ପ୍ରଦାନ କରାଯିବ । ସେହିପରି ପୂର୍ବରୁ ଏସ୍‌ସି ବର୍ଗର ପିଲାଙ୍କୁ ୮% ସଂରକ୍ଷଣ ମିଳୁଥିବା ବେଳେ ଏହାକୁ ଦ୍ୱିଗୁଣିତ ଅର୍ଥାତ୍ ୧୬.୨୫% ଏବଂ ଏସ୍‌ଟି ବର୍ଗର ପିଲାଙ୍କୁ ମିଳୁଥିବା ୧୨% ସଂରକ୍ଷଣକୁ ବଢ଼ାଯାଇ ୨୨.୫୦% କରାଯିବ । ଅର୍ଥାତ୍ ମେଡିକାଲ୍ ଓ ବୈଷୟିକ ଶିକ୍ଷା ପାଇଁ ସମୁଦାୟ ୫୦% ସିଟ୍ ସଂରକ୍ଷିତ ରହିବ । ଏହାବ୍ୟତୀତ ଅନ୍ୟ ସମସ୍ତ ସଂରକ୍ଷଣ ହାର ଅପରିବର୍ତ୍ତିତ ରଖିବାକୁ କମିଟି ସୁପାରିଶ କରିଛି । ଗତବର୍ଷ ପଛୁଆବର୍ଗ ପିଲାଙ୍କ ପାଇଁ ସଂରକ୍ଷଣ ପ୍ରଦାନ କରିବାକୁ ସରକାର ଘୋଷଣା କରିଥିଲେ । ଏଣୁ କମିଟି ରିପୋର୍ଟକୁ କ୍ୟାବିନେଟ୍ ଅନୁମୋଦନ ପରେ ନୂତନ ସଂରକ୍ଷଣ ନୀତି ଲାଗୁ କରାଯିବ ବୋଲି ଜଣାପଡ଼ିଛି । ଏହାଦ୍ୱାରା ମେଡିକାଲ ଶିକ୍ଷା ସମେତ ଇଞ୍ଜିନିୟରିଂ, ଏମ୍‌ବିଏ ଏମ୍‌ସିଏ ଭଳି ବୃତ୍ତିଗତ ପାଠ୍ୟକ୍ରମରେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପରି ସମାନ ସଂରକ୍ଷଣ ସୁବିଧା ମିଳିବ ।

- ସରକାରଙ୍କୁ ସୁପାରିସ କଲା ବିଭାଗର ନୀତି ନିର୍ଦ୍ଧାରଣ କମିଟି
- ଏସ୍‌ସି ଓ ଏସ୍‌ଟି ପିଲାଙ୍କ ସଂରକ୍ଷଣ ହେବ ଦ୍ୱିଗୁଣିତ
- ନର୍ସିଂ ପ୍ରବେଶିକା ପରୀକ୍ଷା ଓ କାଉନସେଲିଂ କରିବ ଓଜେଇଇ
- ଆସନ୍ତା ୨୭ରୁ ଆବେଦନ; ମେ' ୧୧ରୁ ପରୀକ୍ଷା
- ଦୃଢ଼ ଦାବି ଉପସ୍ଥାପନ କରିଥିଲା ବିଜେଡି

ଅନୁରୂପ ଭାବେ ନୀତି ନିର୍ଦ୍ଧାରଣ କମିଟି ପକ୍ଷରୁ ନର୍ସିଂ ଶିକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ଏକ ବଡ଼ ପରିବର୍ତ୍ତନ ପାଇଁ ସୁପାରିଶ କରାଯାଇଛି । ପୂର୍ବରୁ ଡିଏମ୍‌ଇଟି ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ନର୍ସିଂ ପାଠ୍ୟକ୍ରମ (ଏଏନ୍‌ଏମ୍ ଓ ଜିଏନ୍‌ଏମ୍) ପାଇଁ ପ୍ରବେଶିକା ପରୀକ୍ଷା ଓ କାଉନସେଲିଂ ପ୍ରକ୍ରିୟାକୁ ଓଜେଇଇ ପରିଚାଳନା କରିବ । ଓଜେଇଇ ହିଁ ସମ୍ପୂର୍ଣ୍ଣ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବ । ପ୍ରବେଶିକା ପରୀକ୍ଷାରେ ପ୍ରଦର୍ଶନ ଆଧାରରେ ହିଁ ରାଙ୍କକ୍ରମଙ୍କ ପ୍ରସ୍ତୁତ ହେବ ଓ କ୍ୟାରିୟର ମାର୍କ କେବଳ ଯୋଗ୍ୟତା ପାଇଁ ବିଚାରକୁ ନିଆଯିବ । ଓଜେଇଇ ପରୀକ୍ଷା ପରିଚାଳନା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଆଧୁନିକ କରିବା ପାଇଁ ପୁରୁଣା ଭିତ୍ତିଭୂମି ଥିବା ପରୀକ୍ଷା କେନ୍ଦ୍ର ବଦଳରେ ଅତ୍ୟାଧୁନିକ ସୁବିଧା ଥିବା ନୂତନ କେନ୍ଦ୍ର ଚୟନ କରାଯିବ ।

ଅପରପକ୍ଷରେ ୨୦୨୬-୨୭ ଶିକ୍ଷାବର୍ଷରେ ନାମଲେଖା ପାଇଁ ଓଜେଇଇ ଆବେଦନ ପ୍ରକ୍ରିୟା ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ ବୋଲି ଓଜେଇଇ ସୂତ୍ରରୁ ଜଣାପଡ଼ିଛି । ମାର୍ଚ୍ଚ ୨୬ ମଧ୍ୟରେ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ମେ' ୧୧ରୁ ୧୭ ତାରିଖ ମଧ୍ୟରେ ବିଭିନ୍ନ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ମେ' ୩୧ ସୁଦ୍ଧା ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇବ । ଜୁନ୍‌ରୁ କାଉନସେଲିଂ ପ୍ରକ୍ରିୟା ଆରମ୍ଭ ହୋଇ ଜୁଲାଇ ୩୧ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି । ସମସ୍ତ ନାମଲେଖା ପ୍ରକ୍ରିୟା ଅଗଷ୍ଟ ୧୫ ସୁଦ୍ଧା ସାରି ଠିକ୍ ସମୟରେ ପାଠପଢ଼ା ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି । କମିଟିର ସୁପାରିଶ ଆଧାରରେ ଓଜେଇଇ କ୍ୟାଲେଣ୍ଡରକୁ ରାଜ୍ୟ ସରକାର ଅନୁମୋଦନ କରିଥିବା ଶୁକ୍ରବାର ଓଜେଇଇ ଅଧ୍ୟକ୍ଷଙ୍କୁ ବିଭାଗ ପକ୍ଷରୁ ଅବଗତ କରାଯାଇଛି ।

■ କେନ୍ଦ୍ର ପ୍ରାକ-ବଜେଟ୍ ପରାମର୍ଶ ବୈଠକ

## ଓଡ଼ିଶା ପକ୍ଷରୁ ୯ ଦାବି ରଖିଲେ ପ୍ରଭାତୀ

ଭୁବନେଶ୍ୱର,୧୦।୧(ସମିସ): ଜଳଜୀବନ ମିଶନ ଅଧୀନରେ କାର୍ଯ୍ୟାନ୍ୱୟନ ହେଉଥିବା ପ୍ରକଳ୍ପ ସଠିକ୍ ସମୟରେ ନିର୍ମାଣ କରାଯାଇପାରୁନାହିଁ । କେନ୍ଦ୍ର ସରକାର ନିଜର ଭାଗ ଅର୍ଥ ସଠିକ୍ ସମୟରେ ପ୍ରଦାନ କରୁନଥିବାରୁ ଏହାର ସମୟୋପଯୋଗୀ କାର୍ଯ୍ୟାନ୍ୱୟନରେ ବାଧା ଉପୁଜୁଛି । ପ୍ରତ୍ୟକ୍ଷରେ ନହେଲେ ମଧ୍ୟ ପରୋକ୍ଷରେ ଶନିବାର ନୂଆଦିଲ୍ଲୀରେ ଏନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଶନିବାର ନୂଆଦିଲ୍ଲୀରେ ଆୟୋଜିତ ୨୦୨୬–୨୭ ପାଇଁ କେନ୍ଦ୍ରୀୟ ପ୍ରାକ୍-ବଜେଟ୍ ପରାମର୍ଶ ବୈଠକରେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ ଜଳ ଜୀବନ ମିଶନ୍ ଅଧୀନରେ ଚାଲୁଥିବା ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରିବା ପାଇଁ ପର୍ଯ୍ୟାପ୍ତ ଅନୁଦାନ ଓ ସମୟୋପଯୁକ୍ତ ଅନୁଦାନ ପ୍ରଦାନ କରିବାକୁ ଦାବି କରିଛନ୍ତି । ସେହିପରି ରାଜ୍ୟର ଧାନକ୍ରୟ କାର୍ଯ୍ୟକୁ ସହଯୋଗ, ସମର୍ଥନ ସହ ଧାନ ସଂରକ୍ଷଣ ଭିତ୍ତିଭୂମି ବିକାଶ ତଥା ବିସ୍ତାରରେ କେନ୍ଦ୍ର ସହଯୋଗ କରିବାକୁ ସେ ଦାବି ଜଣାଇଛନ୍ତି । ବୈଠକରେ ରାଜ୍ୟ ପକ୍ଷରୁ ମୋଟ ୯ଟି ବିନ୍ଦୁ ଉପରେ ଦାବି, ଅନୁରୋଧ ରଖିଛନ୍ତି ଉପ-ମୁଖ୍ୟମନ୍ତ୍ରୀ । ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା । ୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ଓଡ଼ିଶା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ସମ୍ମିଳିତ ପାଇଁ ଏକ ଲିଖିତ ସ୍ମାରକପତ୍ର ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପୂର୍ବୋଦୟ ଭିଜନ୍ ଅଧୀନରେ ବିକଶିତ ଓଡ଼ିଶା ପାଇଁ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ସମର୍ଥନ ଲୋଡ଼ିଛନ୍ତି । ଏତଦ୍ ବ୍ୟତୀତ ବୈଠକରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ଦାବି ମଧ୍ୟ ସେ ଉପସ୍ଥାପିତ କରିଥିବା ଜଣାପଡ଼ିଛି ।